

ମହେଶ ବାବୁଙ୍କ ଫଟୋ ଲିକ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-15 ♦THURSDAY ♦09 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୫ ♦ଗୁରୁବାର ♦୦୯ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ଟ୍ରମ୍ପଙ୍କ ଧମକ ପରେ ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ

# ଶାନ୍ତି ଚୁକ୍ତି ରଦ୍ଦ, ଆକ୍ରମଣ ଜୋର୍‌ଦାର୍

■ ଅଙ୍କାରା/ୱାଶିଂଟନ, ୮।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଏବେ ଅତି ଭୟାନକ ରୂପ ଧାରଣ କରିବାକୁ ଯାଉଛି। ମାତ୍ର ତିନି ସପ୍ତାହ ପୂର୍ବରୁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତି କ୍ରୋଧିତ ସ୍ୱରରେ ଇରାନ ସହିତ ଶାନ୍ତି ଚୁକ୍ତି ଶେଷ ହୋଇଥିବା ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯୁଦ୍ଧବିରତି ମଧ୍ୟ ଶେଷ ହୋଇଛି। ଆଜି ରାତିରେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ସେ ପୁଣି ଥରେ ଧମକ ଦେଇଛନ୍ତି। ଏହା ସହିତ ଇରାନ ଉପରେ ଆର୍ଥିକ କଟକଣାକୁ ଅଧିକ ଦୃଢ଼ କରିବାକୁ ଘୋଷଣା କରି ଟ୍ରମ୍ପ କହିଛନ୍ତି ଯେ ଇରାନକୁ ତେଲ ବିକ୍ରି ପାଇଁ ଅନୁମତିକୁ ମଧ୍ୟ ବାତିଲ କରିଦେଇଛି।

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ତାଙ୍କ ପାଇଁ ଏହି ଚୁକ୍ତିର ଆଉ କୌଣସି ମୂଲ୍ୟ ନାହିଁ ଏବଂ ସେ ଇରାନ ସହିତ ଆଉ କୌଣସି ସମ୍ପର୍କ ରଖିବାକୁ ଚାହାଁନ୍ତି ନାହିଁ। ଇରାନର ନେତାମାନଙ୍କୁ ଅତି ଦୁଷ୍ଟ, ନିଷ୍ଠୁର ଏବଂ ମାନସିକ ଅସୁସ୍ଥ ବୋଲି ଅଭିହିତ କରି ଟ୍ରମ୍ପ କହିଛନ୍ତି ଯେ, ସେମାନେ ସମ୍ପୂର୍ଣ୍ଣ ମିଥ୍ୟାବାଦୀ ଏବଂ ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାନ୍ତା, ତେବେ ସେମାନେ ନିଶ୍ଚିତ ଭାବେ ଏହାର ପ୍ରୟୋଗ କରିସାରନ୍ତେଣି। ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଆଲୋଚନାକୁ ସେ ସମ୍ପୂର୍ଣ୍ଣ ସମୟ ନଷ୍ଟ ବୋଲି କହିଛନ୍ତି। ତେବେ ଆଲୋଚନା ଜାରି ରହିବ ବୋଲି ସେ କହିଛନ୍ତି।



**ହର୍ମୁଜ୍‌ରେ ଭାରତୀୟ ତୈଳ ଜାହାଜକୁ ଫେରାଇଦେଲା ଇରାନ**

ଟ୍ରମ୍ପଙ୍କ ଧମକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀରେ ଓମାନ ଉପକୂଳ ଦେଇ ଭାରତ ଆସୁଥିବା ଏକ ବାଣିଜ୍ୟିକ ଜାହାଜ ସମେତ ତିନୋଟି ଜାହାଜ ଉପରେ ଇରାନ ଆକ୍ରମଣ କରିବା ପରେ ଏହି ସଙ୍କଟ ତୀବ୍ର ହୋଇଛି। ଏହାର ଜବାବରେ ଆମେରିକା ଗତ ରାତିରେ ଇରାନର ୮୦ରୁ ଅଧିକ ସାମରିକ ଘାଟି, କ୍ଷେପଣାସ୍ତ୍ର କେନ୍ଦ୍ର ଏବଂ ବନ୍ଦର ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ସପ୍ତାହ ବ୍ୟାପୀ ଚାଲିଥିବା ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ହିଁ ଏହି ଆକ୍ରମଣ ହୋଇଛି। ଅପରପକ୍ଷରେ, ଇରାନ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କୁଏତ ଏବଂ ବାହରିନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିବା ଦାବି କରିଛି। ▶ପୃଷ୍ଠା-୭

### ଦୋହଲିଗଲା ପୁଞ୍ଜିବଜାର

# ବୁଡ଼ିଗଲା ୧୦ ଲକ୍ଷ କୋଟି

■ ମୁମ୍ବଇ, ୮।୭ (ଏଜେନ୍ସି): ବୁଧବାର ଭାରତୀୟ ସେୟାର ବଜାରକୁ ଲାଗିଛି ବଡ଼ ଝଟ୍‌କା। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ସମାପ୍ତ ହେବାର ଘୋଷଣା ପରେ ଭାରତୀୟ ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍‌ଟି କ୍ରାସ କରିଯାଇଛି। ଏହି ଘୋଷଣା ସହ ଘରୋଇ ପୁଞ୍ଜି ବଜାରରେ ହାହାକାର ସୃଷ୍ଟି ହୋଇଛି। ଫଳରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟିଛି। ବଜାର ଅସ୍ଥିରତା ମଧ୍ୟରେ ପ୍ରବଳ ବିକ୍ରିବଟା ଯୋଗୁଁ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି।

ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ଆଜି ମାତ୍ର ୨୦ ମିନିଟ୍ ମଧ୍ୟରେ ଘରୋଇ ପୁଞ୍ଜି ବଜାରରେ ୧୦୦୦ ପଏଣ୍ଟ ହ୍ରାସ ପାଇଛି। ଏହାଫଳରେ ସେନ୍‌ସେକ୍ସ ଏବଂ ନିଫ୍‌ଟି ଉଭୟରେ ୨%ରୁ ଅଧିକ ହ୍ରାସ ଘଟିଛି। ଅପରାହ୍ନରେ କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟି ୭୬,୫୦୩.୬୦ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍‌ଟିରେ ୫୧୬.୬୫ ପଏଣ୍ଟ ହ୍ରାସ ପାଇ ୨୩,୮୮୨.୦୫ ପଏଣ୍ଟ ସ୍ତର ତଳକୁ ଖସିଯାଇଛି। ଏହାଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୪୭୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଦିନ ଯାକର କାରବାରରେ ସେନ୍‌ସେକ୍ସ ୧୯୦୦ ପଏଣ୍ଟରୁ ଅଧିକ ଖସିଥିବାବେଳେ ନିଫ୍‌ଟିରେ ୫୯୩ ପଏଣ୍ଟ ହ୍ରାସ ହୋଇଛି। ଆଜି ସେନ୍‌ସେକ୍ସର ସମସ୍ତ ଷ୍ଟକ୍ ▶ପୃଷ୍ଠା-୭



**ଅଶୋଧିତ ତେଲ ଛୁଇଁଲା ୮୦ ଡଲାର୍**

# ମମତାଙ୍କ ଚିନ୍ତା ବଢ଼ାଇଲା ଇଡି

### ଟିଏମ୍‌ସିର ୪୪୦ କୋଟିର ବ୍ୟାଙ୍କ ଜମା ଜବତ

■ କୋଲକାତା, ୮।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ନେଇ ଅନୁଗତ ଏବଂ ବି।।ଦ୍ରୋହୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅର୍ଥ ହେରଫେର ମାମଲାରେ ପାର୍ଟିର ୪୪୦ କୋଟି ଟଙ୍କାର ତିନିଟି ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ମମତା ଓ ବିଦ୍ରୋହୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଟିଏମ୍‌ସି ବ୍ୟାଙ୍କ ଜମାକୁ ପୂର୍ବରୁ ରାଜ୍ୟ ପୋଲିସ ସିଜ୍ କରିଥିବା ବେଳେ ଇଡି ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ରାଜ୍ୟ ରାଜନୀତିରେ ପୁଣି ହଟଚମଟ ସୃଷ୍ଟି ହୋଇଛି। ଆର୍ଥିକ ଦୃଷ୍ଟିରୁ ମମତାଙ୍କ ପାର୍ଟିକୁ ପଙ୍ଗୁ କରିବା ଲାଗି ଏହା ଏକ ଚକ୍ରାନ୍ତ ବୋଲି କେତେକ ଟିଏମସି ନେତା ଅଭିଯୋଗ କରିଛନ୍ତି। କିନ୍ତୁ ମମତାଙ୍କ ପକ୍ଷରୁ ଏସଂପର୍କରେ କିଛି କୁହାଯାଇ ନାହିଁ। ତେବେ ଇଡିର ଏହି କାର୍ଯ୍ୟାନୁଷ୍ଠାନ ମମତାଙ୍କ ପାଇଁ ଆଉ ଏକ ଝଟକା ବୋଲି କୁହାଯାଉଛି। ଇଡି ଦ୍ୱାରା କୌଣସି ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି।

ଇଡି ପକ୍ଷରୁ କୁହାଯାଇଛି ଯେ ଅର୍ଥ ହେରଫେର ନିବାରଣ ଆଇନ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ତିନୋଟି ବ୍ୟାଙ୍କ ଖାତାରେ ଥିବା ପ୍ରାୟ ୪୪୦ କୋଟି ଟଙ୍କା ଜବତ କରାଯାଇଛି। ଏହି ଅର୍ଥ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ତିନିଟି ଆକାଉଣ୍ଟରେ ଥିଲା। କେଆରୱେଲ ଆଭିଏସନ ନାମକ ଏକ ବିମାନ ସେବା ସଂସ୍ଥା ସହ ପାର୍ଟିର ସନ୍ଦିଗ୍ଧ ଆର୍ଥିକ କାରବାରର ତଦନ୍ତ ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ସଂସ୍ଥାର ୫ଟି କେନ୍ଦ୍ର ଉପରେ ଚଢ଼ାଉ କରାଯିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିଲା। ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ଦଳର ବ୍ୟାଙ୍କ ଖାତାରୁ ପ୍ରାୟ ୧୬୦ କୋଟି ଟଙ୍କା ଏକ ବିମାନ ସେବା କମ୍ପାନୀ ଏବଂ ଏହାର ସହଯୋଗୀ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଅର୍ଥରେ ଏକ ବିମାନ ଓ ଏକ ହେଲିକପ୍ଟର କିଣାଯାଇଥିବା ବେଳେ ପରେ ସେଗୁଡ଼ିକୁ ପୁଣି ତୃଣମୂଳ କଂଗ୍ରେସକୁ ଭଡ଼ାରେ ଦିଆଯାଇଥିଲା। ଏହି କାରବାରର ପ୍ରକୃତ ଉଦ୍ଦେଶ୍ୟ ଏବଂ ଅର୍ଥର ବ୍ୟବହାରକୁ ନେଇ ତଦନ୍ତ ଜାରି ରହିଛି। ▶ପୃଷ୍ଠା-୭




**ଇଡି ଦ୍ୱାରା ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା**

**ମମତା ଓ ଅଭିଷେକଙ୍କୁ ଜେରା କରିପାରେ ଇଡି**

# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

### ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନର କରିବେ ଶୁଭାରମ୍ଭ

■ ଭୁବନେଶ୍ୱର, ୮।୭ (ସମିସ): ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍। ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ 'ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ। ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ କାର୍ଯ୍ୟକାରୀ ହେବା ଦ୍ୱାରା ଓଡିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ▶ପୃଷ୍ଠା-୭



### ଆଜାଦ ନଗର ବିସ୍ଫୋରଣ ଘଟଣା

# ୟୁପିରୁ ବନ୍ଧାହେଲା ମଫିର ସହଯୋଗୀ

■ ଭୁବନେଶ୍ୱର ୮।୭ (ସମିସ): ସୁନ୍ଦରପଦା ଆଜାଦ ନଗରରେ ଘଟିଥିବା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ତଦନ୍ତ ଆଗକୁ ବଢ଼ିଛି। ଘଟଣା ପରଠାରୁ ଉତ୍ତରପ୍ରଦେଶରେ ଲୁଚିଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି ଏନ୍‌ଆଇଏ। ଗିରଫ ଅଭିଯୁକ୍ତ ହେଉଛି ପଟିଆର ସାନୁ ଓରଫ୍ ରୋହନ ରଞ୍ଜନ ରାଉତ। ପାତ୍ରପଡ଼ା ଥାର୍ ଦୁର୍ଘଟଣା ବା ହିଟ୍ ଆଣ୍ଡ ରନରେ ମାଆ ଝିଅଙ୍କ ମୃତ୍ୟୁ ଘଟଣାରେ ରୋହନ ଖଣ୍ଡଗିରି ପୁଲିସ ଦ୍ୱାରା ଗିରଫ ହୋଇଥିଲା। ସୂଚନା ଅନୁସାରେ, ଅଭ୍ୟାସଗତ ଅପରାଧୀ ସେହେନବାଜ ମଲ୍ଲିକ ଓରଫ୍ ମଫି ତା'ର ପରିବାର ସହ ▶ପୃଷ୍ଠା-୭



### ୧୪ ଜୁଆଙ୍ଗଙ୍କ ଜୀବନ ଯିବା ପରେ ଚେତିଲେ ସରକାର

# ପ୍ରବାସୀ ଶ୍ରମିକଙ୍କ ହିସାବ ରଖାଯିବ

**ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ସମସ୍ତ ତଥ୍ୟ ସଂଗ୍ରହ ହେଉଛି: ଶ୍ରମମନ୍ତ୍ରୀ**

**କାର୍ଯ୍ୟଦକ୍ଷତା ଭିତ୍ତିରେ ଦିଆଯିବ କର୍ମନିଯୁକ୍ତି**

**ରାଜ୍ୟସାରା ଦଲାଲ୍ ସକ୍ରିୟ ଥିବା ନେଇ କଲେ ସ୍ୱୀକାର**

**ବୈଠକରେ ସୀମିତ ଟାସ୍କଫୋର୍ସ ଭୂମିକା**

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ କ୍ଷମତାକୁ ଆସିଲେ ଓଡ଼ିଶାକୁ ଦାଦନମୁକ୍ତ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବା ପରେ ଏ କ୍ଷେତ୍ରରେ ଏକ ଟାସ୍କଫୋର୍ସ ଗଠନ ବି ହୋଇଥିଲା। ମାତ୍ର ୨ ବର୍ଷ ବିତିବା ପରେ ମଧ୍ୟ ଟାସ୍କ ଫୋର୍ସର ଭୂମିକା କେବଳ ବୈଠକ ମଧ୍ୟରେ ସୀମିତ ରହିଛି। ଟାସ୍କ ଫୋର୍ସର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ସର୍ବାଧିକ ଦାଦନ ଚାଲାଣ ହୋଇଥିବା ରିପୋର୍ଟ ଆସିଥିବାବେଳେ ଏବେ କେନ୍ଦୁଝର ଜିଲ୍ଲାର ୧୫ ଶ୍ରମିକ ତାମିଲନାଡୁ ଗ୍ୟାସ ଟ୍ରାଜେଡ଼ିର ଶିକାର ହୋଇ ପ୍ରାଣ ହରାଇବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ଏହି ସମୟରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ଓଡ଼ିଶା ଫେରାଇ ଅଣାଯିବ ଓ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ଶ୍ରମମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ। ରାଜ୍ୟ ବାହାରେ ଥିବା ଦାଦନ ▶ପୃଷ୍ଠା-୭

# ରାଜ୍ୟ ବିଜେପିରେ 'ଆମଦାନୀ' ଫାଟ

### ଆମଦାନୀ ନେତାଙ୍କ ପାଇଁ ପୁରୁଣା ନେତାଙ୍କୁ ଉପେକ୍ଷା

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ ପ୍ରଥମଥର ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜେପି ଶାସନ ଗାଦିରେ ବସିଛି। ଇତିମଧ୍ୟରେ ଦୁଇବର୍ଷ ବିତିଥିଲେ ହେଁ ସରକାର ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ଓ ବିଭିନ୍ନ ନିଗମ ମୁଖିଆଙ୍କୁ ନିଯୁକ୍ତ କରିପାରୁ ନାହାନ୍ତି। ରାଜ୍ୟ ସଭାପତି ଠିକ୍ ସମୟରେ ଠିକ୍ ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି, ମୁଖ୍ୟମନ୍ତ୍ରୀ ଏ କ୍ଷେତ୍ରରେ ନିରବତା ଅବଲମ୍ବନ କରୁଛନ୍ତି। ମଝିରେ ମଝିରେ ରାଜସ୍ୱ ମନ୍ତ୍ରୀ ନିଗମ ନିଯୁକ୍ତିକୁ ନେଇ ଆଶାୟୀଙ୍କୁ ଆଶା ଦେଖାଉଥିଲେ ହେଁ ଏଯାଏ ସେଥିରେ କୌଣସି ଅଗ୍ରଗତି ଘଟିନାହିଁ। ସଂଗଠନ ଓ ସରକାରରେ ସମନ୍ୱୟ ଓ ସ୍ଥିରତାକୁ ନେଇ ପ୍ରଶ୍ନ ଉଠୁଥିବା ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମୟରେ ଗତ ନିର୍ବାଚନରେ ପରାଜିତ ଓ କୋଣଠେସା ହୋଇଥିବା ବିରୋଧୀ ଦଳଗୁଡ଼ିକର କିଛି ନେତା ବିଜେପିରେ ଯୋଗଦାନ ଦଳରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ଦୀର୍ଘଦିନ ଧରି ଦଳରେ ପଡ଼ି ରହିଥିବା ପୁରୁଖା ଓ ପୁରୁଣା ନେତାମାନଙ୍କୁ ଗୁରୁତ୍ୱ ନ ଦେଇ ନବାଗତ ଆମଦାନୀ ନେତାଙ୍କୁ ଦଳ ଅଗ୍ରାଧିକାର ଦେଉଥିବା ଅଭିଯୋଗ କ୍ରମଶଃ ଦଳରେ ଅସନ୍ତୋଷର ଅବପାତ ସୃଷ୍ଟି କରିଛି।

**ତେଜୁଛି ପୁରୁଣା ଓ ନୂଆ ନେତାଙ୍କ ମଧ୍ୟରେ ବିଭେଦ**

ସାଧାରଣତଃ କ୍ଷମତାସୀନ ଦଳରେ ଯୋଗଦେବା ରାଜନୀତିରେ ଏକ ନିୟମିତ ଧାରା। ଅତୀତରେ ବିଜେପି ଓ କଂଗ୍ରେସର ନେତାମାନେ କ୍ଷମତାସୀନ ବିଜେଡିରେ ଯୋଗ ଦେଉଥିଲେ, ଏବେ ବିରୋଧୀ ବିଜେଡି ଓ କଂଗ୍ରେସର କିଛି ନେତା ବିଜେପିରେ ଯୋଗ ଦେଉଥିବା ଦେଖାଯାଉଛି। ବିଜେଡି ନେତାଙ୍କ ଯୋଗଦାନକୁ ଦଳ ପାଇଁ ଏକ ବଡ଼ ଲାଭ ବୋଲି ରାଜ୍ୟ ବିଜେପିର ନେତାମାନେ ଏକ ବାର୍ତ୍ତା ଦେବାକୁ ଚାହୁଁଥିଲେ ହେଁ ତୃଣମୂଳସ୍ତରରେ ଏହାକୁ ନେଇ ଅସନ୍ତୋଷକୁ ତୀବ୍ର କରିଛି। ଅନ୍ୟଦଳର ନେତାମାନଙ୍କ ▶ପୃଷ୍ଠା-୭


SINCE 1999 SYNERGY

SYNERGY

Accredited by NBA, New Delhi

NBA NATIONAL BOARD of ACCREDITATION ACCREDITED

(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)

Dhenkanal & Bhubaneswar (Phulnakhara)

Celebrating Glorious 26 Years

Admission 2026

For B.Tech. Regular | B.Tech. Lateral Entry | Working Professionals

Apply Now >

Through the website synergyinstitute.net/admission

OUR ACADEMIC PARTNERS

coursera | Cyber Dojo THE SCHOOL OF CYBERDEFENSE | futureskills prime A MeitY - NASSCOM Digital Skilling Initiative | campus connect An Infosys Industry-Academia Partnership Program

SPECIALISATION COURSES

Computer Science & Engineering
- Cloud Computing & Data Science
- Data Engineering & Mainframe Dev.
- Cyber Security & Analyst
- Block Chain Technology
- Embedded System & Industrial IOT
- Data Science & Big Data
- Artificial intelligence & Machine Learning
- Image & Video Processing
- UI Design & Mobile App Development
- Web Development Application Design
- Augmented Reality & Virtual Reality
- Full Stack Development

Electrical Engineering

MATLAB & Simulink | Installation & Maintenance of Solar Power | PLC, SCADA | Energy Management | Electrical Equipment Repair & Maintenance | Industrial Automation

Mechanical Engineering

Hybrid Electric Vehicle Design | AutoCAD | Solid Works | Ansys | CNC Milling & Turning | Robotics | 3D Printing | Advance Welding | Performance analysis of Bio fuels

Civil Engineering

Revit | Mat Lab | Manual Engineering Drawing | Introduction to architectural designing | 3D Max. | GIS

B.Tech. & B.Tech. Lateral Entry — Courses : Computer Science | Computer Science with AI&ML | Mechanical | Civil | Electrical

Providing Professional Certificate Courses along with B.Tech Programs (Collaboration with COURSERA )

Google | IBM | Meta | INTUIT | HubSpot | salesforce

Placement Highlights
- 2025-2026 | 22 Recruiters | 292 contd.
- 2024-2025 | 26 Recruiters | 267 + offers
- 2023-2024 | 33 Recruiters | 297 + offers
- 2022-2023 | 28 Recruiters | 244 + offers
- 2021-2022 | 25 Recruiters | 282 + offers

We provide PLACEMENT opportunities to eligible students those who have minimum 60% career, 90% attendance & no back papers

SOME OF OUR RECRUITERS... accenture | AIRDIT SOFTWARE | Apptimate | Calibo | Capgemini | cognizant | Infosys | innostax | ORACLE | tcs | Ubona | wipro | Aceron | Jio | GMR | Tech Mahindra | EMERSON | MICHELIN | softtech | Deloitte. | IBM | and many more

FACILITIES & FEATURES
- State-of-the-art infrastructure
- Serene academic ambience
- Updated Labs
- 24x7 Internet facilities
- Digital Classrooms
- Multi storied Library
- Study tours
- Separate hostels for boys and girls
- Visiting faculties from reputed institutions
- Scholarships and Financial Aids
- Special Courses to Prepare Students for the Industry
- Internship & Placement facilities

B.Sc. NURSING (Approved by DMET, Health & Family Welfare Dept.,Govt. of Odisha) | B.Sc. (ALL HONS.) (Recognised by Higher Education Department, Govt. of Odisha) | DIPLOMA (Approved AICTE, New Delhi & Affiliated to SCTE&VT, Odisha) | BBA (Affiliated & Recognised by BPUT, Odisha)

Govt. Approved Course Fees

GOVT. SCHOLARSHIPS for the Meritorious / SC / ST / OBC Students.

We invite you to visit to our institute & discover our potentiality. SEEING IS BELIEVING

Contact Details
DKL - 6372024980, 7978909283, 63728 51685
BBSR - 9861575524, 9348352445, 9437169419

synergyinstitute.ac.in
synergyinstitute.net

## ଆର୍‌ଟିଓଙ୍କ ଘରେ ୧୩ କିଲୋ ସୁନା, ୯ କିଲୋ ରୁପା, ଦେଢ଼ କୋଟି ଟଙ୍କା



ଲକ୍ଷ୍ନୌ, ୮।୭(ଏଜେନ୍ସି): ଉତ୍ତର ପ୍ରଦେଶ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଗ୍ରାର ପୂର୍ବତନ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ (ଏଆର୍‌ଟିଓ) ଲଳିତ କୁମାରଙ୍କ ବାସଭବନରେ ଚଢଉ କରାଯାଇ ବିପୁଳ ପରିମାଣର ସମ୍ପତ୍ତି ଜବତ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୁଲାଇ ୭ ଏବଂ ୮ରେ ଲକ୍ଷ୍ନୌର ଅଲିଗଞ୍ଜ ସ୍ଥିତ ତାଙ୍କ ବାସଭବନରେ ଏହି ସର୍ଚ୍ଚ ଅପରେସନ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଚଢଉ ସମୟରେ ଲଳିତ କୁମାରଙ୍କ ଘରର ବିଭିନ୍ନ ସ୍ଥାନରେ ବିଡ଼ା ବିଡ଼ା କରି ଲୁଚାଇ ରଖାଯାଇଥିବା ପ୍ରାୟ ୧.୬୨ କୋଟି ଟଙ୍କା ନଗଦ ଜବତ ହୋଇଥିଲା। ଏହା ବ୍ୟତୀତ, ତାଙ୍କ ଘରୁ ସୁନା ବିସ୍କୁଟ, ବାର୍ ଏବଂ ଅଳଙ୍କାର ଆକାରରେ ପ୍ରାୟ ୧୩ କିଲୋଗ୍ରାମ ସୁନା ଏବଂ ୯ କିଲୋଗ୍ରାମ ରୁପା ଉଦ୍ଧାର କରାଯାଇଛି। ସରକାରୀ ମୂଲ୍ୟ ଅନୁଯାୟୀ, ଜବତ ହୋଇଥିବା ଏହି ସୁନା ଓ ରୁପାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢଉ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବେଜ ମଧ୍ୟ ହାସଲ ହୋଇଛି। ସେଥିରେ ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରେ ପୁଞ୍ଜି ନିବେଶର ବିବରଣୀ ରହିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଲଳିତ କୁମାରଙ୍କର ଲକ୍ଷ୍ନୌ, ନୋଏଡା, ବାରାବଙ୍କି ଏବଂ ରାଏବରେଲିରେ ଅତି କମରେ ୧୫ଟି ଜମିଜମା ରହିଛି। ଏଥିମଧ୍ୟରେ ଆବାସିକ ଗୃହ, ପ୍ଲଟ୍, କୃଷି ଜମି ଏବଂ ବିଳାସପୂର୍ଣ୍ଣ ଫ୍ଲାଟ୍ ଅନ୍ତର୍ଭୁକ୍ତ। ସେଗୁଡ଼ିକର ମୂଲ୍ୟ ପ୍ରାୟ ୧୩ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହି ଘଟଣାରେ କାନପୁର ରେଞ୍ଜ୍ ଦୁର୍ନୀତି ନିବାରଣ ପୁଲିସ ଷ୍ଟେସନରେ ବିଭିନ୍ନ ଧାରା ଆଧାରରେ ମାମଲା ରୁଜୁ କରାଯାଇଛି। ଉଦ୍ଧାର କରାଯାଇଥିବା ଦସ୍ତାବେଜଗୁଡ଼ିକର ଯାଞ୍ଚ କରାଯାଉଛି। ଆଗାମୀ ଦିନରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।



## ଗୋଲ୍ଡିକୁ ଧରିବା ପାଇଁ ୫୦ ହଜାର ଡଲାର ପୁରସ୍କାର ଘୋଷଣା

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ବିରୋଧରେ ଚାଲିଥିବା ଆନ୍ତର୍ଜାତିକ ଅଭିଯାନ ମଧ୍ୟରେ ଆମେରିକାର ସଂଘୀୟ ତଦନ୍ତ ସଂସ୍ଥା ଏଫ୍‌ବିଆଇ ଗୋଲ୍ଡି ବ୍ରାରଙ୍କ ଗିରଫ ସମ୍ପର୍କରେ ସୂଚନା ଦେଲେ ୫୦ ହଜାର ଡଲାର ପୁରସ୍କାର ଘୋଷଣା କରିଛି। ପଞ୍ଜାବର ଫରିଦକୋଟର ବାସିନ୍ଦା ଗୋଲ୍ଡି ବ୍ରାର, ଯାହାଙ୍କ ପ୍ରକୃତ ନାମ ସତିନ୍ଦରଜିତ୍ ସିଂହ, ଭାରତରେ ଏକାଧିକ ହତ୍ୟା, ଜବରଦସ୍ତି ଆଦାୟ, ଅସ୍ତ୍ର ଓ ମାଦକ ଚୋରାଚାଲାଣ ଭଳି ସଙ୍ଗଠିତ ଅପରାଧରେ ଅଭିଯୁକ୍ତ। ଲୋକପ୍ରିୟ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ଘଟଣାର ପ୍ରମୁଖ ଷଡ଼ଯନ୍ତ୍ରକାରୀ ଭାବେ ମଧ୍ୟ ତାଙ୍କ ନାମ ଉଠିଥିଲା। ଆମେରିକୀୟ ତଦନ୍ତ ସଂସ୍ଥାର ଅଭିଯୋଗ ଅନୁସାରେ ସେ ଉତ୍ତର ଆମେରିକାରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର କାର୍ଯ୍ୟକଳାପ ପରିଚାଳନା କରୁଥିଲେ। ହତ୍ୟା, ଅପହରଣ, ଜବରଦସ୍ତି ଆଦାୟ, ମାଦକ ଓ ଅସ୍ତ୍ର ଚୋରାଚାଲାଣ ଭଳି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରହିଛି। ଗୋଲ୍ଡି ବ୍ରାରଙ୍କୁ ଧରିବା ପାଇଁ ଭାରତ ସମେତ ବିଭିନ୍ନ ଦେଶର ତଦନ୍ତକାରୀ ସଂସ୍ଥା ସକ୍ରିୟ ରହିଛନ୍ତି।

## ଅଟୋରେ ୪ ଶିଶୁଙ୍କୁ ଜନ୍ମଦେଲେ ମହିଳା, ସମସ୍ତଙ୍କର ମୃତ୍ୟୁ

ମାଣ୍ଡଲା, ୮।୭(ଏଜେନ୍ସି): ସମୟ ମତେ ଆମ୍ବୁଲାନ୍ସ ସେବା ନମିଳିବା କାରଣରୁ ମଧ୍ୟପ୍ରଦେଶର ମାଣ୍ଡଲା ସହରରେ ଜଣେ ଗର୍ଭବତୀ ମହିଳା ଅଟୋରିକ୍ସାରେ ହସ୍ପିଟାଲ ଯିବା ବାଟରେ ୪ ଜଣ ଅପରିପକ୍ୱ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଚିକିତ୍ସା ଅଭାବରୁ ସମସ୍ତ ୪ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ଦିନ ନାଇଗନୱା ଗ୍ରାମର ୨୮ ବର୍ଷୀୟା ରଜନୀ ସିନ୍ଧ୍ରାମଙ୍କୁ ହଠାତ୍ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ସେବା ଉପଲବ୍ଧ ହୋଇନଥିଲା। ବାଧ୍ୟ ହୋଇ ପରିବାର ଲୋକେ ଆଶାକର୍ମୀଙ୍କ ସହାୟତାରେ ତାଙ୍କୁ ଏକ ଅଟୋରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ବିଛିୟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା, ମାତ୍ର ବାଟରେ ହିଁ ମହିଳା ଜଣକ ଗୋଟିଏ ପରେ ଗୋଟିଏ ୪ଟି ସନ୍ତାନ ପ୍ରସବ କରିଥିଲେ। ହସ୍ପିଟାଲ ପହଞ୍ଚିବା ପରେ ଡାକ୍ତର ସମସ୍ତ ଶିଶୁଙ୍କୁ ମୃତ ଘୋଷଣା କରିଛନ୍ତି। ଡାକ୍ତରଙ୍କ ଅନୁଯାୟୀ, ମହିଳା ଜଣକ ପ୍ରାୟ ୭ ମାସର ଗର୍ଭବତୀ ଥିଲେ ଏବଂ ଶିଶୁମାନେ ସମ୍ପୂର୍ଣ୍ଣ ବିକଶିତ ହୋଇନଥିଲେ। ବର୍ତ୍ତମାନ ପ୍ରସୂତି ମହିଳାଙ୍କ ଅବସ୍ଥା ସ୍ଥିର ରହିଛି। ଆମ୍ବୁଲାନ୍ସ ସଠିକ୍ ସମୟରେ ପହଞ୍ଚିଥିଲେ ହୁଏତ ଏହି ନିଷ୍ପାପ ଶିଶୁମାନଙ୍କ ଜୀବନ ବଞ୍ଚିପାରିଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ପ୍ରହାର ଗିରଫ ହେଲେଣି ୨୪



ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜ୍ଜର ହତ୍ୟା ମାମଲାରେ ଭାରତୀୟ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ସଂପୃକ୍ତ ଥିବାରୁ ଏହି ଗ୍ୟାଙ୍ଗ ବିରୋଧରେ ଆମେରିକାର ଏଫ୍‌ବିଆଇର ବଡ଼ ଅନ୍ତର୍ଜାତୀୟ ଅପରେସନ୍ ଆରମ୍ଭ କରିଛି। ବିଷ୍ଣୋଇ ଗ୍ୟାଙ୍ଗର ୨୪ ଜଣଙ୍କୁ ଗିରଫ କରାଯାଇଛି। ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ 'ଅପରେସନ୍ ହାର୍ଡ ବଲ୍' ଅଧୀନରେ ଆମେରିକା, କାନାଡା ଏବଂ ସ୍ପେନରେ ବ୍ୟାପକ ଚଢ଼ାଉ କରାଯାଇଛି। ଅପରେସନରେ ମୋଟ ୩୭ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯାଇଛି। କୋର୍ଟ ଦଲିଲ ଅନୁଯାୟୀ, ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆରେ ହୋଇଥିବା ନିଜ୍ଜର ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଥିଲା ବିଷ୍ଣୋଇ। ଜେଲରେ ଥାଇ ମଧ୍ୟ ସେ ମୋବାଇଲ୍ ସାହାଯ୍ୟରେ ବିଦେଶରେ ହତ୍ୟା, ବଳପୂର୍ବକ ଟଙ୍କା ଆଦାୟ ଓ ନିଶାଦ୍ରବ୍ୟ ଚୋରା ଚାଲାଣ ଭଳି ନେଟୱର୍କ ଚଳାଉଥିଲା। ବିଷ୍ଣୋଇ ଗ୍ୟାଙ୍ଗ ବ୍ୟତୀତ ଜଗ୍ଗୁ ଭଗବାନପୁରିଆ ଗ୍ୟାଙ୍ଗ ଏବଂ ରବିନ୍ଦର ସିଂହ ଧାନ୍ଦାର ଡ୍ରଗ୍ସ ସିଣ୍ଡିକେଟ୍ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପ୍ରଚୁର ପରିମାଣର କୋକେନ୍ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।


## ଆସାମରେ ମଣିଷ–ହାତୀ ମହାସଂଘର୍ଷ

### ୧୧୪୭ ଜଣଙ୍କ ଜୀବନ ଗଲା, ୨୪୬ ହାତୀର ମୃତ୍ୟୁ

ଗୌହାଟୀ, ୮।୭(ଏଜେନ୍ସି): ଆସାମରେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ମଣିଷ–ହାତୀ ସଂଘର୍ଷ ଗୁରୁତର ରୂପ ନେଇଛି। ରାଜ୍ୟ ବିଧାନସଭାରେ ସରକାର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏହି ସଂଘର୍ଷରେ ଗତ ୧୦ ବର୍ଷ ମଧ୍ୟରେ ୧୧୪୭ ଜଣଙ୍କ ଜୀବନ ଯାଇଥିବା ବେଳେ ୨୪୬ଟି ହାତୀର ମଧ୍ୟ ମୃତ୍ୟୁ ଘଟିଛି। ରାଜ୍ୟର ବନମନ୍ତ୍ରୀ କହିଛନ୍ତି, ଗତବର୍ଷ ସର୍ବାଧିକ ୧୩୮ ଜଣଙ୍କ ମୃତ୍ୟୁ ମଣିଷ–ହାତୀ ସଂଘର୍ଷରେ ହୋଇଥିଲା। ଚଳିତ ବର୍ଷ ଏପର୍ଯ୍ୟନ୍ତ ୫୩ ଜଣ ପ୍ରାଣ ହରାଇଛନ୍ତି। ସେହିପରି ବିଦ୍ୟୁତ୍ ସଂସ୍ପର୍ଶ, ରେଳ ଦୁର୍ଘଟଣା ଓ ବିଷ ପ୍ରୟୋଗ ଯୋଗୁଁ ୨୪୬ଟି ହାତୀର ମୃତ୍ୟୁ ଘଟିଛି। ସରକାର ହାତୀ ଚଳାଚଳ ପଥ ଚିହ୍ନଟ, ସୌର ବାଡ଼ ସ୍ଥାପନ ଏବଂ ବନ କର୍ମଚାରୀ ନିୟୋଜନ ଭଳି ପଦକ୍ଷେପ ନେଇଥିଲେ ମଧ୍ୟ ସମସ୍ୟା ଜାରି ରହିଛି। ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ବଢୁଥିବା ସଂଘର୍ଷ ଆସାମ ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ହୋଇଛି। ବନ ସଂରକ୍ଷଣ ସହ ମଣିଷ ଓ ହାତୀ ଉଭୟଙ୍କ ସୁରକ୍ଷା ପାଇଁ ଅଧିକ ପ୍ରଭାବୀ ଓ ଦୀର୍ଘମିଆଦି ପଦକ୍ଷେପର ଆବଶ୍ୟକତା ଦେଖାଦେଇଛି।

# ସଂଶୋଧିତ ହେଲା ଏନ୍‌ସିଇଆର୍‌ଟି ପୁସ୍ତକ

## ■ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ହଟିଲା ବିବାଦୀୟ କୋର୍ଟ ପ୍ରସଙ୍ଗ




### କଭର ପୃଷ୍ଠାରୁ ଗାନ୍ଧୀ, ନେହରୁ, ଭଗତ ସିଂହଙ୍କ ଫଟୋ ଗାଏବ

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରି ଏହାର ଏକ ନୂତନ ସଂସ୍କରଣ ପ୍ରକାଶ କରିଛି। ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ଏବଂ ନ୍ୟାୟପାଳିକା ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଏହି ପଦକ୍ଷେପ ନିଆଯାଇଛି। ନୂତନ ପୁସ୍ତକର ପ୍ରଚ୍ଛଦ ପୃଷ୍ଠାରେ ସୁପ୍ରିମକୋର୍ଟଙ୍କୁ ସବୁଠାରୁ ଉପରେ ଏବଂ ସଂସଦକୁ ନିମ୍ନ ଭାଗରେ ସ୍ଥାନ ଦିଆଯାଇଛି। ପୂର୍ବ ସଂସ୍କରଣରେ ଥିବା ନ୍ୟାୟପାଳିକାରେ ଦୁର୍ନୀତି ଏବଂ ବିଚାରାଧୀନ ମାମଲାଗୁଡ଼ିକର ବୋଝ ବିଷୟରେ ଥିବା ଉଲ୍ଲେଖକୁ ହଟାଇ ଦିଆଯାଇଛି। ଏହା ବଦଳରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଭୂମିକା, ଜନସ୍ୱାର୍ଥ ମାମଲା, ଟ୍ରିବ୍ୟୁନାଲ ଏବଂ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।

ସୁପ୍ରିମକୋର୍ଟ ଏହି ପୁସ୍ତକକୁ ନେଇ ସୁପ୍ରିମ କୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ଏନ୍‌ସିଆର୍‌ଟି ଏଥିପାଇଁ କ୍ଷମା ପ୍ରାର୍ଥନା କରିଥିଲା। ଏହାସହିତ ବିବାଦୀୟ ଦେଶ ବିଭାଜନ ପ୍ରସଙ୍ଗରେ ମଧ୍ୟ ପାଠ୍ୟପୁସ୍ତକରେ ବଡ଼ ପରିବର୍ତ୍ତନ କରାଯାଇଛି। ନୂତନ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ୧୯୪୭ ମସିହାରେ ଦେଶ ବିଭାଜନକୁ କଂଗ୍ରେସ ଆଗକୁ ବଢ଼ିବାର ଏକମାତ୍ର ବିକଳ୍ପ ଭାବେ ଗ୍ରହଣ କରିଥିଲା। ଏହି ବିଷୟ ଏବେ ମଧ୍ୟ ତର୍କର ବିଷୟ ହୋଇ ରହିଛି। ପୂର୍ବରୁ ଥିବା ପୁସ୍ତକରେ ଗାନ୍ଧିଜୀ ଏବଂ ଅଧିକାଂଶ କଂଗ୍ରେସ ନେତା ବିଭାଜନକୁ ବିରୋଧ କରୁଥିଲେ ମଧ୍ୟ ଏହାକୁ ବାଧ୍ୟ ହୋଇ ଗ୍ରହଣ କରିଥିଲେ ବୋଲି ଲେଖାଥିଲା, ଯାହାକୁ ଏବେ ସଂଶୋଧିତ କରାଯାଇଛି। ସେହିପରି 'ସାମ୍ପ୍ରଦାୟିକ ଗଣହତ୍ୟା ସମୟରେ କଂଗ୍ରେସ ନେତାମାନେ ଅସହାୟ ଥିଲେ' ବୋଲି ଥିବା ବାକ୍ୟଟିକୁ ମଧ୍ୟ ହଟାଇ ଦିଆଯାଇଛି। ନୂତନ ସଂସ୍କରଣରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କିତ ବିଷୟବସ୍ତୁରୁ ଆଡଲଫ୍ ହିଟଲର ଏବଂ ନାଜିବାଦର ସମସ୍ତ ଉଲ୍ଲେଖକୁ ବାଦ୍ ଦିଆଯାଇଛି। ନେତାଜୀ ବ୍ରିଟିଶ ବିରୋଧୀ ଶକ୍ତିଙ୍କ ସାହାଯ୍ୟ ଲୋଡ଼ିଥିଲେ ବୋଲି ଏଥିରେ କୁହାଯାଇଛି। ଏହାସହିତ, ୧୯୨୫ ମସିହାରେ ବିନାୟକ ଦାମୋଦର ସାବରକରଙ୍କ ଦ୍ୱାରା 'ସ୍ୱରାଜ' ଦାବି ପ୍ରଥମେ ଉପସ୍ଥାପିତ କରାଯାଇଥିବା ଇତିହାସ ଅଧ୍ୟାୟରେ ସ୍ଥାନିତ କରାଯାଇଛି। ପୁସ୍ତକର ପ୍ରଚ୍ଛଦରୁ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଭଗତ ସିଂଙ୍କ ପରି ଅନେକ ଜାତୀୟ ନେତାଙ୍କ ଚିତ୍ର ଏବଂ ତାଜମହଲର ଚିତ୍ରକୁ ହଟାଇ ଦିଆଯାଇଛି। ପୂର୍ବରୁ ବିବାଦୀୟ ନ୍ୟାୟପାଳିକା ଅଧ୍ୟାୟ ପାଇଁ ଦାୟୀ ଥିବା ତିନିଜଣ ଏକାଡେମିକ୍ ବିଶେଷଜ୍ଞଙ୍କୁ ମଧ୍ୟ ବାଦ୍ ଦିଆଯାଇଛି। ସେମାନଙ୍କ ଉପରେ ସର୍ବୋଚ୍ଚ ଅଦାଲତ ବିରକ୍ତି ପ୍ରକାଶ କରିଥିଲେ।

### ରାମ ମନ୍ଦିର ଚାନ୍ଦା ଚୋରି

## ସିସିଟିଭି ଅବହେଳାରୁ ମହାଲୁଟ୍: ଜବତ ହେଲାଣି କୋଟିଏ



### ଅବିନାଶ ମୁଖ୍ୟ ଅଭିଯୁକ୍ତ

ଅଯୋଧ୍ୟା, ୮।୭(ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲାରେ ଏସଆଇଟି ତଦନ୍ତରୁ ଜଣାପଡ଼ିଛି ଯେ ମନ୍ଦିରର ଦାନ ଗଣତି କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିର ସୁଯୋଗ ନେଇ ପ୍ରାୟ ୨ ରୁ ୩ କୋଟି ଟଙ୍କା ଚୋରି କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୋଟିଏ ଟଙ୍କା ଜବତ ହେଲାଣି। ପ୍ରାରମ୍ଭରେ ୫୦୦ ଟଙ୍କିଆ ନୋଟ୍ ଚୋରିରୁ ଆରମ୍ଭ ହୋଇଥିବା ଏହି ଘଟଣା ପରବର୍ତ୍ତୀ ସମୟରେ ବଡ଼ ଆକାର ଧାରଣ କରିଥିଲା। ଦାନ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୬ ଜଣ କର୍ମଚାରୀ ମନ୍ଦିରରେ ଯୋଗ ଦେବାର ମାତ୍ର ୨ ରୁ ୩ ମାସ ମଧ୍ୟରେ ଏହି ଚୋରି ଆରମ୍ଭ କରିଥିଲେ। ସିସିଟିଭି କ୍ୟାମେରା ଉପରେ ଦୁର୍ବଳ ନଜର ଏବଂ ନିୟନ୍ତ୍ରଣ କକ୍ଷ ଖାଲି ରହିବାର ସୁଯୋଗ ନେଇ ସେମାନେ ପ୍ରଥମେ ନିଜ ପୋଷାକରେ ଲୁଚାଇ ଟଙ୍କା ବାହାରକୁ ନେଉଥିଲେ। ପରେ କୌଣସି ଧରାପଡ଼ିବା ଭୟ ନଥିବାରୁ ସେମାନେ ସମ୍ପୂର୍ଣ୍ଣ ଟଙ୍କା ବିଡ଼ା ଚୋରି କରିବାକୁ ଲାଗିଲେ। ସେମାନଙ୍କ ନିଯୁକ୍ତି ମଧ୍ୟ ମନ୍ଦିର ଟ୍ରଷ୍ଟ ସହିତ ଜଡ଼ିତ ବ୍ୟକ୍ତିଙ୍କ ସୁପାରିସ କ୍ରମେ ଷ୍ଟେଟ୍ ବ୍ୟାଙ୍କର ଏକ ବାହ୍ୟ ସଂସ୍ଥା ଜରିଆରେ ହୋଇଥିଲା। ମନ୍ଦିର ଟ୍ରଷ୍ଟ ଏବଂ ବ୍ୟାଙ୍କ ମଧ୍ୟରେ ଚୁକ୍ତି ଅନୁଯାୟୀ, ଗଣତି କେନ୍ଦ୍ରକୁ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ବାୟୋମେଟ୍ରିକ ହାଜିରା ଏବଂ କଡ଼ା ଶାରୀରିକ ଯାଞ୍ଚ କରିବାର ନିୟମ ଥିଲା। କିନ୍ତୁ ସୁରକ୍ଷା ଅଧିକାରୀମାନେ ଏହି ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ଚୋରି ହୋଇଥିବା ଏହି ଦାନ ଅର୍ଥରେ ଅଭିଯୁକ୍ତମାନେ ଅଯୋଧ୍ୟା ଏବଂ ଅନ୍ୟାନ୍ୟ ସ୍ଥାନରେ ଜମିବାଡ଼ି କିଣିଥିବା ଜଣାପଡ଼ିଛି। ଏସ୍‌ଆଇଟି ଏହାର ପ୍ରାଥମିକ ରିପୋର୍ଟରେ ଅବିନାଶ ଶୁକ୍ଳାକୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗଣତି କେନ୍ଦ୍ରରେ ପ୍ରାୟ ୪୦ ଦିନ ଧରି ଚାଲିଥିବା ଚୋରି ଅପରେସନ୍‌ର ମୁଖ୍ୟ ସୂତ୍ରଧର ଥିଲା ଏବଂ ଏଥିରେ ଅନ୍ୟ ୫ ଜଣ କର୍ମଚାରୀ ତାକୁ ସହଯୋଗ କରୁଥିଲେ।

## କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ରଙ୍କ ଟିମ୍‌ରୁ ବିଦାହେଲେ ୪ ଅଫିସର



ନୂଆଦିଲ୍ଲୀ, ୮।୭(ଏଜେନ୍ସି): କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଅଫିସରୁ ଅପ୍ରତ୍ୟାଶିତ ଭାବେ ତଡ଼ା ଖାଇଛନ୍ତି ୪ ଅଧିକାରୀ। ।ସେମାନେ ହେଲେ ଅମର ସିଂ, ଶୈଳେଶ କୁମାର ସିଂ, ଆୟୁଷ ସରଣ ଏବଂ ସିଦ୍ଧାର୍ଥ ଯାଦବ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅମର ସିଂଙ୍କୁ ତାଙ୍କ ମୂଳ କ୍ୟାଡର ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି। ଅତିରିକ୍ତ ବ୍ୟକ୍ତିଗତ ସଚିବ ଶୈଳେଶଙ୍କୁ ମଧ୍ୟ ତାଙ୍କର ମୂଳ ବିଭାଗକୁ ଫେରାଇଦିଆଯାଇଛି। ରାଜନୈତିକ ନିଯୁକ୍ତି ପାଇଥିବା ଦୁଇ ଜଣ ଅତିରିକ୍ତ ଏବଂ ସହକାରୀ ବ୍ୟକ୍ତିଗତ ସଚିବ ଆୟୁଷ ଏବଂ ସିଦ୍ଧାର୍ଥଙ୍କ ସେବାକୁ ମଧ୍ୟ ତୁରନ୍ତ ବାତିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଶାସନ କାଳରେ ଜଣେ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକାସାଙ୍ଗରେ ୪ଜଣ ସହାୟକଙ୍କୁ ହଟାଇବା ପ୍ରଥମ ଘଟଣା ବୋଲି କୁହାଯାଇଛି। ତେବେ ଏଭଳି କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇଛି, ତାହା ଜଣାପଡ଼ି ନାହିଁ। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବାକୁ ଯାଉଥିବା ବେଳେ ମନ୍ତ୍ରୀଙ୍କର ୪ ଜଣ ବ୍ୟକ୍ତିଗତ ସଚିବଙ୍କୁ ଏଭଳି ହଟାଯାଇଥିବାରୁ ଭୂପେନ୍ଦ୍ର ଯାଦବଙ୍କୁ ନେଇ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଏହାକୁ ଶାସନର ବିଫଳତା ବୋଲି ବର୍ଣ୍ଣନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଯାଞ୍ଚ ହୋଇ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କୁ ଏପରି ଭାବେ ହଟାଇବା ମନ୍ତ୍ରଣାଳୟ ମଧ୍ୟରେ ଥିବା ଅସ୍ଥିରତାକୁ ସୂଚାଉଛି।

## ପୁଣେରେ କୋଠା ଭୁଶୁଡ଼ିଲା; ୧୫ ଜଣ ଫସିଥିବା ଆଶଙ୍କା

ପୁଣେ, ୮।୭: ମହାରାଷ୍ଟ୍ରର ପୁଣେ ଜିଲ୍ଲା ପିମ୍ପ୍ରି–ଚିଞ୍ଚୱାଡ଼ ଅଞ୍ଚଳରେ ତିନି ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିଛି। ଏଥିରେ ପ୍ରାୟ ୧୫ ଜଣ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଏହି କୋଠାଟି ସହରର ଆବର୍ଜନାରୁ ଶକ୍ତି ଉତ୍ପାଦନ ପ୍ରକଳ୍ପର ପ୍ରଶାସନିକ କାର୍ଯ୍ୟାଳୟ ଥିଲା। ଲଗାଣ ବର୍ଷା ଯୋଗୁଁ ନିକଟସ୍ଥ ପୁରୁଣା ଆବର୍ଜନାର ବିରାଟ ଗଦା ଧସି ଆସି କୋଠା ଉପରେ ପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଘଟଣା ସମୟରେ କୋଠା ଭିତରେ ପ୍ରାୟ ୨୦ ଜଣ କର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ଚାରିଜଣ ସୁରକ୍ଷିତ ଭାବେ ବାହାରି ଆସିଥିବାବେଳେ ଅନ୍ୟମାନେ ଧ୍ୱଂସାବଶେଷ ତଳେ ଫସି ରହିଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ଷା ଯୋଗୁଁ ଘଟିଥିବା ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୭୧ଟି ରାସ୍ତା ଅବରୋଧ ହୋଇଯାଇଛି। ରାମଗଙ୍ଗା ନଦୀରେ ଏକ ୬୦୦ ମିଟର ଲମ୍ବର କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି।

### ବାରୁଇପୁର ନାବାଳିକା ଦୁଷ୍କର୍ମ, ହତ୍ୟା ମାମଲା

## ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ନିହତ



### ■ ମୃତଦେହ ନେବାକୁ ମନାକଲେ ପରିବାର
### ■ ଭୁଲ କରିଥିଲା, ଦଣ୍ଡ ମିଳିଛି

କୋଲକାତା, ୮।୭(ଏଜେନ୍ସି): ପଶ୍ଚିମବଙ୍ଗର ବାରୁଇପୁରରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳ ମଙ୍ଗଳବାର ଭୋର ସମୟରେ ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଛି। ଘଟଣାସ୍ଥଳ।ରେ ରିକ୍ରିଏସନ ପାଇଁ ପୁଲିସ ତାକୁ ନେଇ ଯାଇଥିବା ବେଳେ ସେ ପୁଲିସର ବନ୍ଧୁକ ଛଡ଼ାଇ ଫେରାର ହେବାକୁ ଚେଷ୍ଟା କରିବା ସହ ଗୁଳି ଚଳାଇଥିଲା। ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ତାର ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୫ ତାରିଖରେ ନାବାଳିକାର ମୃତଦେହ ଏକ ପୋଖରୀରୁ ବସ୍ତା ଭିତରୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ପୁଲିସ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଗୁଜବ ଯୋଗୁଁ ଉତ୍ତ୍ୟକ୍ତ ଜନତା ଇନ୍ଦ୍ରଜିତ ମଣ୍ଡଳ ନାମକ ଜଣେ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ପିଟିପିଟି ହତ୍ୟା କରିଥିଲେ। ପରେ ପୁଲିସ ସ୍ପଷ୍ଟ କରିଥିଲା ଯେ ମୃତ ଇନ୍ଦ୍ରଜିତ ଏହି ଅପରାଧରେ ସାମିଲ ନଥିଲେ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣାର ପୁଲିସ ମହାନିର୍ଦ୍ଦେଶକଙ୍କୁ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ନାବାଳିକା ଏବଂ ନିରୀହ ଇନ୍ଦ୍ରଜିତଙ୍କ ପରିବାରକୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଛି। ହିଂସାକାଣ୍ଡରେ ସାମିଲ ଥିବା ଏବଂ ପିଟିପିଟି ହତ୍ୟା କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ନିହତ ପ୍ରଭାସର ପରିବାର ତାଙ୍କ ମୃତଦେହ ନେବାକୁ ମନା କରିଦେଇଛନ୍ତି। ତାର ଅନ୍ତିମ ସଂସ୍କାର କରିବାକୁ ମଧ୍ୟ ମନା କରିଛନ୍ତି। ପ୍ରଭାସ ମାତା କହିଛନ୍ତି ଯେ ତାଙ୍କ ପୁଅ ଭୁଲ କରିଥିଲା ଏବଂ ଉଚିତ ଦଣ୍ଡ ମିଳିଛି।

## ୟୁକ୍ରେନରେ ଭୟଙ୍କର ରାତ୍ରିକାଳୀନ ଆକ୍ରମଣ

କିଭ୍, ୮।୭(ଏଜେନ୍ସି): ରୁଷ ପକ୍ଷରୁ ରାତିସାରା ହୋଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିକ୍ରିୟାରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷରେ ମଧ୍ୟ ଜଣେ ପ୍ରାଣ ହରାଇଥିବା ଖବର ମିଳିଛି। ୟୁକ୍ରେନ ସେନାର ସୂଚନା ଅନୁଯାୟୀ, ରୁଷ ୧୬୯ ଡ୍ରୋନ୍ ଓ ୭ଟି କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ସେଥିରୁ ଅଧିକାଂଶ ଡ୍ରୋନକୁ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଧ୍ୱଂସ କରିଥିଲେ ମଧ୍ୟ କିଛି ଆକ୍ରମଣ କିଭ୍, ଖାର୍କିଭ୍ ଓ ଜାପୋରିଜିଆରେ କ୍ଷୟକ୍ଷତି ଘଟାଇଛି। ଅନ୍ୟପଟେ, ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷର କିଛି ଶିଳ୍ପ ପ୍ରତିଷ୍ଠାନ ଓ ୨ଟି ତୈଳବାହୀ ଜାହାଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହୋଇଥିବା ରୁଷ କହିଛି।

# ପାର୍ବତ୍ୟାଞ୍ଚଳରେ ବାରମ୍ବାର କାହିଁକି ହେଉଛି ଭୂସ୍ଖଳନ?

ନୂଆଦିଲ୍ଲୀ, ୮।୭(ଏଜେନ୍ସି): କେରଳର ୱାୟାନାଡସ୍ଥିତ ମେପ୍ପାଡି ନିକଟରେ ଏକ ସୁଡ଼ଙ୍ଗ ସଡ଼କ ପ୍ରକଳ୍ପର ନିର୍ମାଣ ସ୍ଥଳରେ ଘଟିଥିବା ସଦ୍ୟତମ ଭୂସ୍ଖଳନ (ମାଟି ଧସିବା) ଘଟଣା ପୁଣି ଥରେ ସମଗ୍ର ଦେଶରେ ଚିନ୍ତା ବଢ଼ାଇ ଦେଇଛି। ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ, ଦେଶର ପ୍ରାୟ ୧୩ ରୁ ୧୫ ପ୍ରତିଶତ ଅଞ୍ଚଳ (ପ୍ରାୟ ୪.୨ ଲକ୍ଷ ବର୍ଗ କିଲୋମିଟର) ଭୂସ୍ଖଳନ ପ୍ରବଣ ଅଟେ। ମୌସୁମୀ ବର୍ଷାର ପ୍ରଭାବ ଏବଂ ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଏହି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଶର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରୁଛି।

ଭାରତ ସରକାରଙ୍କ ସାମରିକ ଓ ଭୂବିଜ୍ଞାନ ବିଶେଷଜ୍ଞଙ୍କ ଅନୁସାରେ, ଦେଶର ଭିନ୍ନ ଭିନ୍ନ ସ୍ଥାନରେ ମାଟି ଧସିବାର ଭୌଗୋଳିକ କାରଣ ପୃଥକ ଅଟେ। ହିମାଳୟ ପାର୍ବତ୍ୟ ଅଞ୍ଚଳରେ ହେଉଥିବା ଭୂସ୍ଖଳନର କାରଣ ଅନ୍ୟ ସ୍ଥାନଗୁଡ଼ିକଠାରୁ ଅଲଗା। ଏହା ପୃଥିବୀର ସବୁଠାରୁ କମ୍ ବୟସର ଏବଂ ସକ୍ରିୟ ପର୍ବତମାଳା ହୋଇଥିବାରୁ ଏଠାକାର ପଥର ଗୁଡ଼ିକ ଅତି ଭଙ୍ଗୁର ଓ ଅସ୍ଥିର। ବାରମ୍ବାର ଆସୁଥିବା ଭୂମିକମ୍ପ ଏବଂ ତାପମାତ୍ରା ବୃଦ୍ଧି ଯୋଗୁଁ ଗ୍ଲେସିୟର ବା ବରଫ ହ୍ରଦ ଫାଟିଯିବା ଦ୍ୱାରା ଏଠାରେ ବଡ଼ ଧରଣର ଭୂସ୍ଖଳନ ହୋଇଥାଏ। ସେହିପରି ଉତ୍ତର-ପୂର୍ବ ପାର୍ବତ୍ୟ ପ୍ରାନ୍ତରେ ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶ ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଢାଲୁଆ ପାହାଡ଼ ରହିଛି। ପ୍ରବଳ ବର୍ଷା ଯୋଗୁଁ ଏହି ନରମ ପଥର ଗୁଡ଼ିକ ସହଜରେ ଧୋଇହୋଇ ଖସିପଡ଼େ।

ପଶ୍ଚିମଘାଟ ଏବଂ ନୀଳଗିରି ଅଞ୍ଚଳତ ଅର୍ଥାତ କେରଳ ଓ ମହାରାଷ୍ଟ୍ରରେ ପଥର ଅପେକ୍ଷା ମାଟିର ମୋଟା ସ୍ତର ରହିଛି। ମୌସୁମୀ ବର୍ଷା ସମୟରେ ଏହି ମାଟି ସ୍ପଞ୍ଜ ଭଳି ଅତ୍ୟଧିକ ପାଣି ଶୋଷି ନେଇ ଏକ ଭାରି କାଦୁଅର ସୁଅରେ ପରିଣତ ହୁଏ ଏବଂ ଶେଷରେ ଓଜନ ସହି ନପାରି ତଳକୁ ଖସିଆସେ। ପୁଣି ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ମୌସୁମୀ ସମୟରେ କମ୍ ସମୟ ମଧ୍ୟରେ ଅତ୍ୟଧିକ ବାଦଲଫଟା ବର୍ଷା ହେଉଛି, ଯାହା ମାଟିର ସ୍ଥିରତାକୁ ନଷ୍ଟ କରୁଛି। ଏହାସହ ପ୍ରକୃତି ସହିତ ମଣିଷର ଭୁଲ୍ କାର୍ଯ୍ୟପ୍ରଣାଳୀ ବିପର୍ଯ୍ୟୟର ମାତ୍ରାକୁ ଅଧିକ ବଢ଼ାଇ ଦେଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପାହାଡ଼ର ନିମ୍ନ ଭାଗକୁ ଅବୈଜ୍ଞାନିକ ଭାବେ କାଟିବା, ପାହାଡ଼ିଆ ସହରଗୁଡ଼ିକରେ ଖରାପ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଜଙ୍ଗଲ ନଷ୍ଟ କରି ନିର୍ମାଣ କାର୍ଯ୍ୟ କରିବା ଯୋଗୁଁ ପାହାଡ଼ଗୁଡ଼ିକ ସୁରକ୍ଷାହୀନ ହୋଇପଡୁଛନ୍ତି। ସରକାରଙ୍କ ପକ୍ଷରୁ ଭୂସ୍ଖଳନର ପୂର୍ବାନୁମାନ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ 'ଭୂସଙ୍କେତ' ପୋର୍ଟାଲ୍ ଏବଂ 'ଭୂସ୍ଖଳନ' ମୋବାଇଲ୍ ଆପ୍ ଜାରି କରାଯାଇଛି। କିନ୍ତୁ ବିଶେଷଜ୍ଞଙ୍କ ମତରେ, ଏହି ବ୍ୟବସ୍ଥା କେବଳ କେଉଁ ସ୍ଥାନରେ ଭୂସ୍ଖଳନ ହୋଇପାରେ ତାହା ଦର୍ଶାଉଛି, କିନ୍ତୁ କେତେବେଳେ ହେବ ତାହା ସଠିକ୍ ଭାବେ କହିପାରୁନାହିଁ। ଜାପାନ ଏବଂ ସୁଇଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକରେ ଅତ୍ୟାଧୁନିକ ସେନ୍ସର ବ୍ୟବସ୍ଥା ରହିଛି, ଯାହା ମାଟି ଧସିବାର ସଠିକ୍ ସମୟ ପୂର୍ବରୁ ସୂଚନା ଦେଇ ଧନଜୀବନ ରକ୍ଷା କରିଥାଏ।



## ଆଜି ହୀରାକୁଦ ଛାଡ଼ିବ ବନ୍ୟାଜଳ

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଗତ କେଇଦିନ ହେବ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ହୀରାକୁଦ ନଦୀବନ୍ଧରେ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରଖିବାକୁ ଥିବାବେଳେ ଗତକାଲିଠାରୁ ତାହା ଏହି ରେଖା ପାରି କରିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଆସନ୍ତାକାଲି ୯ ତାରିଖ ପୂର୍ବାହ୍ଣ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ହୀରାକୁଦ ଡ୍ୟାମ୍ ଅବବାହିକା ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବୁଧବାର ୮ ତାରିଖ ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨.୯୭ ଫୁଟ ରହିଥିଲା। ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୪୨,୯୬୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୬,୩୦୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନାଲ ଦେଇ ୨୩,୩୨୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୭ ଘନଫୁଟ, କେନାଲ ପାଇଁ ୨୭୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ତେବେ ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୮୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୯,୭୯୯ କ୍ୟୁସେକ, ଖଇରମାଲଠାରେ ୧,୦୬,୦୦୦ କ୍ୟୁସେକ, ବାରମୁଳାଠାରେ ୧,୫୫,୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୪,୨୦,୮୨୪ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ନଦୀବନ୍ଧ ମୁଖ୍ୟଙ୍କ ସୂତ୍ରରୁ ପ୍ରକାଶ।

## 'ପିନାକ'ର ସଫଳ ପରୀକ୍ଷଣ

ବାଲେଶ୍ୱର, ୮।୭ (ସମିସ): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟ 'ପିନାକ'ର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ଦ୍ୱାରା ଦୂରଗାମୀ ଲକ୍ଷ୍ୟ ଭେଦ ପାଇଁ ସଠିକ୍ ଗାଇଡେଡ୍ ରକେଟ ବିକାଶ କ୍ଷେତ୍ରରେ ଭାରତର ସ୍ୱଦେଶୀ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ସାମର୍ଥ୍ୟ ପୁଣିଥରେ ପ୍ରମାଣିତ ହୋଇଛି। ଏହି ପରୀକ୍ଷଣ ସମୟରେ ରକେଟ ବ୍ୟବହାରକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ୭୦ କିଲୋମିଟର ଦୂରତାରେ ଥିବା ଲକ୍ଷ୍ୟ ଭେଦ ପାଇଁ ପ୍ରକ୍ଷେପଣ କରାଯାଇଥିଲା। ପ୍ରକ୍ଷେପଣ ପରେ ପୂର୍ବ ଯୋଜନା ମୁତାବକ ସମସ୍ତ ମାନଦଣ୍ଡକୁ ପିନାକ ରକେଟ ସଫଳତାର ପୂରଣ କରିଥିଲା। ପରେ ଏହା ପୂର୍ବାନୁମାନ କରାଯାଇଥିବା ଟ୍ରାଜେକ୍ଟୋରିକୁ ସଠିକ୍ ଭାବେ ଅନୁସରଣ କରି ଲକ୍ଷ୍ୟସ୍ଥଳରେ ନିଖୁଣ ଭାବେ ଆଘାତ କରିଥିଲା। ପରୀକ୍ଷଣ ସମୟରେ ଆଇଟିଆର ଦ୍ୱାରା ନିୟୋଜିତ ସମସ୍ତ ଅତ୍ୟାଧୁନିକ ରେଞ୍ଜ ଉପକରଣ ରକେଟର ସମ୍ପୂର୍ଣ୍ଣ ଗତିପଥକୁ ସଫଳତାର ସହ ଟ୍ରାକ୍ କରିଥିଲେ। ସେଥିରୁ ସଂଗୃହୀତ ତଥ୍ୟ, ନିର୍ଦ୍ଧାରିତ ମାନଦଣ୍ଡ ସହ ସମ୍ପୂର୍ଣ୍ଣ ମେଳ ଖାଇଥିଲା। ପିନାକ ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟକୁ 'ଡିଆରଡିଓ'ର ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଆରଡିଇ) ପକ୍ଷରୁ ହାଇ ଏନର୍ଜି ମାଟେରିଆଲ୍ସ ରିସର୍ଚ୍ଚ ଲାବରେଟୋରି (ଏଚଇଏମଆରଏଲ) ସହଯୋଗରେ ଡିଜାଇନ ଓ ବିକଶିତ କରାଯାଇଛି।





ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁରୀ ବଡ଼ଦାଣ୍ଡକୁ ରଙ୍ଗୀନ ଝୋଟି ଚିତାରେ ସୁସଜ୍ଜିତ କରାଯାଇଛି। (ଫଟୋ: ଅନିଲ)

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୨୦୨୭ ମାର୍ଚ୍ଚ ସୁଦ୍ଧା ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ

**ଗଣଶିକ୍ଷା ବିଭାଗକୁ ସାପ୍ତାହିକ ରିପୋର୍ଟ କରିବେ ଜିଲ୍ଲାପାଳ**

ଭୁବନେଶ୍ୱର, ୮।୭(ସମିସ): ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଲୋକସେବା ଭବନରେ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଅଧ୍ୟକ୍ଷତା କରି ପ୍ରଥମ ପର୍ଯ୍ୟାୟରେ ଯେଉଁ ୨୨୦୦ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥିରୀକୃତ ହୋଇଛି, ସେସବୁ ପାଇଁ ମାର୍ଚ୍ଚ ୨୦୨୭ ସୁଦ୍ଧା ଜମି ଚିହ୍ନଟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ତଦାରଖ କରି ସାପ୍ତାହିକ ରିପୋର୍ଟ ଗଣଶିକ୍ଷା ବିଭାଗର ସଚିବଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରିବେ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି- ୨୦୨୦ ଓ ଶିକ୍ଷା ଅଧିକାର- ୨୦୦୯ ର ଲକ୍ଷ୍ୟ ପୂରଣ ପାଇଁ ପଞ୍ଚାୟତ ସ୍ତରରେ ବିଶ୍ୱସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଏହି ଯୋଜନାର ମୂଳ ଲକ୍ଷ୍ୟ। ବର୍ତ୍ତମାନ ସୁଦ୍ଧା ୩୨୨ଟି ସ୍କୁଲର କାମ ଆରମ୍ଭ ହୋଇଛି। ଅବଶିଷ୍ଟ ବିଦ୍ୟାଳୟ ପାଇଁ ତୁରନ୍ତ ଜମି ଚିହ୍ନଟ କରିବା ପାଇଁ ଜିଲ୍ଲାପାଳମାନେ ଗୁରୁତ୍ୱ ଦେବାକୁ କହବା ସହ ଏହି ପ୍ରକ୍ରିୟାରେ ସ୍ଥାନୀୟ ବିଧାୟକମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳଙ୍କ ସକ୍ରିୟ ଉଦ୍ୟମ ଏକାନ୍ତ ଜରୁରୀ। ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଟାର୍ଗେଟ ପୂରଣ କରନ୍ତୁ। ଏହି ବୈଠକରେ ଆଭାସୀ ମାଧ୍ୟମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂ, ଗଣଶିକ୍ଷା ବିଭାଗର ସଚିବ ଏନ୍. ତିରୁମାଲା ନାୟକ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରାୟ ୨୨୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।



## କଳାପତାକା ପ୍ରଦର୍ଶନ ପାଇଁ ହତ୍ୟା ଉଦ୍ୟମ ଦଫା

ଭୁବନେଶ୍ୱର,୮।୭(ସମିସ): ଗତ ୭ ତାରିଖ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ଅବସରରେ ଯୁବ କଂଗ୍ରେସ ନେତା ଅବିନାଶ ମିଶ୍ରଙ୍କ ଗିରଫଦାରିକୁ ନେଇ ସରକାରଙ୍କୁ କଠୋର ସମାଲୋଚନା କରିଛି କଂଗ୍ରେସ। ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ ପୁରୀର ଯୁବନେତା ଅବିନାଶ ମିଶ୍ରଙ୍କ ବିରୋଧରେ ପ୍ରତିଶୋଧମୂଳକ ଭାବେ ଦଫା '୩୦୭' ଲଗାଯିବାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପୁଲିସର ଏହି ପଦକ୍ଷେପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଅଗଣତାନ୍ତ୍ରିକ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ସମୟରେ ପ୍ରଶାସନର

- ପୁଲିସ ଓ ସରକାରଙ୍କ ବିରୋଧରେ ବର୍ଷିଲା କଂଗ୍ରେସ
- ସାଧାରଣ ଲୋକଙ୍କ ସାମ୍ବିଧାନିକ ଅଧିକାର ବି କ୍ଷୁଣ୍ଣ
- ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପଛକୁ ହଟିବନି

ଏଭଳି ତରବରିଆ ଓ ଆତଙ୍କିତ ପଦକ୍ଷେପ ପଛରେ କି ରହସ୍ୟ ଅଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପୁରୀବାସୀଙ୍କ ଜ୍ୱଳନ୍ତ ସମସ୍ୟା ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ଏହି ଅବହେଳାର ପ୍ରତିବାଦ କରିବା କଣ ଏକ ଅପରାଧ କି ବୋଲି ସରକାରଙ୍କୁ ସେ ପ୍ରଶ୍ନ କରିଛନ୍ତି। ମୁଖପାତ୍ର ଜୟଶ୍ରୀ ପାତ୍ର କହିଛନ୍ତି ଯେ ବିଜେପି ସରକାର ଅଧୀନରେ ରାଜ୍ୟରେ ଗଣତନ୍ତ୍ର ଏବଂ ସମ୍ବିଧାନର ସ୍ଥିତି ଏବେ ସଙ୍ଗିନ ତଥା ଚିନ୍ତାଜନକ। ବିରୋଧୀଙ୍କ ସ୍ୱରକୁ ରୋକିବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଉଛି, ତାହା ସ୍ପଷ୍ଟ କରୁଛି ଯେ ରାଜ୍ୟରେ ବର୍ତ୍ତମାନ ଆଇନର ନୁହେଁ, ଏକଛତ୍ରବାଦ ଶାସନର ଦମନଲୀଳା ଚାଲିଛି। ଭାରତୀୟ ସମ୍ବିଧାନର ଧାରା ୧୯ ପ୍ରତ୍ୟେକ ନାଗରିକଙ୍କୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ମୌଳିକ ଅଧିକାର ଦେଇଛି। କଳାପତାକା ଦେଖାଇବା ପାଇଁ ହତ୍ୟା ଉଦ୍ୟମ ଦଫା କାହିଁକି ଲାଗିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ବିଜେପି ସରକାରରେ ତାଙ୍କ ନାଲି ଆଖି ଭୟ ମିଥ୍ୟା ଅଭିଯୋଗ ଆମକୁ ଡରାଇ ପାରିବ ନାହିଁ। ତେଣୁ ତୁରନ୍ତ କଂଗ୍ରେସ ନେତା ଅବିନାଶ ମିଶ୍ରଙ୍କ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ କଂଗ୍ରେସ ଦାବି କରିଛି।

### ରମାଦେବୀ ବିଶ୍ୱବିଦ୍ୟାଳୟରେ ଗଣ୍ଡଗୋଳ ଘଟଣା

## ଏବିଭିପିର ଅପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି ବିଜେପି ସରକାର: ବିଜେଡି

ଭୁବନେଶ୍ୱର,୮।୭(ସମିସ): ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ଆଜି ବିଜେପି ସରକାର ପାଇଁ ନିନ୍ଦିତ। ଅଣଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଗଣ୍ଡଗୋଳ କରିବା ସହ ଛାତ୍ରୀମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଲେ। ମହିଳା ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ବିଜେପିର ଦୋମୁହାଁ ନୀତି ଆଜି ପଦାରେ ପଡ଼ିଛି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଅଣଛାତ୍ରମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଲେଖାଶ୍ରୀ କହିଥିଲେ ଯେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କିଛି ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ଗଣ୍ଡଗୋଳ କରିଛନ୍ତି। ନ୍ୟାୟ ନପାଇ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବର୍ଷକ ପୂର୍ବେ ଆତ୍ମହତ୍ୟା କରିଥିଲେ। ଏବିଭିପି ଓ ଅଶୈକ୍ଷିକ ପରିବେଶ ପାଇଁ ସେ ନ୍ୟାୟ ନପାଇ ଆତ୍ମାହୁତି ଦେଇଥିଲେ। ବାଲେଶ୍ୱର ସାଂସଦ ଓ ବିଧାୟକ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବାରୁ ବିଜେପି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ବିଜେପି ସରକାର ଓଡ଼ିଶାର ଛାତ୍ର ଓ ଯୁବ ସମାଜ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିଜେପି ପ୍ରୋତ୍ସାହନରେ ଏବିଭିପି ଅପରାଧିକ କାର୍ଯ୍ୟକଳାପ କରିଚାଲିଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷମାନଙ୍କୁ ପ୍ରବେଶ ନିଷେଧ ଥିବାବେଳେ ପୁରୁଷ ଅଣଛାତ୍ର କିପରି ଗଣ୍ଡଗୋଳ କରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବିଭିପିର ୧୬ ଜଣ ଅଣଛାତ୍ର ଧାରୁଆ ମାରଣାସ୍ତ୍ର ଧରି କ୍ୟାମ୍ପସରେ ପ୍ରବେଶ କରି ଗଣ୍ଡଗୋଳ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବିରୋଧ କରିବାରୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଛାତ୍ରୀମାନଙ୍କୁ ଧମକ ଦେଇଥିଲେ ଏବିଭିପିର ପୁରୁଷ ଅଣଛାତ୍ର। ଗଣ୍ଡଗୋଳରେ ଏବିଭିପିର ପୁରୁଷ ଅଣଛାତ୍ରମାନଙ୍କ ସମ୍ପୃକ୍ତି ଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାମଲା ଦାୟର ହେଲା ନାହିଁ। ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବିଭିପି ପ୍ରତି କୋହଳ ମନୋଭାବ ପୋଷଣ କରୁଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଥିଲେ।



ଇପ୍ସିତା ସାହୁ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ପାଇଁ ଓଡ଼ିଶାରେ ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେହି ବିଶ୍ୱବିଦ୍ୟାଳୟର ଗରିମାକୁ କ୍ଷୁଣ୍ଣ କରିବାରେ ଲାଗିଛି ବିଜେପି। ଏବିଭିପିର ଅଣଛାତ୍ର ଗୁଣ୍ଡାମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କୁଳପତିଙ୍କ ଅଫିସ ନିକଟରେ ଗଣ୍ଡଗୋଳ କରିଥିଲେ। ଘଟଣାରେ କୁଳପତି ଓ ପୁଲିସ ଚୁପ୍ ରହିବା ଅତ୍ୟନ୍ତ ଲଜ୍ଜାଜନକ। ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଏବିଭିପି ସହ ଜଡିତ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କିଛି ଦିନ ତଳେ ବିଜେବି କଲେଜରେ ମଧ୍ୟ ଏବିଭିପି ଗୁଣ୍ଡାମାନେ ଗଣ୍ଡଗୋଳ କରିଥିଲେ; କିନ୍ତୁ ପୁଲିସ ସେମାନଙ୍କୁ ଗିରଫ କରିବାକୁ ସାହସ ଜୁଟାଇ ପାରିଲା ନାହିଁ। ଅପରାଧ ଘଟାଇ ଏବିଭିପି ଗୁଣ୍ଡାମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ କ୍ୱାର୍ଟର୍ସରେ ଲୁଚି ରହୁଛନ୍ତି। ରମାଦେବୀ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କ ନାମ ଓ ଫଟୋ ଦେଲେ ସୁଦ୍ଧା ପୁଲିସ ସେମାନଙ୍କୁ ଗିରଫ କରୁନାହିଁ। ଛାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ଥିବାବେଳେ ପୁଲିସ ଗୁଣ୍ଡାମାନଙ୍କୁ ସୁରକ୍ଷା ଦେଉଛି। ଏବିଭିପିର ଗୁଣ୍ଡାମାନଙ୍କୁ ତୁରନ୍ତ ଗିରଫ କରାଯାଉ, ନଚେତ୍ ବିଜେଡି ରାଜ୍ୟସାରା ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

- ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ବିଜେପି ପାଇଁ ନିନ୍ଦିତ
- ସୋମ୍ୟାଶ୍ରୀ ଘଟଣାର ପୁନରାବୃତିକୁ ଅପେକ୍ଷା କରିଛି ବିଜେପି
- ଅପରାଧୀ ମାନେ ବିଜେପି ଛତ୍ରଛାୟାରେ ଥିବାରୁ ହାତବାନ୍ଧି ବସିଛି ପୁଲିସ

### ହୀରାକୁଦ ଡ୍ୟାମ୍ ପରିଚାଳନା ପାଇଁ କର୍ମଚାରୀ ଅଭାବ

## ଚିନ୍ତା ପ୍ରକଟ କଲେ ସାଂସଦ ମାନସ

ଭୁବନେଶ୍ୱର,୮।୭(ସମିସ): ହୀରାକୁଦ ଡ୍ୟାମ୍ ପରିଚାଳନା ପାଇଁ ଆବଶ୍ୟକୀୟ କର୍ମଚାରୀ ଅଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ।

ବୁଧବାର 'ଏକ୍ସ'ରେ ଶ୍ରୀ ମଙ୍ଗରାଜ ଏ ସମ୍ପର୍କରେ ଉଲ୍ଲେଖ କରି ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ହୀରାକୁଦ ଜଳଭଣ୍ଡାର ପରିଚଳନା ପାଇଁ କର୍ମଚାରୀ ଅଭାବ ସମସ୍ୟା ଗତ କିଛି ବର୍ଷ ଧରି ଲାଗି ରହିଛି। ଏହି ସମସ୍ୟା ଦ୍ୱାରା ନଦୀବନ୍ଧ ସୁରକ୍ଷା ଏବଂ ପରିଚାଳନା ନେଇ ଚିନ୍ତା ସୃଷ୍ଟି କରିଛି। ନିରୀକ୍ଷଣ ଏବଂ ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ଅଧିକାଂଶ ଉପକରଣ ମଧ୍ୟ ପୁରୁଣା ଓ ଅନୁପଯୋଗୀ ହୋଇଯାଇଛି। ଏ ସମ୍ପର୍କରେ ଶୀଘ୍ର ପଦକ୍ଷେପ ନେଇ ଖାଲି ପଦବୀଗୁଡ଼ିକୁ ପୂରଣ କରା ନ ଗଲେ ଏବଂ ଆଧୁନିକ ଉପକରଣ ଯୋଗାଇ ଦିଆ ନ ଗଲେ ଆଗାମୀ ମୌସୁମୀ ସମୟରେ ହୀରାକୁଦ ଡ୍ୟାମ୍ ଏବଂ ତଳି ଅଞ୍ଚଳର ସୁରକ୍ଷା ବିପନ୍ନ ହୋଇପାରେ ବୋଲି ଶ୍ରୀ ମଙ୍ଗରାଜ ଆଶଙ୍କା ପ୍ରକଟ କରିଛନ୍ତି।


**aisect Ltd.** A part of aisect india

**RECRUITMENT OF VOCATIONAL TRAINERS**

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha/PMSHRI. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 23,500/- per month. Age Limit: 18-45 years (As on 01/01/2026) as per Govt. Rules. Last Date of Application: 15.07.2026 (5:00 pm)**

**For clarification on Advt. Contact on: 8260186138**

| Sector | Districts | Qualifications & Experience |
|---|---|---|
| AGRICULTURE | Koraput, Kalahandi, Kandhamal, Keonjhar, Rayagada & Deogarh | Post Graduation in Horticulture / Agriculture with at least 1 year work / teaching Exp. Or Degree / Diploma in Horticulture / Agriculture from a recognized Institute / University with at least 2 year work / teaching experience, Preference will be given to the higher qualification and work / teaching experience in related area. |
| APPAREL | Jharsuguda, Koraput & Rayagada | Post Graduation in Textile and Clothing with 1 year of work / teaching experience in relevant areas. Or Degree/B.Voc/ Diploma in Textile & Clothing from recognised University / Institute with 2-3 years of work / teaching experience in relevant areas. Preference will be given to higher qualification & experience. |
| IT/ITES | Kalahandi | Diploma in Computer Sc./IT Or Bachelor Degree in Computer Application/Sc./IT.Or Master of Computer Application/Sc./IT. Or Graduate with PGDCA or DOEACC A/B Level Certificate However preference will be given to ME/ M.Tech.in Computer. Sc./IT. |
| RETAIL | Kalahandi & Mayurbhanj | Graduate or Diploma in Retail Management, PG Diploma in Marketing with at least 50% marks and 1 year teaching or work Exp.. Preference will be given to higher education with MBA (HR) / (Retail Marketing) or PG Diploma in Retail Management. |
| BEAUTY & WELLNESS | Kalahandi & Sundergarh | Diploma in Cosmetology / Beauty Therapy / Beauty Culture from a recognized Institution Min. 1 year working Exp. in the profession. |
| AUTOMOTIVE | Sundergarh | Degree in Automobile Engineering / Mechanical Engineering from a recognized Institute / University, with at least 1 year work / teaching Exp. Or B.Voc in Automotive Engineering from recognized Institute/University, with at least 2 year work/teaching Exp. Or Diploma in Automobile Engineering / Mechanical Engineering from a recognized Institute /University, with at least 3 year work / teaching experience. |
| ELECTRONICS | Keonjhar | B.E. / B. Tech. in Electrical / Electronics / Telecommunication with 1 year experience in the relevant field. Or Diploma in Electrical / Electronics / Electronics / Telecommunication from recognized board of technical education with 2 years Exp. in relevant field. Additionally should have done a Diploma or certificate course in Control Panel Wiring of residential / Industrial systems. |
| TELECOM | Koraput | B.Tech in Electronics and Tele communication / B.SC in Information Science and Telecommunication with at least 2 years work / teaching experience. |
| HEALTHCARE | Sundergarh | Teacher B.Sc. Nursing and Midwifery (4 years) or 3½ years Diploma in GNM with one year experience. |
| BFSI | Sundergarh | Post-graduation in commerce / management / finance from a recognized institute/university, with at least one year work Exp. |

NOTE: Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VTs will be undergoing Certificate Verification followed by formal interview. Selected candidate will be asked to join within short notice of one week.

Scan to Apply

Apply Link: **https://www.aisect.org/Odisha-VTrecruitment2026**


## ଅନ୍ୟ ସମ୍ପ୍ରଦାୟର ଲୋକ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରୁ ୫ ହଜାର ଜରିମାନା

ପାରଳାଖେମୁଣ୍ଡି, ୮।୭ (ସମିସ): ସମ୍ପ୍ରତି ଯୁଗରେ ମଧ୍ୟ କୁତ୍ସିତ ମାନସିକତା ଜାରିରହିଛି। ବିଶେଷ କରି ଗଜପତି ଜିଲ୍ଲାରେ ଏଭଳି ଘଟୁଛି। ଗତ କିଛିଦିନ ପୂର୍ବେ ପ୍ରେମବ୍ୟାପାରକୁ ନେଇ ଡାଳିମ୍ବପୁର ଗ୍ରାମର ଗୋଟିଏ ପରିବାରଙ୍କୁ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମରୁ ବାସନ୍ଦ ଭଳି ଖବର ନଜରକୁ ଆସିଥିବା ବେଳେ ଆଜି

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆଶାକର୍ମୀ**

ପୁଣି ଅନ୍ୟ ଏକ ଘଟଣା ସାମନାକୁ ଆସିଛି। ଗଜପତି ଜିଲ୍ଲାରେ ସାମାଜିକ ବାସନ୍ଦ ଓ କଥିତ 'ପ୍ରଜା କୋର୍ଟ'ର ଦଣ୍ଡ ବ୍ୟବସ୍ଥାକୁ ନେଇ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଅନ୍ତର୍ଗତ ଜିରାଙ୍ଗ ଗ୍ରାମର ଜଣେ ଆଶାକର୍ମୀ ସରକାରୀ ସ୍ୱାସ୍ଥ୍ୟସେବା ଓ ଯୋଜନା ଜଣେ ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ନିକଟରେ ପହଞ୍ଚାଇବାକୁ ଯାଇଥିବାରୁ ନିଜ ସମ୍ପ୍ରଦାୟର କିଛି ଲୋକଙ୍କ ପକ୍ଷରୁ ସାମାଜିକ ବାସନ୍ଦ ହେବା ସହ ୫ ହଜାର ଟଙ୍କା ଜରିମାନା ଓ ଧମକର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ନ୍ୟାୟ ଦାବିରେ ସେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରିଣୀ ଆଶାକର୍ମୀ ସୁନନ୍ଦିନୀ ମିଶାଲଙ୍କ କହିବାନୁସାରେ, ଗତ ୧୨ ଜୁନ ୨୦୨୬ରେ ସେ ଜିରାଙ୍ଗ ଖ୍ରୀଷ୍ଟିଆନ ସାହିରେ ବସବାସ କରୁଥିବା ଜଣେ ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପରାମର୍ଶ ଦେବା ସହ ଓଆରଏସ୍ ପ୍ୟାକେଟ ପ୍ରଦାନ କରିଥିଲେ। ସେହି ସହିତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଗଣନା କାର୍ଯ୍ୟକ୍ରମର ଅଦ୍ୟତନ ତଥ୍ୟ ସଂଗ୍ରହ କରିଥିଲେ। କିନ୍ତୁ ଏହି କାର୍ଯ୍ୟକୁ ନେଇ ତାଙ୍କ ସମ୍ପ୍ରଦାୟର କେତେକ ବ୍ୟକ୍ତି ଓ ମଣ୍ଡଳୀ ପକ୍ଷରୁ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯିବା ସହ ସମାଜରୁ ବହିଷ୍କାର କରାଯାଇଥିବା ଘୋଷଣା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସମ୍ପ୍ରଦାୟର କିଛି ଲୋକ ଏଭଳି ନିୟମ କରିଛନ୍ତି ଯେ, ଖ୍ରୀଷ୍ଟିଆନ ସାହିରେ ରହୁଥିବା ଅନ୍ୟଧର୍ମର ପରିବାରଙ୍କ ସହ କେହି ସମ୍ପର୍କ ରଖିଲେ କିମ୍ବା ସେମାନଙ୍କ ଘରକୁ ଗଲେ ୫ ହଜାର ଟଙ୍କା ଜରିମାନା ସହ ସାମାଜିକ ବାସନ୍ଦ କରାଯିବ। ଏପରିକି ଘଟଣାଦିନ ସନ୍ଧ୍ୟାରେ ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଡାକି ଧମକ ଦିଆଯାଇଥିବା ମଧ୍ୟ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜଣେ ଆଶାକର୍ମୀ ଭାବେ ସରକାରୀ ଯୋଜନା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଞ୍ଚାଇବା ନିଜର କର୍ତ୍ତବ୍ୟ ହୋଇଥିବା ବେଳେ, ସେହି କର୍ତ୍ତବ୍ୟ ପାଳନ ପାଇଁ ଏଭଳି ହଟହଟା ଓ ସାମାଜିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥିବାରୁ ସେ ପୋଲିସ ପ୍ରଶାସନଙ୍କ ହସ୍ତକ୍ଷେପ ଓ ଉପଯୁକ୍ତ ଆଇନଗତ ପଦକ୍ଷେପ ଦାବି କରିଛନ୍ତି। ତେବେ ଏନେଇ ସେ ରାୟଗଡ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଥିବାର ଜଣାଇଛନ୍ତି।



# ସୌନ୍ଦର୍ଯ୍ୟ ହରାଉଛି ସେଲ୍ଫି ପଏଣ୍ଟ 'ଆଇ ଲଭ୍ ପିପିଲି'



- ମୁହଁ ଫେରାଉଛନ୍ତି ପର୍ଯ୍ୟଟକ
- ଯନ୍ତ୍ରପାତିରେ ନିର୍ମିତ ଘୋଡ଼ାରେ ଲାଗିଲାଣି କଳଙ୍କି; କମୁଛି ଆକର୍ଷଣ

ପିପିଲି,୮।୭(ସମିସ)

ପୁରୀ ଜିଲ୍ଲାକୁ ସରସ ସୁନ୍ଦର ଭାବରେ ଗଢ଼ି ତୋଳିବା ପାଇଁ ପୂର୍ବ ସରକାର ଖର୍ଚ୍ଚ କରିଥିଲେ କୋଟି କୋଟି ଟଙ୍କା। ଭୁବନେଶ୍ୱରରୁ ପୁରୀ ଯିବା ବାଟରେ ପିପିଲି ଟୋଲ୍ ପ୍ଲାଜା ନିକଟ ପିପିଲି ମୁଖ୍ୟ ବଜାରକୁ ପ୍ରବେଶ ପଥରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସୌନ୍ଦର୍ଯ୍ୟକରଣ ସହିତ ସେଲ୍ଫି ପଏଣ୍ଟ 'ଆଇ ଲଭ୍ ପିପିଲି' ନିର୍ମାଣ କରାଯାଇଥିଲା। ଏଠାରେ ପର୍ଯ୍ୟଟକ ଅଟକିବେ ଏବଂ ପିପିଲିର ସ୍ମୃତିକୁ ନେଇ ଫଟୋପୋଜ୍ ଦେବେ। ଧୀରେ ଧୀରେ ଏହାର ସୌନ୍ଦର୍ଯ୍ୟକରଣ ହ୍ରାସ ପାଇବାରେ ଲାଗିଲାଣି। ଫଳରେ ଏଠାରୁ ପର୍ଯ୍ୟଟକ ମୁହଁ ଫେରାଇବାରେ ଲାଗିଲେଣି।

ଏହି କାର୍ଯ୍ୟ ପାଇଁ ପିପିଲି ଏନ୍ଏସି ପକ୍ଷରୁ ୭୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ଏହାର ଉନ୍ନତୀକରଣ କରାଯାଇଥିଲା। ଏହି ପ୍ରକଳ୍ପରେ ପାର୍କ ନିର୍ମାଣ କରାଯାଇ ସେଥିରେ ଘାସ ଲଗାଯିବା ସହିତ ବିଭିନ୍ନ ସୌନ୍ଦର୍ଯ୍ୟକରଣ ଗଛକୁ ଲଗାଯାଇଥିଲା। ଲୋକମାନେ ଚାଲିବା ପାଇଁ ରାସ୍ତା ନିର୍ମାଣ କରାଯିବା ସହିତ ପେଭର ବ୍ଲକ୍ ପକାଯାଇଛି। ଗୋରୁଗାଈ ପାର୍କ ଭିତରକୁ ପ୍ରବେଶ ନ କରିବା ପାଇଁ ଚତୁଃପାଶ୍ୱର୍ରେ ଷ୍ଟିଲ୍ ପାଇପ୍ ଲଗାଯାଇଛି। ପାର୍କ ପରିସରରେ ପିପିଲିର କଳା ସଂସ୍କୃତି ଏବଂ ପରିଚୟର ପ୍ରତୀକ ଚାନ୍ଦୁଆକୁ ସ୍ଥାପିତ କରାଯାଇଛି। ଫାଇଭରରେ ପ୍ରସ୍ତୁତ ଏହି ଚାନ୍ଦୁଆର ପ୍ରତିଛବି କପଡ଼ାରେ ତିଆରି ଚାନ୍ଦୁଆଠାରୁ କୌଣସି ଗୁଣରେ କମ୍ ନୁହେଁ। ଖାଲି ଯେ ଚାନ୍ଦୁଆର ପ୍ରତୀକ କରାଯାଇଛି ତାହା ନୁହେଁ, ଦୋଳ ପର୍ବର ଛତି, ତ୍ରାସକୁ ମଧ୍ୟ ଏଠାରେ ସ୍ଥାନ ଦିଆଯାଇଛି। ଭୁବନେଶ୍ୱରରୁ ପୁରୀକୁ ବାଇପାସ୍ ରାସ୍ତା ଯିବା ପରେ ପରେ ଚାନ୍ଦୁଆ ବଜାର ଦୂରେଇ ଯାଇଥିବାବେଳେ ଏହି ପ୍ରକଳ୍ପ ନିଶ୍ଚିତ ଭାବରେ ଚାନ୍ଦୁଆ କାରିଗର ଏବଂ ବ୍ୟବସାୟୀଙ୍କ ବ୍ୟବସାୟକୁ ଆଗକୁ ନେବାରେ ସହାୟକ ହେବ ବୋଲି ଆଶା କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ଏହି ପ୍ରକଳ୍ପରୁ ରଙ୍ଗ ଛାଡ଼ିଗଲାଣି। ପିପିଲି ସହର ଯେଉଁଭଳି ଭାବେ ସୌନ୍ଦର୍ଯ୍ୟରେ ଭରି ରହିଥିଲା ଏବେ ତାହା ହଜିଗଲାଣି। ଦିନକୁ ଦିନ ଅଞ୍ଚଳର ବାସିନ୍ଦାଙ୍କ ସହିତ ପଥଚାରୀ, ପର୍ଯ୍ୟଟକ, ତୀର୍ଥଯାତ୍ରୀମାନଙ୍କର ସେଲ୍ଫି ନେବାର ଯେଉଁ ଆଗ୍ରହ ଥିଲା ତାହା ଧୀରେ ଧୀରେ କମିବାରେ ଲାଗିଛି। ଯନ୍ତ୍ରପାତିରେ ନିର୍ମିତ ଘୋଡ଼ାରେ କଳଙ୍କି ଲାଗିଲାଣି। ପୂର୍ବରୁ ଏଠାକୁ ପ୍ରତିଦିନ ଶହଶହ ପର୍ଯ୍ୟଟକ ସେଲ୍ଫି ନେବାକୁ ଆସୁଥିଲେ ମଧ୍ୟ ଏବେ ସୌନ୍ଦର୍ଯ୍ୟରେ ଭରପୂର ଥିବା ସେଲ୍ଫି ପଏଣ୍ଟ ଏବେ ମଳିନ ପଡ଼ିଗଲାଣି। ଆଗକୁ ପୁରୀରେ ରଥଯାତ୍ରା ଥିବାରୁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ। ତେଣୁ ତାହାକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତିରେ ଏହାର ସୌନ୍ଦର୍ଯ୍ୟ ଫେରାଇ ଆଣିବାକୁ ପିପିଲିବାସୀ ଦାବି କରିଛନ୍ତି।

## ଅଲାରନାଥଙ୍କ ପୀଠରେ ଖିରି ପାଇଁ ଭକ୍ତଙ୍କ ଭିଡ଼



ବ୍ରହ୍ମଗିରି,୮।୭(ସମିସ): 'ଆ ଅଲାର ଖା ଖିରି, ମୁଁ ଜାଣିନାହିଁଦିଅଙ୍କ ନାଁ, ବାପା ଯାଇଛନ୍ତି ବାହାର ଗାଁ' ଉକ୍ତ ଉକ୍ତିଟି ବ୍ରହ୍ମଗିରି ଅଲାରନାଥ ପୀଠକୁ ଆସୁଥିବା ପ୍ରତ୍ୟକ ଭକ୍ତଙ୍କ ମନେ ପଡୁଥିବ। ବିଶ୍ୱ ପ୍ରସିଦ୍ଧ ଅଲାରନାଥଙ୍କ ପ୍ରସିଦ୍ଧ ଭୋଗ ହେଲା ଚାଉଳ ଖିରି। ଏହି ଖିରି ଭୋଗର ପରମ୍ପରା କେଉଁ ଅନାଦି କାଳରୁ ଚାଲିଆସିଛି।

କପିଳ ସଂହିତାରେ ପ୍ରମାଣ ଦିଏ, ନୀଳମାଧଙ୍କ ଅନ୍ତର୍ଦ୍ଧାନ ପରେ ବ୍ରହ୍ମଗିରି ନିକଟସ୍ଥ ଏକ ବ୍ରାହ୍ମଣ ପରିବାରରେ ଅବସ୍ଥାପନ କରିଥିଲେ। ସେତେବେଳେ ବ୍ରହ୍ମଗିରିରେ କୋମା ବ୍ରାହ୍ମଣମାନେ ବସବାସ କରୁଥିବାର ଜଣାଯାଏ। ଉକ୍ତ ନାରାୟଣ ମୂର୍ତ୍ତିକୁ ଶ୍ରୀକେତନ ନାମକ ଏକ ଗରିବ ବ୍ରାହ୍ମଣ ପୂଜା କରନ୍ତି। ସେ ଭିକ୍ଷାକରି ଚଳୁଥିବାରୁ ଠାକୁରଙ୍କୁ ଖିରି ଭୋଗ କରନ୍ତି। ଏକଦା ବ୍ରାହ୍ମଣ ବିଦେଶ ଯିବା ସମୟରେ ତାଙ୍କର ୮ ବର୍ଷର ପୁଅ ମଧୁସୂଦନକୁ ଠାକୁରଙ୍କ ପୂଜାରେ ନିୟୋଜିତ କରିଥିଲେ। ଛୋଟ ବାଳକଟି ତାଙ୍କ ମାଆ ରାନ୍ଧିଥିବା ଖିରି ନେଇ ମନ୍ଦିରକୁ ଗଲେ। ପୂଜା ଜାଣି ନ ଥିବାରୁ ପାତ୍ରଟି ଠାକୁରଙ୍କ ନିକଟରେ ଥୋଇ 'ଆ ଠାକୁର ଖା ଖିରି, ବାପା ଯାଇଛନ୍ତି ବିଦେଶ କରି, ମୁଁ ଜାଣିନାହିଁ ଦିଅଁଙ୍କ ନା' ଉକ୍ତ ଉକ୍ତିଟି କହି ଦୁଆର ବନ୍ଦ କରିଦେଇଥିଲେ। କିଛି ସମୟ ପରେ ଦେଖନ୍ତି ଖିରି ପାତ୍ରଟି ସମ୍ପୂର୍ଣ୍ଣ ଖାଲି। ଏ ଘଟଣାଟିକୁ ଶ୍ରୀକେତନ ବିଶ୍ୱାସ କରିପାରି ନ ଥିଲେ। ଉକ୍ତ ଘଟଣାଟିକୁ ପରିଖିବା ପାଇଁ ପୂର୍ବ ଦିନ ପରି ପୁଅକୁ ପଠାଇ କବାଟ ଫାଙ୍କରେ ଲୁଚି ଦେଖୁଥିଲେ। ସେ ଯେତେବେଳେ ଦେଖିଲେ ଘଟଣାଟି ସତ୍ୟ ସଙ୍ଗେ ସଙ୍ଗେ ଦୁଆର ଖୋଲି ଦିଅନ୍ତି। ଠାକୁର ନିଜ ସ୍ଥାନକୁ ଫେରିବା ସମୟରେ ଗରମ ଖିରି ପଡ଼ି ତାଙ୍କ ଶରୀର ଫୋଟକା ହୋଇଥିଲା। ଏବେ ମଧ୍ୟ ଠାକୁରଙ୍କ ବିଗ୍ରହରେ ଫୋଟକା ଚିହ୍ନ ଦେଖିବାକୁ ମିଳେ। ସେହିଦିନଠାରୁ ଅଲାରନାଥଙ୍କ ପ୍ରିୟ ପ୍ରସାଦ ଖିରି ଭୋଗ। ଏହି ଅନବସର ସମୟରେ ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ଭକ୍ତ ଖିରି ପ୍ରସାଦ ପାଇଁ ଲମ୍ବା ଧାଡ଼ିରେ ଅପେକ୍ଷା କରି ରହିଥା'ନ୍ତି।

## ପ୍ରଧାନଶିକ୍ଷକଙ୍କୁ ଏସ୍ଏମ୍ସି ଗଠନ ପ୍ରଶିକ୍ଷଣ



ଡେଲାଙ୍ଗ,୮।୭(ସମିସ): ଡେଲାଙ୍ଗ ହାଟ ବଜାରସ୍ଥିତ ସରକାରୀ ସଂଯୁକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୬୩ ଜଣ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନର ନିୟମାବଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏଥିରେ ଡେଲାଙ୍ଗ ବ୍ଲକ୍ ଶିକ୍ଷା ଅଧିକାରୀ ପୀତବାସ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ବିଭାଗର ନିୟମ ଅନୁପାଳନ କରି ଉଚିତ୍ ମାର୍ଗରେ ଆସନ୍ତା ୧୫ ତାରିଖ ସୁଦ୍ଧା ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିବାକୁ ପରାମର୍ଶ ଦେଇଛନ୍ତି। ଏବିଇଓ ସଞ୍ଜୁକ୍ତା ମିଶ୍ର, ବରିଷ୍ଠ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ବେହେରା ମଞ୍ଚାସୀନ ଥିଲେ। ୧ରୁ ୧୦୦ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୧୨ରୁ ୧୫ ଜଣ, ୧୦୦ରୁ ୫୦୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୧୫ରୁ ୨୦ ଜଣ ଏବଂ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୨୦ରୁ ୨୫ ଜଣ ସଭ୍ୟ/ସଭ୍ୟା ପରିଚାଳନା କମିଟିରେ ରହିପାରିବେ ବୋଲି ଆଲୋଚନା ହୋଇଥିଲା।

### ସମନ୍ୱୟ ରଖି ଯୋଜନା ସଫଳ କରିବା ପାଇଁ ନିଷ୍ପତ୍ତି

## ୨୫ ତାରିଖ ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଚାଲିବ ଓଜନ ଉତ୍ସବ



ସାକ୍ଷୀଗୋପାଳ,୮।୭(ସମିସ): ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ "ଓଜନ ଉତ୍ସବ' ଜୁଲାଇ ୧ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ସହଯୋଗୀ ବିଭାଗ ସହଭାଗିତାରେ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ବ୍ଲକ୍ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଯୋଜନାର ସଫଳତା ନେଇ ମଙ୍ଗଳବାର ସତ୍ୟବାଦୀ ବ୍ଲକ୍ ସଦ୍ଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରିଣୀ ରାଜଲକ୍ଷ୍ମୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ୍ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମିତ୍ରା ଜେନା, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଛାଟୋଇ ମୋତିଲାଲ୍ ରାୟ, ଅନ୍ୟତମ ଅତିଥି ଭାବେ ଜିପିଓ ହେମନ୍ତ କୁମାର ତ୍ରିପାଠୀ, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟକୁମାର ରାଉତ, ବ୍ଲକ୍ ଯନ୍ତ୍ରୀ ନୀଳିମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। 'ସୁସ୍ଥ ସମାଜ ପାଇଁ ସୁସ୍ଥ ଶିଶୁ ଅପରିହାର୍ଯ୍ୟ' ଏହି କ୍ରମରେ ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ (୦ରୁ ୬ ବର୍ଷ ମଧ୍ୟରେ) ରାଜ୍ୟର କୌଣସି ଗୋଟିଏ ବି ଶିଶୁ ଯେଭଳି ଅପପୁଷ୍ଟିର ଶିକାର ନ ହେବା, ଅପହଞ୍ଚ ଇଲାକାରେ ଥିବା ଶିଶୁଙ୍କ ଯତ୍ନ ସହ ବୟସ ଅନୁଯାୟୀ ଶିଶୁଙ୍କ ଓଜନ ଓ ଉଚ୍ଚତା ସଠିକ୍ ରହିବା ପାଇଁ ଉପଯୁକ୍ତ ଚିକିତ୍ସା ପରାମର୍ଶ, ପୁଷ୍ଟିକର ଖାଦ୍ୟ ବ୍ୟବହାର ଆଦି ଯୋଗାଇଦେବା ପାଇଁ ସରକାରଙ୍କ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ଉକ୍ତ ଯୋଜନାକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଶିକ୍ଷକ-ଶିକ୍ଷୟତ୍ରୀ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀ, ସ୍ୱାସ୍ଥ୍ୟ କର୍ମୀମାନେ ଯୋଗଦେଇଥିଲେ। ଅଙ୍ଗନବାଡ଼ି ସୁପରଭାଇଜର ମିତା ନାଗ, ବିରଜାଲକ୍ଷ୍ମୀ ମହାନ୍ତି, ମିତା ବେହେରା, ସୁକ୍ତି ସୁଦୀପ୍ତା ଆଚାର୍ଯ୍ୟ, ପୋଷଣ ବ୍ଲକ୍ ସଂଯୋଜକ ଦେବାଶିଷ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସତ୍ୟବାଦୀ ବ୍ଲକ୍‌ରେ ଅନ୍ୟୁନ ୫ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଏହି ଯୋଜନାରେ ସାମିଲ୍ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ସତ୍ୟବାଦୀ ବ୍ଲକ୍ ସିଡିପିଓ ରାଜଲକ୍ଷ୍ମୀ ଦାସ ସୂଚନା ଦେଇଥିଲେ।

## ଘରୁ ତଡ଼ିଦେଲେ ପାଞ୍ଚ ପୁଅ; ଥାନାର ଦ୍ୱାରସ୍ଥ ବାପା



କଣାସ,୮।୭(ସମିସ): ଆଜିର ସମାଜ ଯେତିକି ଆଗକୁ ଗତି କରୁଛି ସେତିକି ଅଜବ କଥା ସମାଜରେ ଘଟିବାକୁ ଲାଗିଛି। ପୁଅଟିଏ ଜନ୍ମ ହେଲେ ବାପା ତା'ର ବହୁ କଷ୍ଟ କରି କିପରି ବଡ଼ ମଣିଷ ହେବ, ବାପାକୁ ଶେଷ ଜୀବନରେ କିପରି ସାହାଯ୍ୟ କରିବ ପୁଅ ବଡ଼ ହେବା ପର୍ଯ୍ୟନ୍ତ ସମସ୍ତ ଲାଳନପାଳନ କରି ଅର୍ଥ ବଳ ଖଟାଇଥାଏ। କିନ୍ତୁ ପୁଅ ବଡ଼ ମଣିଷ ହେବା ପରେ ସେହି ବାପାକୁ ଘରୁ କିପରି ବାହାର କରିବ ତାହାର ରାସ୍ତା ଖୋଜୁଥାଏ। ଏଭଳି ଏକ ଘଟଣା ଘଟିଛି କଣାସ ବ୍ଲକ୍ ଗୋପୀନାଥପୁର ଗ୍ରାମପାଞ୍ଚାୟତ କଳାପଦର ଗ୍ରାମରେ। ବାପାକୁ ଘରୁ ବାହାର କରିଦେବାରୁ ବାପା ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କଳାପଦର ଗ୍ରାମର ପ୍ରାଣକୃଷ୍ଣ ବାରିକ ସେହି ଗ୍ରାମରେ ଥିବା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରି ୧୫ ବର୍ଷ ହେଲା ଅବସର ନେଇଛନ୍ତି। ବିଭିନ୍ନ ବ୍ୟାଙ୍କରୁ ଋଣ କରି ତାଙ୍କର ପାଞ୍ଚ ପୁଅଙ୍କ ପାଇଁ ପକ୍କା ଗୃହ ନିର୍ମାଣ କରିଦେଇଛନ୍ତି। ଯାହା ପୈତୃକ ସମ୍ପତ୍ତି ଥିଲା ପୁଅମାନଙ୍କ ନାମରେ କରିଦେଇଛନ୍ତି। ସେ ବର୍ତ୍ତମାନ ୭୮ ବର୍ଷ ବୟସରେ ଉପନିତ। ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ପୁଅମାନେ ତାଙ୍କୁ ଘରୁ ବାହାର କରିଦେଇଥିବାରୁ ସେ ଅନ୍ୟ ଲୋକଙ୍କ ବାରଣ୍ଡାରେ ରାତ୍ରୀଯାପନ କରୁଛନ୍ତି। ଏନେଇ ଗଡ଼ିଶାଗୋଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ଗଡ଼ିଶାଗୋଦା ଥାନା ଅଧିକାରୀ ସାନ୍ତୁନ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ସେ ପୁଅମାନଙ୍କୁ ମୁଁ ଡକାଇଥିଲି। ପୁଅମାନେ କହିଲେ ମାଆ ଆମ ପାଖରେ ଅଛନ୍ତି। ବାପା ଆମ ପାଖରେ ରହିବାକୁ ରାଜି ହେଉ ନାହାନ୍ତି।

### ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଜମିରହିଛି ପାଣି

## ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ଚେତାବନୀ



ଅସ୍ତରଙ୍ଗ,୮।୭(ସମିସ): ଅସ୍ତରଙ୍ଗ ବ୍ଲକ୍ ମାଣ୍ଡୁକି ପଞ୍ଚାୟତ ଓଲରା ଗ୍ରାମ ରାସ୍ତା ମରାମତି କାର୍ଯ୍ୟକୁ ୫ ମାସ ବିତିନି, ତଥାପି ରାସ୍ତାରେ ବର୍ଷା ହେଲେ ଜମି ରହୁଛି ଆଣ୍ଠୁଏ ଆଣ୍ଠୁଏ ପାଣି। ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। କେବଳ ଗ୍ରାମବାସୀ ନୁହନ୍ତି, ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ନିକଟରେ ଥିବା ବିଦ୍ୟାଳୟ ଓ ଅଙ୍ଗନବାଡ଼ିର କୁନିକୁନି ଛାତ୍ରଛାତ୍ରୀମାନେ। ବର୍ଷା ଅସରାଏ ହେଲେ ରାସ୍ତାରେ ପ୍ରାୟ ୪୦ରୁ ୫୦ ମିଟର ପର୍ଯ୍ୟନ୍ତ ଖାଲୁଆ ସ୍ଥାନରେ ପାଣି ଜମି ରହି ସୃଷ୍ଟି କରିଛି କୃତ୍ରିମ ବନ୍ୟା ତ ନୁହେଁ ନର୍ଦ୍ଦମା। ମାଣ୍ଡୁକି ପଞ୍ଚାୟତ ଓଲରା ଗ୍ରାମର ଭାଗବତ ଗୃହଠାରୁ ଓଲରା ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଯାହା ହେବାର ୪ରୁ ୫ ମାସ ବିତିନି ମାତ୍ର ଜମୁଛି ପାଣି। ଏହି ରାସ୍ତା ରହିଛି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ। ଗ୍ରାମବାସୀଙ୍କ ଅଭିଯୋଗ ଯେ, ରାସ୍ତା କାମ ସମୟରେ ଠିକାଦାର ମନଇଚ୍ଛା କାମ କଲେ। ବିଦ୍ୟାଳୟକୁ ଲାଗି ୪୦ରୁ ୫୦ ମିଟର ପର୍ଯ୍ୟନ୍ତ ମରାମତି ରାସ୍ତାକୁ ମଝିରେ ଛାଡ଼ିଦେଲେ। ଗ୍ରାମବାସୀ ବିରୋଧ କରିବାରୁ ସେ ରାସ୍ତା କାର୍ଯ୍ୟ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଇ ପାଶ୍ୱର୍ ଉଚ୍ଚା କରି କିଛି ବି ବର୍ଷା ଜଳ ନିଷ୍କାସନ ପାଇଁ ବାଟ ନ ରଖି ମଝିରେ ଖାଲ କରି ଛାଡ଼ି ପଳାଇଗଲେ। ଏଠି ପ୍ରଶ୍ନ ଉଠୁଛି କେଉଁ କାରଣରୁ ଏପରି କରାଗଲା ଯାହା ସମ୍ପୂର୍ଣ୍ଣ ଅସ୍ପଷ୍ଟ। କିନ୍ତୁ ବର୍ତ୍ତମାନ ଏହି କାର୍ଯ୍ୟ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ ଓ ଛାତ୍ରଛାତ୍ରୀ। ଗ୍ରାମବାସୀଙ୍କ ଦାବି ରହିଛି, ଏହାକୁ ନେଇ ଆମେ ଅନେକ ଥର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇବା ପରେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ତେଣୁ ପ୍ରଶାସନିକ ସ୍ତରରେ ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

### ବ୍ଲକ୍ କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀଙ୍କୁ ଗାଳିଗୁଲଜ ଓ ଧମକ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ଲକ୍ ପ୍ରଶାସନର ଦାବି



କାକଟପୁର,୮।୭(ସମିସ): କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି ଗଣ୍ଡଗୋଳ କରିବା ଏବଂ ପିସି ନେବା ଅଭିଯୋଗକୁ କେନ୍ଦ୍ର କରି ଏକ ହଟଗୋଳର ଭିଡିଓ ଭାଇରାଲ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ସେମାନଙ୍କ ନାମରେ ମାମଲା ରୁଜୁ କରିଥିବାବେଳେ, ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦାବି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୩ ତାରିଖରେ ପୁରୀ ଜିଲ୍ଲା କାକଟପୁର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ଭାଗ୍ୟଧର ଧଳ ନିଜ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ବ୍ଲକ୍ ଅଧୀନସ୍ଥ କାଦୁଅ ନୂଆଗାଁ ପଞ୍ଚାୟତରେ ୩ ମାସ ପୂର୍ବେ ହୋଇଥିବା ଏକ ସରକାରୀ କାର୍ଯ୍ୟର ବିଲ୍ ଟଙ୍କାରୁ 'ପିସି' କାଟିବା ଅଭିଯୋଗ ଆଣି ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ କୈଳାଶ ଲେଙ୍କା ଏବଂ ଭୀମସେନ ସେଠୀଙ୍କ ସମେତ କିଛି ଲୋକ କାର୍ଯ୍ୟାଳୟ ଭିତରକୁ ଜବରଦସ୍ତ ପଶି ଶ୍ରୀ ଧଳଙ୍କୁ ଗାଳିଗୁଲଜ କରିବା ସହ ସରକାରୀ ଫାଇଲ୍ ଛଡ଼ାଇବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ସମଗ୍ର ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଅପ୍ରୀତିକର ପରିସ୍ଥିତିକୁ ନେଇ ସମ୍ପୃକ୍ତ ଯନ୍ତ୍ରୀ ଗତ ମଙ୍ଗଳବାର କାକଟପୁର ଥାନାରେ ଏକ ଲିଖିତ ଏତଲା ଦାୟର କରିଥିଲେ। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟ କୈଳାସ ଲେଙ୍କା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର କାକଟପୁର ବିଡିଓ ନାରାୟଣ ଦୀକ୍ଷିତ ଏବଂ ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ଏକ ସଂଯୁକ୍ତ ପ୍ରେସ୍ ମିଟ୍ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ବିଡିଓ ଶ୍ରୀ ଦୀକ୍ଷିତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯଦି ସମ୍ପୃକ୍ତ ଯନ୍ତ୍ରୀ କିଛି ଭୁଲ୍ କରିଥିଲେ, ତେବେ ଉପରିସ୍ଥ ଅଧିକାରୀ ହିସାବରେ ମୋତେ ଜଣାଇବାର ଥିଲା। ତାହା ନ କରି କାର୍ଯ୍ୟାଳୟରେ ପଶି ସରକାରୀ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଏବଂ ସରକାରୀ ଫାଇଲ୍ ଚିରି ଫିଙ୍ଗିବା ଭଳି ଉଦ୍ଧତ କାଣ୍ଡକୁ ମୁଁ ଘୋର ନିନ୍ଦା କରୁଛି। ଏ ସମ୍ପର୍କରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣାର ବିଭିନ୍ନ ଦିଗକୁ ନେଇ ପୁଲିସ ପକ୍ଷରୁ ଛାନ୍ଭିନ୍ ଚାଲିଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୁଣ୍ଡେଇ,୮।୭(ସମିସ): କାକଟପୁର ବ୍ଲକ୍ ଅନ୍ତର୍ଗତ ବାଜପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମୀଧର ବେହେରା ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝରଣା ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଗ୍ରାମ ମୁରବୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କିଶୋର ପୃଷ୍ଟି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କାକଟପୁର ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ପୃଷ୍ଟି, ସମିତିସଭ୍ୟ ପ୍ରମୋଦ କିଶୋର ଦାସ, ସହ ଶିକ୍ଷାଧିକାରୀ ବଂଶୀଧର ମଲ୍ଲିକ, ଭଗବତୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବ୍ୟଲୋଚନ ରାଉତ, ପୁରୀ ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ସଦାଶିବ ସାହୁ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ ଖୁଣ୍ଟିଆ, କୁଣ୍ଡେଇ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଲିମ୍ ଖାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପବିତ୍ର ମୋହନ ସାହୁ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସେଠୀ, ମନୋରମା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଅସ୍ତରଙ୍ଗ ସମୁଦ୍ର କୂଳରେ ଲାଗିଲା 'ବୈଆଁ'



ଅସ୍ତରଙ୍ଗ,୮।୭(ସମିସ): ଅସ୍ତରଙ୍ଗ ସମୁଦ୍ର କୂଳରେ ଲାଗିଛି ଏକ ବିରାଟକାୟ ବସ୍ତୁ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ପ୍ରବଳ ଢେଉର ପ୍ରଭାବରେ ସମୁଦ୍ର ଭିତରେ ଥିବା ଏହି ବିଶାଳକାୟ ଲୁହାରେ ତିଆରି ଗୋଲାକାର ବୈଆଁ ଛିଣ୍ଡି ଭାସି ଆସି ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଲାଗିଛି। ସମୁଦ୍ରରେ ଜାହାଜର ନାବିକମାନଙ୍କୁ ଓ ମାଛଧରା ଟ୍ରଲରକୁ ସଠିକ୍ ଦିଗ ଦେଖାଇବା ପାଇଁ ଏହାକୁ ନେଭିଗେସନ୍ ବୁଏ ବା ବୈଆଁ ଦିଗବାରେଣୀ ଭାବେ ବ୍ୟବହାର କରିଥାଏ। ଏହାର ଉପର ଭାଗରେ ଲାଗିଥିବା ଲାଇଟ୍ ସନ୍ଧ୍ୟା ସମୟରେ ଜଳିଉଠି ସମୁଦ୍ର ପଥରେ ଯାତାୟାତ କରୁଥିବା ଜାହାଜଗୁଡ଼ିକୁ ଦିଗ ନିର୍ଦ୍ଦେଶ କରିଥାଏ। ପୂର୍ବରୁ ଏହି ସମୁଦ୍ର କୂଳରେ ଏକ ବୈଆଁ ଲାଗିଥିଲା। ପୂର୍ବରୁ ଡାଲୁଅକଣି ନିକଟରେ ଲାଗିଥିବାବେଳେ ବୁଧବାର ଗୁଣ୍ଡଳବା ସମୁଦ୍ର କୂଳରେ ଲାଗିଛି। ଲୋକମାନେ ଏହାକୁ ଦେଖିବା ପାଇଁ ଯେତିକି ଆଗ୍ରହ ପ୍ରକାଶ କରିଥିଲେ ସେତିକି ମଧ୍ୟ ଭୟଭୀତ ହୋଇଥିଲେ। କିଛି ଲୋକଙ୍କ ଭିତରେ ଅନେକ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଥିଲା ଏହି ବୈଆଁକୁ ନେଇ। ଏ ସମ୍ପର୍କରେ ପରିବେଶବିତ୍ ଶୋଭାକର ବେହେରା ଓ ବିଚିତ୍ରାନନ୍ଦ ବିଶ୍ୱାଳ କହିଛନ୍ତି, କୌଣସି ଭୟଭୀତ ହେବାର ଆବଶ୍ୟକ ନାହିଁ। କୌଣସି ମାଛଧରା ବଡ଼ ଟ୍ରଲର, ଜାହାଜ କିମ୍ବା ଜୋର୍ ପବନରେ ଭାସିଆସି ଏହି ଭଗ୍ନାବଶେଷ ଅସ୍ତରଙ୍ଗ ଉପକୂଳକୁ ଚାଲିଆସିଛି।

# ବନ ମହୋତ୍ସବ ସପ୍ତାହ ଓ ଚାରା ରୋପଣ

ନିମାପଡ଼ା,୮।୭(ସମିସ): ନିମାପଡ଼ାର ବିଭିନ୍ନ ଅନୁଷ୍ଠାନ ତରଫରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ନିମାପଡ଼ାସ୍ଥିତ ନୟା ସବେରା ୟୁଥ୍ ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଡ଼ାଙ୍କ ନେତୃତ୍ୱରେ ନିମାପଡ଼ା ପ୍ରାଣୀଧନ ଚିକିତ୍ସାଳୟ ଚତୁଃପାଶ୍ୱର୍ରେ ବୃକ୍ଷରୋପଣ କରାଯାଇଥିବା ବେଳେ ବନରକ୍ଷୀ ଗୀତାଞ୍ଜଳି ବେହେରା, ବିଭିଓ ପ୍ରଦୀପ କୁମାର ଜେନା, ଉପଦେଷ୍ଟା ବିଚିତ୍ରନନ୍ଦ ପାତ୍ର, ଜୀବନଜ୍ୟୋତି ଶତପଥୀ, ପ୍ରଦୀପ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିବା ବେଳେ ଡିଏଭି ପବ୍ଲିକ୍ ସ୍କୁଲ, ନିମାପଡ଼ା ପକ୍ଷରୁ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସବୁଜ ପୃଥିବୀ ଗଠନର ମହାନ ବାର୍ତ୍ତାକୁ ନେଇ ସପ୍ତାହବ୍ୟାପୀ ବନ ମହୋତ୍ସବ ଆଡ଼ମ୍ବର ସହ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ୍.ଏମ୍. ହକ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ଅବସରରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ସୃଜନଶୀଳ ଓ ଜ୍ଞାନବର୍ଦ୍ଧକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ରଙ୍ଗୋଲି ପ୍ରତିଯୋଗିତା ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଇଂରାଜୀ ବକ୍ତୃତା (ଡିବେଟ୍) ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ରଙ୍ଗୋଲି ପ୍ରତିଯୋଗିତାରେ ଅଷ୍ଟମ 'ଏ'ର ସାନିଧି ସ୍ୱାଇଁ ପ୍ରଥମ, ଷଷ୍ଠ 'ଏ'ର ସାଇଶ୍ରୀତା ନାୟକ ଦ୍ୱିତୀୟ, ସପ୍ତମ 'ଏ'ର ସ୍ୱୟନ ଶିବାଙ୍ଗ ଦାସ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଷଷ୍ଠ 'ବି'ର ଅଙ୍କିତା ସେନାପତି ସାନ୍ତ୍ୱନା ପୁରସ୍କାର ପାଇଥିଲେ। ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାରେ ପଞ୍ଚମ 'ବି'ର ଆୟୁଷ୍ମାନ ସାହୁ ପ୍ରଥମ, ପଞ୍ଚମ 'ଏ'ର ଶ୍ରଦ୍ଧାଜ୍ୟୋତି ମହାରଣା ଦ୍ୱିତୀୟ ଏବଂ ଚତୁର୍ଥ 'ଏ'ର ଶାଶ୍ୱତ ସାଇ ଶୁଭମ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଂରାଜୀ ବକ୍ତୃତା (ଡିବେଟ୍) ପ୍ରତିଯୋଗିତାରେ ଦଶମ 'ଏ'ର ସୌମ୍ୟ ସୁପ୍ରତ ସାହୁ ପ୍ରଥମ, ସ୍ନେହା ବାରିକ ଦ୍ୱିତୀୟ ଏବଂ ଶୁଭଲକ୍ଷ୍ମୀ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୋମବାର ବନ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଏମ୍.ଏମ୍. ହକ୍ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଫରେଷ୍ଟର ବଳଭଦ୍ର ନାୟକ, ବନରକ୍ଷୀ ଗୀତାଞ୍ଜଳି ବେହେରା ଏବଂ ଅମିତ୍ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷଚାରା ରୋପଣ କରାଯିବା ସହ ପରିବେଶ ସଂରକ୍ଷଣ ଉପରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



### ବଲଙ୍ଗା

ବନ ମହୋତ୍ସବ ସପ୍ତାହର ଶେଷ ଦିନରେ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବଲଙ୍ଗାରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ଦାଶ, ସାମ୍ବାଦିକ ମାନସ ରଞ୍ଜନ ଦାଶ, ଏଲିଜା ବେହେରା, ସୁପ୍ରିୟା ବେହେରା, ଜୟଶ୍ରୀ ଦାଶ, ମାନସ ସେଠୀ, ବିଶ୍ୱଜିତ୍ ମଲ୍ଲିକ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରକୃତିର ସୁରକ୍ଷା ହୋଇପାରିଲେ ମାନବ ସମାଜ ସୁସ୍ଥ ଜୀବନଯାପନ କରିପାରିବ। ନଚେତ୍ ବିଭିନ୍ନ ପ୍ରକାରର ରୋଗବ୍ୟାଧି ମଣିଷକୁ ମାଡ଼ି ବସିବ। ତେଣୁ ପ୍ରଚୁର ପରିମାଣରେ ବୃକ୍ଷରୋପଣ କରି ସୁସ୍ଥ ସମାଜ ଓ ନିରାମୟ ଜୀବନ ବିତାଇବା ପାଇଁ ପ୍ରଧାନଶିକ୍ଷକ ଶ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ପ୍ରକୃତିର ସୁରକ୍ଷା କରିବା ସହ ଜନସଂଖ୍ୟା ତୁଳନାରେ ତା'ର ବୃଦ୍ଧି ପାଇଁ ପ୍ରତ୍ୟେକ ବ୍ୟକ୍ତି ଉଦ୍ୟମ କରିବା ନିହାତି ଆବଶ୍ୟକ ବୋଲି ସାମ୍ବାଦିକ ମାନସ ରଞ୍ଜନ ଦାଶ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟ କର୍ମଚାରୀ ପଞ୍ଚାନନ ବରାଳ।

### କଣାସ

କଣାସ ବ୍ଲକ୍ ସାହୁପଡ଼ା ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ଗ୍ରାମେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ଓହ୍ଲାଣରେ ମଙ୍ଗଳବାର ୭୭ତମ ଜାତୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ ମହୋତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଧୁନିକ ସମାଜରେ ପରିବେଶ ପ୍ରଦୂଷିତ ହେଉଥିବାରୁ ଦିନକୁ ଦିନ ପାଣିପାଗର ପରିବର୍ତ୍ତନ ଯୋଗୁଁ ମଣିଷ ଉପରେ କୁପ୍ରଭାବ ପଡୁଥିବାରୁ ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତ୍ୟେକ ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନେବା ସହ ଗ୍ରାମରେ ଗଛ ଲଗାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ କରିବା ପାଇଁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ୧୦ଟି ନଡ଼ିଆ ଗଛ ଓ ଫୁଲ ଗଛ ଚାରାରୋପଣ କରିଥିଲେ।

୦୮/୭/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୪୮,୦୩୦/- ସୁନା:୦୭.୩୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





### ଏସ୍‌ଓଜି, ଏସ୍‌ଟିୟୁ କମାଣ୍ଡୋ ଦେଖାଇଲେ ଦକ୍ଷତା

# ଆତଙ୍କୀଙ୍କୁ ନିପାତ କରି ବନ୍ଧକଙ୍କୁ ଉଦ୍ଧାର କଲେ

ପୁରୀ,୮।୭(ସମିସ)



ଶ୍ରୀମନ୍ଦିର ନିକଟରେ ଅପରେସନ ଚକ୍ରବ୍ୟୂହ। କୌଣସି ପ୍ରକାର ଆତଙ୍କୀ ହମଲାକୁ ମୁକାବିଲା ପାଇଁ ପ୍ରସ୍ତୁତ ଥିଲେ ଦୁଇଟି ସ୍ୱାଇପର ଟିମ୍ ସହ ୪ଟି ଭାଗରେ ବିଭକ୍ତ ହୋଇ ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ (ଏସ୍‌ଟିୟୁ)ର କମାଣ୍ଡୋ। ଏଥିସହ ସକାଳ ଆଖିଆ ଅଗ୍ନିଶମ ବିଭାଗର ଲ୍ୟାଡର, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ। ହଠାତ୍ ରଥଯାତ୍ରା ଗହଳି ଭିତରକୁ ୨ ଜଣ ଆତଙ୍କବାଦୀ ବନ୍ଧୁକ ଧରି ପଶି ଆସିଥିଲେ। ସମସ୍ତଙ୍କୁ ଚେତାବନୀ ଦେଲେ ଯିଏ ଯେଉଁଠି ଯେମିତି ଅଛ ସେମିତି ରୁହ। କେବଳ ସେମାନଙ୍କ ହୁକୁମ୍ ଚାଲିବ। ହାତରେ ବଡ଼ ବଡ଼ ବନ୍ଧୁକ ଧରି ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡକୁ ନିଜ କବ୍‌ଜାକୁ ନେଇଯାଇଥିଲେ ଆତଙ୍କବାଦୀ। ଆଉ ଅତର୍କିତ ଭାବେ ଗୁଳିଚାଳନା କରିବା ସହ ଅନେକ ଶ୍ରଦ୍ଧାଳୁଙ୍କୁ ପଣବନ୍ଦୀ କରି ଏକ ସୁଉଚ୍ଚ କୋଠାରେ ଆମ୍ଭଗୋପନ କରିଥିଲେ। ଖବର ପାଇ ପ୍ରଥମେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା। ଏହା ଏକ ଚ୍ୟାଲେଞ୍ଜିଙ୍ଗ୍ ଅପରେସନ ଥିବାରୁ ଅତି ସତର୍କତାର ସହ ଅଗ୍ନିଶମ ବିଭାଗର ସୁଉଚ୍ଚ ଲ୍ୟାଡର ଯୋଗେ କୋଠାକୁ ଯାଇଥିଲେ ଏସ୍‌ଟିୟୁ କମାଣ୍ଡୋ। ଆଉ ଦୁଇଟି ଟିମ୍ ରଶି ସହାୟତାରେ ଛାତ ତଳକୁ ଆସି ଜଗି ରହିଥିଲେ। ସେମାନଙ୍କୁ ବ୍ୟାକ୍‌ଅପ୍ ଦେବା ପାଇଁ ୪ଟି ହିଟ୍ ଟିମ୍ ପ୍ରବେଶ କରିଥିଲେ। ଶ୍ରୀମନ୍ଦିର ନିକଟ ବାଗେଡ଼ିଆ ଧର୍ମଶାଳାରେ ଆତଙ୍କବାଦୀ ଆମ୍ଭଗୋପନ କରିଥିଲେ। ଅତ୍ୟାଧୁନିକ ରୋବଟ୍ ସାହାଯ୍ୟରେ ପ୍ରଥମେ ଆତଙ୍କବାଦୀଙ୍କ ଲୋକେସନ ଠାବ କରାଯାଇଥିଲା। ଆତଙ୍କବାଦୀ କବ୍‌ଜାରେ ଥିବା ଶ୍ରଦ୍ଧାଳୁଙ୍କୁ ପ୍ରଥମେ ସତର୍କତାର ସହ କମାଣ୍ଡୋମାନେ ଉଦ୍ଧାର କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଆହତ ହୋଇଥିବା ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଯାଇଥିଲା। ପରେ ଅପରେସନ ଚକ୍ରବ୍ୟୂହ ମାଧ୍ୟମରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପରି ବୁଧବାର ପୁରୀରେ ମକ୍‌ଡ୍ରିଲ୍ କରାଯାଇଛି। ପ୍ରଥମେ ସକାଳେ ତାଜ୍ ହୋଟେଲରେ ଓ ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା। ଏହା ଦେଖିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଭକ୍ତଙ୍କ ବେଶ୍ ଭିଡ଼ ଲାଗିଥିଲା। ସେହିପରି ଆତଙ୍କବାଦୀ ହୋଟେଲ ତାଜ୍ ଭିତରକୁ ପଶିଯାଇଥିଲେ। ସେଠାରେ ଥିବା ଯାତ୍ରୀଙ୍କୁ ପଣବନ୍ଦୀ କରି ରଖିଥିଲେ। ଏସ୍‌ଓଜି, ଏସ୍‌ଟିୟୁ କମାଣ୍ଡୋମାନେ ସମସ୍ତ ପଣବନ୍ଦୀ ଯାତ୍ରୀଙ୍କୁ ଉଦ୍ଧାରକରିବା ସହ ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ରଥଯାତ୍ରା ପୂର୍ବରୁ ଏହି ଅଭ୍ୟାସ କରାଯାଇଥିଲା। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି ଯେ, ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ସୁରକ୍ଷା ପୁରୀ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଭକ୍ତମାନଙ୍କର ସୁରକ୍ଷା, ସୁବିଧା ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ କେବଳ ଟ୍ରାଫିକ୍ ଓ ଭିଡ଼ ପରିଚାଳନା ନୁହେଁ, ବରଂ ସମସ୍ତ ପ୍ରକାରର ଜରୁରୀ ପରିସ୍ଥିତିକୁ ମଧ୍ୟ ମୁକାବିଲା କରିବାକୁ ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ।

## ରଥଖଳାରୁ... ରଥରେ ହଂସ ପଟା ବାଡ଼ିଆ ଶେଷ

ପୁରୀ,୮।୭(ସମିସ): ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ତିନିରଥ ଉପର ପରିକ୍ରମା ମାର୍ଗ ଚତୁଃପାର୍ଶ୍ୱରେ ହଂସ ପଟା ବାଡ଼ିଆ ଶେଷ ହୋଇଛି। ଚିତ୍ରକାର ସେବକମାନେ ପ୍ରଭାଗୁଡ଼ିକର ଖୋଦେଇ ରୂପରେ ରଙ୍ଗ ଚିତ୍ର କାର୍ଯ୍ୟ ଶେଷ କରିଛନ୍ତି। ଏତଦ୍‌ବ୍ୟତୀତ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶଗୁଡିକରେ ଚିତ୍ର କାର୍ଯ୍ୟ ଜାରି ରଖିଛନ୍ତି। ଦରଜୀ ସେବକମାନେ ରଥଗୁଡ଼ିକର ବତା କନାରେ ବିଳାସ ପଟି ସିଲେଇ କାର୍ଯ୍ୟ ଶେଷ କରି ତିନିରଥର ଦୁଆରବେଢ଼ା ଏବଂ ଚନ୍ଦ୍ରଶାଳୀରେ ଫୁଲ ପକାଉଛନ୍ତି। ଏଥିସହ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ପାଇଁ ଲାଗି ଲୁଗା ଶେଷ କରିବା ସହ ପହଣ୍ଡି ସମୟରେ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଶ୍ରୀପର ତୂଳୀ ଏବଂ ବିଜେ ତୂଳୀ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ କୋଠ ସୁଆଁସିଆ ସେବକଙ୍କ ରଥରେ କନା ପକା କାର୍ଯ୍ୟ ପାଇଁ ବାକି ଥିବା ହାତୁଡ଼ି, ଛୁରୀ ନିର୍ମାଣ ସହ ଖୋଳା କାର୍ଯ୍ୟ ପାଇଁ ଖଣତି ନିର୍ମାଣ ସହ ଜରୁରି ପରିସ୍ଥିତିରେ ଆବଶ୍ୟକ କଣ୍ଟା ଲୁହା ନିର୍ମିତ ସରଞ୍ଜାମ ରଥରେ ମହଜୁଦ ପାଇଁ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ରଥଯାତ୍ରାରେ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ କରୁଛନ୍ତି ପାହି ମହାରଣା।



## ରଥର ନିର୍ଦ୍ଦେଶକ ଓ ବୈଷୟିକ ଦଳ ଗଠିତ

## ନନ୍ଦିଘୋଷ ଦାୟିତ୍ୱରେ ଜିଲ୍ଲାପାଳ, ତାଳଧ୍ୱଜ ଦାୟିତ୍ୱରେ ଏସ୍‌ପି

ପୁରୀ,୮।୭(ସମିସ): ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ତା' ଉପରେ ସରକାର ଓ ଜିଲ୍ଲା ପ୍ରଶାସନର ନଜର ରହିଛି। ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଉଛି। ଏହି କ୍ରମରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ପ୍ରତ୍ୟେକ ରଥର ନିର୍ଦ୍ଦେଶକ ଓ ବୈଷୟିକ ଦଳ ଗଠନ କରାଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନନ୍ଦିଘୋଷ ରଥ ଦାୟିତ୍ୱରେ ଥିବାବେଳେ ଏସ୍‌ପି ପ୍ରତୀକ୍ ସିଂହଙ୍କୁ ତାଳଧ୍ୱଜ ରଥ ଏବଂ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କୁ ଦେବଦଳନ ରଥ ଦାୟିତ୍ୱ ଦିଆଯାଇଛି। ସେହିପରି ତାଳଧ୍ୱଜ ରଥ ନିର୍ଦ୍ଦେଶକ ଦଳରେ ୧୧ ସଦସ୍ୟ ଓ ବୈଷୟିକ ଦଳରେ ୪ ସଦସ୍ୟ ଥିବାବେଳେ ଦେବଦଳନ ରଥ ନିର୍ଦ୍ଦେଶକ ଦଳରେ ୧୨ ଓ ବୈଷୟିକ ଦଳରେ ୪ ସଦସ୍ୟ, ନନ୍ଦିଘୋଷ ରଥ ନିର୍ଦ୍ଦେଶକ ଦଳରେ ୧୩ ଓ ବୈଷୟିକ ଦଳରେ ୪ ସଦସ୍ୟ ରହିଛନ୍ତି। ଏମାନେ ଶ୍ରୀଗୁଣ୍ଡିଚା ଓ ବାହୁଡ଼ାରେ ରଥଟଣା ସମୟରେ ଆବଶ୍ୟକୀୟ ନିର୍ଦ୍ଦେଶ ଦେବେ। ଏତଦ୍‌ବ୍ୟତୀତ ପରମ୍ପରା ଅନୁସାରେ ରଥଟଣାରେ ତାଳଧ୍ୱଜରେ ସର୍ବାଧିକ ୨୫ ଜଣ ମହାରଣା ସେବକ, ୨ ଜଣ ରୂପକାର ଓ ୨୫ ଜଣ ଭୋଇ ସେବକ ରହିବେ। ଦେବଦଳନରେ ସର୍ବାଧିକ ୨୫ ଜଣ ମହାରଣା ସେବକ, ୨ ଜଣ ରୂପକାର ଓ ୨୫ ଜଣ ଭୋଇ ସେବକ ରହିବେ। ନନ୍ଦିଘୋଷରେ ସର୍ବାଧିକ ୨୭ ଜଣ ମହାରଣା ସେବକ, ୩ ଜଣ ରୂପକାର ଓ ୨୬ ଜଣ ଭୋଇ ସେବକ ଉପସ୍ଥିତ ରହିବେ। ଏମାନେ ଜରୁରୀ ପରିସ୍ଥିତିରେ ମଧ୍ୟ କାର୍ଯ୍ୟ କରିବେ। ସେହିପରି ପୁରୀ ଓ ଭଟିମୁଣ୍ଡାରୁ ଆସିଥିବା ଘଣ୍ଟୁଆ ସେବକ ପ୍ରତି ରଥରେ ବ୍ୟବସ୍ଥାବଳୀରେ ନିର୍ଦ୍ଧାରିତ ସଂଖ୍ୟାରେ ରହି ଶ୍ରୀବିଗ୍ରହମାନଙ୍କୁ ଅବରୋଧ ନ କରି ସମତାଳରେ ଶୃଙ୍ଖଳିତ ଭାବେ ଘଣ୍ଟ ବାଦନ କରିବେ। ପ୍ରତି ରଥରେ ଦୁଇ ଜଣ ଲେଖାଏଁ ପତାକାଧାରୀ ମୁତୟନ ହୋଇ ରଥର ଗତି ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବେ। ସମ୍ପୃକ୍ତ ଅଧିକାରୀ ଓ ସେବକମାନଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ତରଫରୁ ରଥ କର୍ଡନ ପାସ୍ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ।

## ରଥଯାତ୍ରା ପୂର୍ବ ପ୍ରସ୍ତୁତି: ବିଭିନ୍ନ ବସ୍ତିରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ

ପୁରୀ,୮।୭(ସମିସ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାର ଅଂଶ ଭାବେ ସହରର ବିଭିନ୍ନ ବସ୍ତି ଓ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ ସହ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚଳାଯାଇଛି। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସିଟି ସବ୍‌ଡିଭିଜନର ସମସ୍ତ ଥାନାର ଆଇଆଇସି ଓ ବରିଷ୍ଠ ପୁଲିସ ଅଧିକାରୀ ଏହି ଫ୍ଲାଗ୍ ମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ। ପୁଲିସ ଟିମ୍ ସହରର ବିଭିନ୍ନ ବସ୍ତି, ଜନବହୁଳ ଓ ସମ୍ବେଦନଶୀଳ ଅଞ୍ଚଳ ଦେଇ ପଦଯାତ୍ରା କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ। ଲୋକଙ୍କ ମନରେ ସୁରକ୍ଷାର ଭାବନା ସୃଷ୍ଟି କରିବା, ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ଓ ରଥଯାତ୍ରା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୁନିଶ୍ଚିତ କରିବା ଫ୍ଲାଗ୍ ମାର୍ଚ୍ଚର ମୁଖ୍ୟ ଲକ୍ଷ୍ୟ। ଏହି ସମୟରେ ସହରର ବିଭିନ୍ନ ସ୍ଥାନରେ ସନ୍ଦିଗ୍ଧ ବ୍ୟକ୍ତି, ଅସାମାଜିକ ତତ୍ତ୍ୱ ଓ ଅପରାଧ ପ୍ରବଣ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଯାଞ୍ଚ କରାଯାଇଥିଲା। ପୂର୍ବରୁ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଗତିବିଧି ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ପୁଲିସ କଣ୍ଟ୍ରୋଲ୍ ରୁମ୍ ୧୧୨କୁ ସୂଚନା ଦେବା ପାଇଁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ୩୫୦ କେଜି ବାସି ଖାଦ୍ୟ ନଷ୍ଟ

ପୁରୀ,୮।୭(ସମିସ): ରଥଯାତ୍ରା ସମୟରେ ଭକ୍ତଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ତଥା ପୌରାଞ୍ଚଳରେ ଖାଦ୍ୟ ସୁରକ୍ଷା ଯାଞ୍ଚ ଜୋର୍‌ଦାର ହୋଇଛି। ବର୍ତ୍ତମାନ ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ଭକ୍ତ ସମାଗମ ହେଉଥିବାରୁ ବ୍ରହ୍ମଗିରି ଅଞ୍ଚଳ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ-୨୦୦୬ ଏବଂ ସେଥିରେ ଥିବା ନିୟମାବଳୀର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ପାଇଁ ଏହି ପ୍ରବର୍ତ୍ତନ ଅଭିଯାନ ଜାରି ରହିଛି। ଏହି କ୍ରମାଗତ ଚଢ଼ଉ ସମୟରେ ପ୍ରାୟ ୩୫୦ କିଲୋଗ୍ରାମ୍ ବାସି ଖାଦ୍ୟ ନଷ୍ଟ କରାଯାଇଛି। ସେହିପରି ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟବିଧି ଉଲ୍ଲଂଘନ କରୁଥିବା ଖାଦ୍ୟ ବ୍ୟବସାୟୀ ପ୍ରତିଷ୍ଠାନ ବିରୋଧରେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିୟମ ଉଲ୍ଲଂଘନ ପାଇଁ ସମୁଦାୟ ୩୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲ୍ଲା ପ୍ରଶାସନ କହିଛି ଯେ ରଥଯାତ୍ରା ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିବ। ପ୍ରଶାସନ ସାଧାରଣ ଲୋକଙ୍କୁ ଅପିଲ୍ କରିଛନ୍ତି ଯେ ବାସି ଓ ଅସ୍ୱାସ୍ଥ୍ୟକର ଖାଦ୍ୟ କିଣନ୍ତୁ ନାହିଁ। କୌଣସି ଅଭିଯୋଗ ଥିଲେ ତୁରନ୍ତ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଜଣାନ୍ତୁ।

## ରଥଯାତ୍ରାରେ ସ୍ୱେଚ୍ଛାସେବୀଙ୍କ ଅବଦାନ ଅତୁଳନୀୟ: ଜିଲ୍ଲାପାଳ

ପୁରୀ,୮।୭(ସମିସ): ପୁରୀରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କର ଆଗମନ ହୋଇଥାଏ। ସେମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ଖାଦ୍ୟ, ପାନୀୟ, ଚିକିତ୍ସା ଓ ସହାୟତା ପାଇଁ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ବୁଧବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଚଳିତ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ସ୍ୱେଚ୍ଛାସେବୀମାନେ ପ୍ରଶାସନର ଏକ ଅଙ୍ଗ ସଦୃଶ୍ୟ। ସେମାନଙ୍କ ସହଯୋଗ ଓ ସହଭାଗିତା ରଥଯାତ୍ରା ଭଳି ଏକ ବିଶାଳ ଜନଗହଳିପୂର୍ଣ୍ଣ ଯାତ୍ରାରେ ଅତ୍ୟନ୍ତ ଆବଶ୍ୟକ। ସେମାନେ ବର୍ଷ ପରେ ବର୍ଷ ନିଃସ୍ୱାର୍ଥପର ଭାବେ ବିଭିନ୍ନ ପ୍ରକାର ସେବା ଯୋଗାଇ ଆସୁଛନ୍ତି। ସେମାନଙ୍କ ନିଷ୍ଠାପର ସେବା ଓ ସହଯୋଗ ପାଇଁ ଶ୍ରଦ୍ଧାଳୁମାନେ ଅନେକ ଆନନ୍ଦ ଓ ଶାନ୍ତି ଲାଭ କରିଥା'ନ୍ତି। ଚଳିତ ବର୍ଷ ସ୍ନାନଯାତ୍ରାରେ ଆଶାଠାରୁ ଅଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ ମଧ୍ୟ କିଛି ବ୍ୟତିକ୍ରମ ହୋଇ ନ ଥିଲା। ଏହା ମହାପ୍ରଭୁଙ୍କ ଆଶୀର୍ବାଦ। ଆମ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ସମସ୍ତ କାର୍ଯ୍ୟକୁ ସହଜ କରିପାରିବ। ତେଣୁ ଆମେ ସମସ୍ତେ ମିଶି ଶ୍ରଦ୍ଧାଳୁମାନଙ୍କୁ ଉପଯୁକ୍ତ ସେବା ଓ ସହାୟତା ଯୋଗାଇଦେବାକୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ।

ଏହି ସମୀକ୍ଷାରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ରଥଯାତ୍ରାର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ, ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ ପାଢ଼ୀ, ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ୱାଟ୍‌କୋ ଜିଏମ୍ ବିକ୍ରମ ରାଉତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଗୁଣ୍ଡିଚା ମନ୍ଦିର ସଂଲଗ୍ନ ସାହି ବାସିନ୍ଦାଙ୍କ ସହ ପୁଲିସର ବୈଠକ

## ସାହି ମୁରବୀ ଦେଲେ ସହଯୋଗର ଆଶ୍ୱାସନା



ପୁରୀ,୮।୭(ସମିସ): ରଥଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ଲାଗି ପୁରୀ ପୁଲିସ ପକ୍ଷରୁ ବୁଧବାର ପୁଲିସ ଲାଇନଠାରେ ଗୁଣ୍ଡିଚା ମନ୍ଦିର ସଂଲଗ୍ନ ସାହିର ମୁରବୀ, ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ସମୟରେ ମନ୍ଦିର ସଂଲଗ୍ନ ସାହି ଓ ଗଳିକନ୍ଦିରେ ସୃଷ୍ଟି ହେଉଥିବା ଜନସମାଗମ, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ପରିଚାଳନା, ଯାତାୟାତ ବ୍ୟବସ୍ଥା, ଜରୁରୀକାଳୀନ ସହାୟତା ଓ ସ୍ଥାନୀୟ ସମସ୍ୟାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସମସ୍ତ ବ୍ୟବସ୍ଥାକୁ ଅଧିକ ସୁଚାରୁ ଓ ସମନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ କୁହାଯାଇଥିଲା ଯେ, ରଥଯାତ୍ରା ସମୟରେ ଦେଶ ଓ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଆସିଥା'ନ୍ତି। ପୁରୀର ପବିତ୍ର ଭୂମିର ବାସିନ୍ଦା ଭାବେ ସ୍ଥାନୀୟ ଲୋକମାନେ ଯେପରି ମହାପ୍ରଭୁଙ୍କ ଆଶୀର୍ବାଦର ଅଧିକାରୀ, ସେହିପରି ଆଗନ୍ତୁକ ଭକ୍ତମାନେ ମଧ୍ୟ ପୁରୀର ଆତିଥ୍ୟ, ସ୍ନେହ ଓ ସହଯୋଗର ଅନନ୍ୟ ଅନୁଭୂତି ନେଇ ଫେରନ୍ତୁ। ଏହା ଆମ ସମସ୍ତଙ୍କର ଦାୟିତ୍ୱ। ଗୁଣ୍ଡିଚା ମନ୍ଦିର ସଂଲଗ୍ନ ସାହି ଓ ଗଳିକନ୍ଦିର ବାସିନ୍ଦାମାନେ ପ୍ରତିବର୍ଷ ରଥଯାତ୍ରା ସମୟରେ ନିଜସ୍ୱ ଅସୁବିଧା ସତ୍ତ୍ୱେ ଅପୂର୍ବ ଧୈର୍ଯ୍ୟ, ସହଯୋଗ ଓ ତ୍ୟାଗର ପରିଚୟ ଦେଇଥା'ନ୍ତି। ପୁରୀ ପୁଲିସ ପକ୍ଷରୁ ସେମାନଙ୍କ ଏହି ଅମୂଲ୍ୟ ସହଯୋଗ ପାଇଁ କୃତଜ୍ଞତା ଓ ସାଧୁବାଦ ଜଣାଯାଇଥିଲା। ବୈଠକରେ ବାସିନ୍ଦାମାନେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେବା ସହ ରଥଯାତ୍ରା ସମୟରେ ପୁରୀ ପୁଲିସର ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ପୂର୍ଣ୍ଣ ସହଯୋଗ କରିବେ ଏବଂ ଆଗନ୍ତୁକ ଭକ୍ତମାନଙ୍କ ଆତିଥ୍ୟରେ କୌଣସି ଅବହେଳା କରିବେ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି ସମନ୍ୱୟ ବୈଠକରେ ଅତିରିକ୍ତ ଏସ୍‌ପି ସୁଶୀଳ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟାଉନ୍ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡ଼ା ଥାନା ଅଧିକାରୀ ବିଜୟ କେତନ ବେହେରା ଏବଂ ପୁରୀ ପୁଲିସର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଖରା ଓ ଅଗ୍ନିକାଣ୍ଡ ମୁକାବିଲା ପାଇଁ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ

## ସହାୟକ ହେବ ମଲ୍ଟି ପର୍ପୋଜ୍ ଆର୍ଟିକ୍ୟୁଲେଟ୍ ୱାଟର ଟାୱାର

ପୁରୀ,୮।୭(ସମିସ): ଆଗାମୀ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ ଅଗ୍ନିଶମ କେନ୍ଦ୍ର ନିଜକୁ ପ୍ରସ୍ତୁତ କରିଛି। କେନ୍ଦ୍ରକୁ ଆହୁରି ସୁଦୃଢ଼ କରିଛି ଅତ୍ୟାଧୁନିକ ମଲ୍ଟି ପର୍ପୋଜ ଆର୍ଟିକ୍ୟୁଲେଟ୍ ୱାଟର ଟାୱାର। ପ୍ରବଳ ଖରାରୁ ଆରମ୍ଭ କରି ବଡ଼ ଅଗ୍ନିକାଣ୍ଡ ପର୍ଯ୍ୟନ୍ତ ସବୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏହା ବେଶ୍ ସହାୟକ ହେବ। ଏହି ଆଧୁନିକ ଯନ୍ତ୍ରଟି ୩୧ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ପହଞ୍ଚିପାରିବ ଏବଂ ୩୬୦ ଡିଗ୍ରୀ ଆଙ୍ଗେଲରେ ଘୂରିପାରିବ। ଯଦି ରଥଯାତ୍ରା ଦିନ ପ୍ରବଳ ଖରା କିମ୍ବା ଗୁଳୁଗୁଳି ହୁଏ, ତେବେ ଏହି ଟାୱାର ମାଧ୍ୟମରେ ଉପରୁ କୁହୁଡ଼ି ଭଳି ଦୃଶ୍ୟମାନ ଆକାରରେ ପାଣି ସିଞ୍ଚନ କରାଯାଇପାରିବ। ଫଳରେ ବଡ଼ଦାଣ୍ଡରେ ଥିବା ଶ୍ରଦ୍ଧାଳୁମାନେ କିଛି ସମୟ ପାଇଁ ଆଶ୍ୱସ୍ତି ପାଇପାରିବେ। ସେହିପରି ଯଦି ବଡ଼ଦାଣ୍ଡ କିମ୍ବା ସହରର କୌଣସି ଉଚ୍ଚ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଘଟେ, ତେବେ ଏହି ଟାୱାର ମୁଖ୍ୟ ଭୂମିକା ଗ୍ରହଣ କରିବ। ଟାୱାରରୁ ସିଧା କୋଠାର ଉପର ମହଲା କିମ୍ବା ଝରକା ଦେଇ ଭିତରକୁ ପ୍ରବଳ ଚାପରେ ପାଣି ସ୍ପ୍ରେ କରାଯାଇପାରିବ। ଏହା ଦ୍ୱାରା ଘରକୁ ସମ୍ପୂର୍ଣ୍ଣ ଭାବେ ଅଗ୍ନିକାଣ୍ଡର ଦାଉରୁ ରକ୍ଷା କରାଯାଇପାରିବ।



ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ପ୍ରଚଣ୍ଡ ଭିଡ଼ ହୋଇଥାଏ। ସେହି ସମୟରେ ହିଟ୍ ଷ୍ଟ୍ରୋକ୍ କିମ୍ବା ଅଗ୍ନିକାଣ୍ଡ ଭଳି ପରିସ୍ଥିତି ଉପୁଜିପାରେ। ଏହି ନୂତନ ଟାୱାର ଯୋଗୁଁ ଅଗ୍ନିଶମ ବାହିନୀ ଠିକ୍ ସମୟରେ ପ୍ରତିକ୍ରିୟା ଦେଇପାରିବେ ବୋଲି ଅଧିକାରୀମାନେ କହିଛନ୍ତି। ପୁରୀ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପ୍ରଭାତ ରାଉତ କହିଛନ୍ତି, ମଲ୍ଟି ପର୍ପୋଜ୍ ଆର୍ଟିକ୍ୟୁଲେଟ୍ ୱାଟର ଟାୱାର ଆମ ପାଇଁ ଏକ ଗେମ୍ ଚେଞ୍ଜର୍। ଖରାରୁ ରକ୍ଷାଠାରୁ ଆରମ୍ଭ କରି ଉଚ୍ଚ କୋଠାର ଅଗ୍ନିକାଣ୍ଡ ପର୍ଯ୍ୟନ୍ତ ସବୁଥିରେ ଏହା କାମ ଦେବ।

### ମହାପ୍ରସାଦ ସହ ଜାମୁକୋଳି ପାଉଡରର ତୁଳନା

## ବ୍ଲଗରଙ୍କ ଭିଡିଓକୁ ନେଇ ଅସନ୍ତୋଷ

ପୁରୀ,୮।୭(ସମିସ): ପୁଣିଥରେ ମହାପ୍ରଭୁଙ୍କ ମହାପ୍ରସାଦକୁ ନେଇ ସୋସିଆଲ ମିଡିଆରେ ବିବାଦ ଦେଖାଦେଇଛି। ଜଣେ ବ୍ଲଗର୍ ନିଜେ ପ୍ରସ୍ତୁତ କରିଥିବା ଏକ ଖାଦ୍ୟ ପାଉଡରକୁ ମହାପ୍ରସାଦ ସହ ତୁଳନା କରିବା ପରେ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁଜରାଟର ନୀତିନ ଜାନି ନାମକ ଜଣେ ବ୍ଲଗର୍ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ ସେ ଜାମୁକୋଳିର ମଞ୍ଜିକୁ ଶୁଖାଇ ତା'ର ପାଉଡର ପ୍ରସ୍ତୁତ କରୁଥିବା ଦେଖାଯାଉଛି। ସେ ଦାବି କରିଛନ୍ତି ଯେ, ଏହି ପାଉଡରକୁ ଉଷୁମ ପାଣି ସହ ମିଶାଇ ପିଇଲେ ଏହା ମହୌଷଧି ଭଳି କାର୍ଯ୍ୟ କରେ ଏବଂ ଏହା କୌଣସି ଗୁଣରେ ମହାପ୍ରସାଦଠାରୁ କମ୍ ନୁହେଁ। ଭିଡିଓରେ ସେ ଆହୁରି କହିଛନ୍ତି ଯେ, ଫଳ ଭିତରେ ରାଜା ହେଉଛି ଆମ୍ବ। ଆଉ ଆମ୍ବର ବାପା ହେଉଛି ଜାମୁକୋଳି। ଜାମୁକୋଳି ମଞ୍ଜି ହେଉଛି ସବୁଠୁ ଅଧିକ ଉପାଦେୟ। ଲୋକେ ଜାମୁକୋଳି ଖାଇବା ପରେ ଏହାର ମଞ୍ଜିକୁ ଫୋପାଡ଼ି ଦେଇଥା'ନ୍ତି। ହେଲେ ଏହାର ମଞ୍ଜିକୁ ପାଉଡର କରି ଗରମ ପାଣିରେ ପିଇବା ପାଇଁ ସେ ପରାମର୍ଶ ଦେଉଛନ୍ତି। ଏହାକୁ ସେ ମହାପ୍ରସାଦ ବୋଲି କହୁଛନ୍ତି।

ତାଙ୍କର ଏଭଳି ମନ୍ତବ୍ୟକୁ ଭକ୍ତମାନେ ଘୋର୍ ଅପମାନ ବୋଲି କହିଛନ୍ତି। ସେମାନଙ୍କ ମତରେ ବ୍ଲଗ୍ କରିବା କିମ୍ବା ନୂଆ ଖାଦ୍ୟ ପ୍ରସ୍ତୁତ କରିବା ଭୁଲ୍ ନୁହେଁ। କିନ୍ତୁ ଶ୍ରୀମନ୍ଦିରର ପବିତ୍ର ମହାପ୍ରସାଦ ସହ ଏହାର ତୁଳନା କରିବା ଆଦୌ ଗ୍ରହଣୀୟ ନୁହେଁ। ଭକ୍ତ ପ୍ରଶାନ୍ତ ସାହୁ କହିଛନ୍ତି, "ମହାପ୍ରସାଦ କେବଳ ଖାଦ୍ୟ ନୁହେଁ। ଏଇଟା ମହାପ୍ରଭୁଙ୍କ କରୁଣା ଓ ଆମ ଆସ୍ଥାର ପ୍ରତୀକ। ଏହାକୁ କୌଣସି ବାଣିଜ୍ୟିକ ଉତ୍ପାଦ ସହ ତୁଳନା କରାଯାଇ ପାରିବନାହିଁ।" ଅନ୍ୟ ଜଣେ ଶ୍ରଦ୍ଧାଳୁ ପ୍ରକାଶ ସାହୁ କହିଛନ୍ତି, "ଜାମୁକୋଳି ମଞ୍ଜି ଆୟୁର୍ବେଦ ଦୃଷ୍ଟିରୁ ଉପାଦେୟ ହୋଇପାରେ। କିନ୍ତୁ ମହାପ୍ରସାଦର ଆଧ୍ୟାତ୍ମିକ ମହତ୍ତ୍ୱ ସମ୍ପୂର୍ଣ୍ଣ ଅଲଗା। ଲାଇକ୍ ଓ ଭ୍ୟୁ ପାଇଁ ଏଭଳି ସମ୍ବେଦନଶୀଳ ବିଷୟକୁ ଟାଣିବା ଠିକ୍ ନୁହେଁ।" ଶ୍ରୀମନ୍ଦିରର ମହାପ୍ରସାଦକୁ ଲକ୍ଷ ଲକ୍ଷ ଭକ୍ତ ଶ୍ରଦ୍ଧା ଓ ଭକ୍ତି ସହ ଗ୍ରହଣ କରନ୍ତି। ଏହା ଆନନ୍ଦ ବଜାରରେ ମହାପ୍ରଭୁଙ୍କୁ ଭୋଗ ଲାଗିବା ପରେ ପ୍ରସ୍ତୁତ ହୋଇଥାଏ। ଭକ୍ତମାନଙ୍କ ପାଇଁ ଏହା କେବଳ ପ୍ରସାଦ ନୁହେଁ, ଏହା ମୋକ୍ଷର ମାର୍ଗ ବୋଲି ବିଶ୍ୱାସ ରହିଛି।

## ଭାରତୀୟ ଶିକ୍ଷା ଦିବସ ପାଳିତ



ପୁରୀ,୮।୭(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଭାରତୀୟ ଶିକ୍ଷା ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ, ଓଡ଼ିଶାର ସଂଯୋଜକ ବିଶ୍ୱରଞ୍ଜନ ମିଶ୍ର ଏବଂ ସହ ସଂଯୋଜକ ହେମନ୍ତ କୁମାର ଜେନା ଯୋଗଦେଇ ଭାରତୀୟ ଶିକ୍ଷା ବ୍ୟବସ୍ଥାର ବିକାଶରେ ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ନ୍ୟାସର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ମତାମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ବସନ୍ତ କୁମାର ମିଶ୍ର ନୂତନ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ର ବିଭିନ୍ନ ଦିଗ ଓ ଏହାର ପ୍ରାସଙ୍ଗିକତା ଉପରେ ଗଭୀର ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଚନ୍ଦନ କୁମାର ମିଶ୍ର କରିଥିବାବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଭାରତୀୟ ଶିକ୍ଷାର ମୂଳଦର୍ଶନ ଏବଂ ସଂସ୍କୃତର ଭୂମିକା ସମ୍ପର୍କରେ ଆୟୋଜିତ ଆଲୋଚନାରୁ ଉପକୃତ ହୋଇଥିଲେ।

## ଆସୁଛି ରଥଯାତ୍ରା: ତିନି ରଥରେ ୪ଟି ଲେଖାଏଁ ଘୋଡ଼ା


ପୁରୀ,୮।୭(ସମିସ)



ପାଖେଇ ଆସୁଛି ରଥଯାତ୍ରା। ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ। ରଥରେ ବସି ଆଡ଼ପ ମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ତେବେ ମହାପ୍ରଭୁଙ୍କ ରଥରେ ପାଶ୍ୱର୍ ଦେବଦେବୀଙ୍କ ସହିତ ଘୋଡ଼ା ମଧ୍ୟ ଯାତ୍ରା କରିଥା'ନ୍ତି। ରଥ ଗଡ଼ିବା ପୂର୍ବରୁ ଘୋଡ଼ାମାନଙ୍କୁ ସଂଯୋଗ କରାଯାଇଥାଏ। ତେବେ ଏହି ଘୋଡ଼ା କିଏ ଏବଂ କାହିଁକି ରୁହନ୍ତି ତାହା ଜାଣିବାକୁ ଅନେକଙ୍କ ମନରେ ବିଶେଷ ଆଗ୍ରହ ଥାଏ। ପ୍ରତି ରଥରେ ୪ଟି ଲେଖାଏଁ ଘୋଡ଼ା ରହିଥା'ନ୍ତି। ତିନିରଥରେ ରହୁଥିବା ଅଶ୍ୱମାନଙ୍କ ଭିନ୍ନ ଭିନ୍ନ ନାମ ରହିଛି। ନନ୍ଦିଘୋଷ ରଥରେ ଲାଗୁଥିବା ଅଶ୍ୱମାନେ ହେଲେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ। ସେହିପରି ତାଳଧ୍ୱଜ ରଥର ଅଶ୍ୱଗୁଡ଼ିକ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ଦର୍ପଦଳନ ରଥର ଅଶ୍ୱଗୁଡ଼ିକ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଘୋଡ଼ା ଅଣ୍ଡିରା ହୋଇଥିବାବେଳେ ସୁଭଦ୍ରାଙ୍କ ରଥର ଘୋଡ଼ା ମାଈ। ଘୋଡ଼ାଗୁଡ଼ିକୁ ରଥରେ ସଂଯୋଗ କରିବା ପୂର୍ବରୁ ଏମାନଙ୍କୁ ଚିତ୍ରିତ କରାଯାଏ। ସେହି ଚିତ୍ର ଅନୁଯାୟୀ, ନନ୍ଦିଘୋଷ ରଥ ଘୋଡ଼ାର ରଙ୍ଗ ଧଳା, ବଡ଼ଠାକୁରଙ୍କର କଳା ଏବଂ ସୁଭଦ୍ରାଙ୍କ ରଥର ଘୋଡ଼ାର ରଙ୍ଗ ନାଲି। ରଥରୁ ଓହ୍ଲାଇବା ପରେ ଏମାନଙ୍କୁ ସ୍ୱତନ୍ତ୍ର ଭବେ ରଖାଯାଇ ପୂଜା କରିବାର ବିଧି ରହିଛି। ଘୋଡ଼ାଗୁଡ଼ିକୁ ବିସର୍ଜନ କରାଯାଏନାହିଁ। ନବକଳେବର ସମୟରେ ଏମାନେ ନିର୍ମିତ ହୋଇ ପ୍ରତିଷ୍ଠା ପାଇଥା'ନ୍ତି। ପରବର୍ତ୍ତୀ ନବକଳେବର ପର୍ଯ୍ୟନ୍ତ ଏମାନେ ରଥରେ ସଂଯୋଜିତ ହୋଇଥା'ନ୍ତି। ନବକଳେବର ପଡ଼ିଲେ ଏମାନଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ। ପୁଣି ନୂତନ ଘୋଡ଼ା ନିର୍ମାଣ କରିଥା'ନ୍ତି ରୂପକାର ସେବକ।

ରଥରେ ଘୋଡ଼ା ସଂଯୋଗ ହେବା ନେଇ ବିଭିନ୍ନ ପ୍ରକାର ଜନଶ୍ରୁତି ରହିଛି। ଏହି ଜନଶ୍ରୁତି ଅନୁଯାୟୀ, ପୂର୍ବରୁ ରଥକୁ ଘୋଡ଼ାମାନେ ଟାଣୁଥିଲେ। ସେହି ସ୍ମୃତିରେ ରଥରେ କାଠ ନିର୍ମିତ ଘୋଡ଼ାଙ୍କୁ ସଂଯୋଗ କରାଯାଉଛି। ଅନ୍ୟପକ୍ଷରେ ଏହି ଅଶ୍ୱଙ୍କୁ ଇନ୍ଦ୍ରୀୟ ସହିତ ମଧ୍ୟ ତୁଳନା କରାଯାଏ। ଶରୀର ହେଉଛି ରଥ, ଇନ୍ଦ୍ରୀୟ ହେଉଛନ୍ତି ଘୋଡ଼ା। ଅର୍ଥାତ୍ ମହାପ୍ରଭୁଙ୍କ ରଥରେ ଅଶ୍ୱ ସଂଯୋଜିତ ହେବାର ରହସ୍ୟ ହେଉଛି ଶରୀର ରୂପକ ରଥକୁ ଇନ୍ଦ୍ରୀୟମାନେ ଯେପରି ଠିକ୍ ମାର୍ଗରେ ନେଇଯାଆନ୍ତି, ସେହିଭଳି ଅଶ୍ୱମାନେ ତିନିରଥକୁ ଠିକ୍ ମାର୍ଗରେ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଅନ୍ତି। ତେଣୁ ଆମ ସନାତନ ପରମ୍ପରାରେ ଅଶ୍ୱମେଧ ଯଜ୍ଞର ପରିକଳ୍ପନା କରାଯାଇଛି। ଅଶ୍ୱମେଧ ଯଜ୍ଞର ରହସ୍ୟ ହେଉଛି ଇନ୍ଦ୍ରୀୟମାନଙ୍କୁ ନିୟନ୍ତ୍ରଣ କରିବା।

# ସମ୍ପାଦକୀୟ



ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଛତ୍ରବାଦୀ ଶାସନ ସୃଷ୍ଟି ହୁଏ। ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ।
-ପ୍ଲାଟୋ

ସକାଳ
THE SAKALA

## ବିଦେଶରେ ପ୍ରଶଂସା, ଜନ୍ମମାଟିରେ ଉପେକ୍ଷା

ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ସମ୍ପ୍ରତି ଇଣ୍ଡୋନେସିଆ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଧ୍ୟାୟର ସ୍ମୃତିଚାରଣ କରିବା ସହିତ ଭାରତ-ଇଣ୍ଡୋନେସିଆ ସମ୍ପର୍କରେ ବିଜୁବାବୁଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ବିଜୁବାବୁଙ୍କ ବୀରତ୍ୱ, ଅବଦାନ, ବଳିଦାନର ଗାଥା ଓଡ଼ିଶା ସୀମା ସରହଦ ଡେଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରକୁ ପ୍ରସାରିତ। ଅଥଚ ରାଜନୀତିର ପଶାପାଲିରେ ବିଜୁବାବୁଙ୍କୁ ଜାତୀୟସ୍ତରରେ ଯେତିକି ସମ୍ମାନ ଓ ସ୍ୱୀକୃତି ମିଳିବା କଥା ତାହା ମିଳିନାହିଁ।

ମହାତ୍ମା ଗାନ୍ଧୀ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ପରେ ବ୍ରିଟିଶ ଶାସନାଧୀନ ଭାରତବର୍ଷର ରାଜନୈତିକ ନେତୃତ୍ୱଙ୍କ ମଧ୍ୟରେ ବିଶ୍ୱବନ୍ଦ୍ୟ ହେବାର ଗୌରବ ଅର୍ଜନ କରିଥିବା ଏକମାତ୍ର ବ୍ୟକ୍ତିତ୍ୱ ବିଜୁ ପଟ୍ଟନାୟକ କେବଳ ଏକ 'ଆଦର୍ଶ' ନୁହନ୍ତି ଏକ 'ବାଦ'(ଇଜିମ୍)ର ଯୁଗପୁରୁଷ। ସ୍ୱାଭାବିକ ଭାବେ 'ଶ୍ରେୟ', 'ସମ୍ମାନ', 'ଅଳଙ୍କାର', 'ପୁରସ୍କାର'ରୁ ବହୁଉର୍ଦ୍ଧ୍ୱରେ ଥିବା ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ 'ସ୍ୱପ୍ନଦ୍ରଷ୍ଟା' ଭାବେ ଯେତିକି ଅନୁକରଣୀୟ 'ସ୍ୱପ୍ନସ୍ରଷ୍ଟା' ଭାବେ ତା'ଠାରୁ ଅଧିକ ବନ୍ଦନୀୟ। ବିଶେଷକରି ୨୦୩୬ରେ ବିକଶିତ ଓଡ଼ିଶାର ରୂପରେଖ ପ୍ରସ୍ତୁତ କଲା ବେଳେ 'ବିଜୁବାଦ'ର ପ୍ରାସଙ୍ଗିକତା ଆହୁରି ଅଧିକ। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟରେ ଯେଉଁ ପାହାଚଗୁଡ଼ିକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଛି ସେଗୁଡ଼ିକ ବିଷୟରେ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ବିଜୁବାବୁ ବହୁପୂର୍ବରୁ ସୂଚାଇ ସାରିଥିଲେ। ତେଣୁ ସେହି ପାହାଚଗୁଡ଼ିକୁ ଉତ୍ତରଣ କଲା ବେଳେ ବିଜୁ ବାବୁ ସ୍ୱତଃସ୍ମରଣକୁ ଆସନ୍ତି।

ଏହା ଅବଶ୍ୟ ଭିନ୍ନ କଥା ଯେ ସଂକୀର୍ଣ୍ଣ ରାଜନୈତିକ ମାନସିକତାରେ ବିଜୁବାବୁଙ୍କ ଆଦର୍ଶକୁ ଖର୍ବକାୟ କରିବାର ହୀନମନ୍ୟତା ଆରମ୍ଭ ହୋଇସାରିଛି। ପଞ୍ଚାୟତିରାଜ ବ୍ୟବସ୍ଥାର ଜାତୀୟ ବିନ୍ଧାଣୀ ବିଜୁବାବୁଙ୍କୁ ତାଙ୍କ ଜନ୍ମଦିନରେ ହିଁ ସେହି ଶ୍ରେୟରୁ ବଞ୍ଚିତ କରାଯାଇଛି। ଓଡ଼ିଶାରୁ ଓଡ଼ିଆତ୍ୱକୁ ଭିନ୍ନ କରିବାର ଉଦ୍ୟମ ଯେଭଳି ହାସ୍ୟାସ୍ପଦ, ଓଡ଼ିଶାର ଜନଜୀବନରୁ 'ବିଜୁବାଦ'କୁ ବିଲୋପ କରିବାର ଚକ୍ରାନ୍ତ ତା'ଠାରୁ ଅଧିକ ଆପତ୍ତିଜନକ। ବରଂ 'ବିଜୁବାଦକୁ ପାଥେୟ ନ କରିବା ପର୍ଯ୍ୟନ୍ତ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇପାରିବ ନାହିଁ - ଏହି ଆପ୍ତବାକ୍ୟକୁ କ୍ଷମତାସୀନ ଦଳ ହେଜିବା ଦରକାର।

ବିଜୁବାବୁଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବଳୀ ଏହି ଉଦ୍‌ଘୋଷଣା କରେ ଯେ ପ୍ରଗତି ରଥରେ ସାରଥିର ଭୂମିକା ନିର୍ବାହ କରିବାକୁ ହେଲେ ସ୍ୱପ୍ନ ଓ ଦୁଃସାହସ ଦରକାର। ଜୀବନ ଜିଇଁବାର ଶ୍ରେଷ୍ଠ ଗୌରବ କେବଳ ରାଜନୈତିକ ଜୟ-ପରାଜୟତାରେ ସୀମିତ ନୁହେଁ, ବରଂ ପ୍ରତିଥର ପଡ଼ିଯିବା ପରେ ପୁନର୍ବାର ଉଠି ଆଗକୁ ମାଡ଼ି ଚାଲିବା ଆବଶ୍ୟକ। ବିଶାଳ ଯୁବବର୍ଗ ହିଁ ମାନବ ସମ୍ବଳ ଓ ଶକ୍ତିର ଅଫୁରନ୍ତ ପୁଞ୍ଜି। ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାକାର କରିବାକୁ ହେଲେ ଯୁବକମାନଙ୍କୁ ଯଥାର୍ଥ ଗୁରୁତ୍ୱ ଦେଇ ସେମାନଙ୍କୁ ସେନାପତି ଦାୟିତ୍ୱ ଦେବାକୁ ପଡ଼ିବ। ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ହେଲେ ଯୁବଶକ୍ତି ନିଜ ସ୍ୱାର୍ଥଠାରୁ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏବଂ କାହାର ଦୟା କିମ୍ବା ଅନୁକମ୍ପାର ପାତ୍ର ନ ହୋଇ ନିଜ ଶକ୍ତି ଓ ବୁଦ୍ଧି ଉପଯୋଗ କରିବାକୁ ପଡ଼ିବ। ସେମାନେ ନିଜେ ନିଜ ଭିତରେ ଭରି ରଖିବାକୁ ପଡ଼ିବ ଅଖଣ୍ଡ ଭରସା ଓ ଆତ୍ମାଭିମାନ। ସେମାନଙ୍କ ଦକ୍ଷତା, ବୁଦ୍ଧିମତ୍ତା ହିଁ ଇତିହାସର ମୋଡ଼ ବଦଳାଇଦେବ। ବିଜୁବାବୁଙ୍କ ଏହି ମାର୍ମିକ ଉକ୍ତି ବିକଶିତ ଓଡ଼ିଶା ଲକ୍ଷ୍ୟ ପଥରେ ଏକ ଦିଗବାରେଣି। ଏହାକୁ ଅନୁସରଣ କଲେ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ସୁଗମ ହୋଇପାରିବ।

୧୯୬୧-୬୩ର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଜୁବାବୁ ଅନୁଭବ କରିଥିଲେ ଶିଳ୍ପ ହିଁ ସମୃଦ୍ଧିର କାରଣ। ସେତେବେଳେ ସେ ବିକଶିତ ଓଡ଼ିଶାର ଯେଉଁ ନକ୍ସା ଆଙ୍କିଥିଲେ ଆଜି ମଧ୍ୟ ତାହା ଅନତିକ୍ରମଣୀୟ ହୋଇରହିଛି। ଆଜି ଶିଳ୍ପାୟନ ଯୋଗୁଁ ଦ୍ରୁତ ପରିବେଶ ଅବକ୍ଷୟ ଓ ବିସ୍ଥାପନ ସମସ୍ୟା ବଢ଼ି ଚାଲିଥିବା ବେଳେ ପ୍ରକୃତି ସହନଶୀଳ ଓ ପରିବେଶ ଅନୁକୂଳ ବିକାଶ ଦିଗରେ 'ବିଜୁବାଦ'ର ପ୍ରାସଙ୍ଗିକତା ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ। ରାଜ୍ୟର ଜଣେ ଶାସନମୁଖ୍ୟ ଶିଳ୍ପପତିଙ୍କୁ ଯେଉଁ ଦୃଷ୍ଟିରେ ଦେଖିବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଦରିଦ୍ର ଲୋକଟିକୁ ତା'ଠାରୁ ଅଧିକ ଭଲ ଦୃଷ୍ଟିରେ ଦେଖିବା ଆବଶ୍ୟକ। ବିଜୁବାବୁଙ୍କ ସମାବେଶୀ ବିକାଶମନ୍ତ୍ରର ଏହି କଳା ସମ୍ପ୍ରତି ରାଜନେତାମାନେ ଶିଖିଲେ ଓ ଆଦରି ନେଲେ ବିକଶିତ ଓଡ଼ିଶା ସ୍ୱପ୍ନ ଲକ୍ଷ୍ୟ ପୂରଣ ହେବ।

ସମ୍ପ୍ରତି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂକୀର୍ଣ୍ଣ ଦଳୀୟ ରାଜନୀତିର ଯେଉଁ କଳୁଷପୂର୍ଣ୍ଣ ପରମ୍ପରା ଆରମ୍ଭ ହୋଇସାରିଛି ତାହା ସଂଘୀୟ ବ୍ୟବସ୍ଥା ଓ ସାମଗ୍ରିକ ବିକାଶର ପରିପନ୍ଥୀ। ରାଜ୍ୟର ନିରନ୍ତର ବିକାଶ ଚିନ୍ତା କରୁଥିବା ରାଷ୍ଟ୍ରନେତା ଏହି ସଂକୀର୍ଣ୍ଣ ମାନସିକତାରୁ ଉର୍ଦ୍ଧ୍ୱକୁ ଉଠି ବିଜୁବାବୁଙ୍କ ସେବା, ସଂଗ୍ରାମ ଓ ବିକାଶର ଦୃଷ୍ଟିକୋଣକୁ ଆପଣେଇବାକୁ ପଡ଼ିବ। ଜାତି, ଧର୍ମ, ବର୍ଣ୍ଣ, ଦଳ, ନୀତି, ଆଦର୍ଶ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରିନେବାର କଳା ବିଜୁବାବୁଙ୍କଠାରୁ ଶିଖିବାକୁ ହେବ। ୨୦୩୬ରେ ବିକଶିତ ଓଡ଼ିଶା ଗଠନ ପାଇଁ ଅଣ୍ଟା ଭିଡ଼ିଥିବା ରାଜ୍ୟ ସରକାର ତେଣୁ ପ୍ରଥମେ 'ବିଜୁବାଦ'ର ପାଠ ପଢ଼ନ୍ତୁ। କାରଣ ଏକ ଜନମଙ୍ଗଳ ରାଷ୍ଟ୍ରନୀତିରେ 'ବିଜୁବାଦ'ଠାରୁ ବଡ଼ ଶିକ୍ଷଣୀୟ ଓ ଅନୁକରଣୀୟ ମାନଦଣ୍ଡ ଆଉ କିଛି ହୋଇ ନ ପାରେ।

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ପାଇଥିବା ଏବଂ ଶବାଧାରରେ ତିନି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିବା ସେହି ବିରଳ ବିଶ୍ୱବନ୍ଦ୍ୟ ମହାମାନବ ହେଉଛନ୍ତି ବିଜୁବାବୁ। କିନ୍ତୁ ବିଡ଼ମ୍ବନା ଯେ ଏଭଳି ଜଣେ ବହୁମୁଖୀ ବ୍ୟକ୍ତିତ୍ୱଙ୍କୁ ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବା ବେଳେ ନିଜ ଦେଶ ଓ ମାଟିରେ ହିଁ ଉପେକ୍ଷା କରାଯାଇଛି। ବିଶ୍ୱର ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଯଥାର୍ଥରେ 'ବିଶ୍ୱରତ୍ନ', ଅଥଚ ସେ ସ୍ୱାର୍ଥାନ୍ୱେଷୀ ଭୋଟସର୍ବସ୍ୱ ରାଜନୀତିର ପଶାପାଲିରେ 'ଭାରତରତ୍ନ' ସମ୍ମାନରୁ ବଞ୍ଚିତ। ଏବେ ଓଡ଼ିଶାରେ ବିଭିନ୍ନ ସରକାରୀ ଯୋଜନାରୁ ତାଙ୍କ ନାମ ବାଦ୍ ଦିଆଯିବାର ନିନ୍ଦନୀୟ ଓ ଅଶୋଭନୀୟ ପରମ୍ପରା ଯେଉଁମାନେ ଆରମ୍ଭ କରିଛନ୍ତି ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଓଡ଼ିଶା ବିକାଶର ରୂପକାର ଓ ଓଡ଼ିଆ ସ୍ୱାଭିମାନର ଏହି ଉଦାହରଣୀୟ ମାର୍ତ୍ତଣ୍ଡଙ୍କୁ ପ୍ରଣାମ।

# ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

### ମୋ ସ୍ୱପ୍ନର ଓଡ଼ିଶା

*ପୂର୍ବପ୍ରକାଶିତ ଉତ୍ତାରୁ...*

**ଅସନ୍ତୋଷ ହିଁ ମୂଳ ପ୍ରେରଣା:**

ଅଧିକାଂଶ ଆଶା ଅପୂରଣୀୟ ହୋଇ ରହିଥିଲେ ମଧ୍ୟ ଅନେକ ଆଶା ଯେ ସାର୍ଥକ ହୋଇପାରିଛି, ଏହାକୁ ଆମେ କଦାପି ଅସ୍ୱୀକାର କରିପାରିବା ନାହିଁ। ହତାଶାଜନକ ପରିସ୍ଥିତି ସତ୍ତ୍ୱେ ବହୁ ଉଚ୍ଚକୋଟୀର ପ୍ରତିଭାଙ୍କ ଆବିର୍ଭାବ, ଗଣତନ୍ତ୍ର ଶାସନ ଓ ପ୍ରଶାସନ ଦ୍ୱାରା ଜନମଙ୍ଗଳକର କାର୍ଯ୍ୟ, ଅଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ, ନାରୀଶିକ୍ଷାର ପ୍ରସାର, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ, ଭାଷା ସାହିତ୍ୟର ସମୁନ୍ନତି, ଓଡ଼ିଶାର ସବୁ ଅଞ୍ଚଳର ସଂସ୍କୃତି ସମ୍ପର୍କରେ ଗବେଷଣା, ପାରସ୍ପରିକ ସଂପ୍ରୀତି ଆଦି ବହୁବିଷୟର ଉତ୍ସାହଜନକ ଉଦାହରଣ ବିଦ୍ୟମାନ। ତେବେ ସନ୍ତୁଷ୍ଟ ହୋଇଯିବା ଶୂକର ପକ୍ଷରେ ଶୋଭନୀୟ ହୋଇପାରେ; ମଣିଷ ପକ୍ଷରେ ନୁହେଁ। ଚିତ୍ତରଞ୍ଜନ ଦାସ ସେଥିପାଇଁ ଲେଖିଲେ 'ଶୂକର ଓ ସକ୍ରେଟିସ'। ସକ୍ରେଟିସ ଅସନ୍ତୋଷର ପ୍ରତୀକ। ନିଜସ୍ୱ ପ୍ରଗତିରେ ଯିଏ ପରିତୃପ୍ତ, ତାହାର ଚେତନାର ସମ୍ପ୍ରସାରଣ ସେତିକିରେ ହୋଇଯାଏ ସ୍ଥଗିତ। ତେଣୁ ଆଗକୁ ଆଗକୁ ଅଗ୍ରସର ହେବାକୁ ଚାହିଁଲେ ଅସନ୍ତୋଷ ହିଁ ଆମର ମୂଳ ପ୍ରେରଣା।

**ଅପ୍ରମିତ ଆଶା: ସୁଦୃଢ଼ ଆତ୍ମପ୍ରତ୍ୟୟ:**

ଆମେ ଯେଉଁମାନେ ଉଚ୍ଚଆଦର୍ଶ କାର୍ଯ୍ୟକାରୀ ହେବାକୁ ଅସମ୍ଭବ ବୋଲି ମନେ କରୁ, ମନରେ ପ୍ରଶ୍ନ ଆସେ ଆମେ ଅଛୁ କାହିଁକି ତେବେ? ଆମ ଉପସ୍ଥିତିର ଯଥାର୍ଥତା କାହିଁକି ରହିବ ଏ ଭୂମିରେ? ଯାହା ବିଗତ ନବେବର୍ଷ ମଧ୍ୟରେ ସମ୍ଭବ ହୋଇଛି, ତାହାରି ଭରସାରେ ଆଗାମୀ ଦଶବର୍ଷ ମଧ୍ୟରେ କ୍ରାନ୍ତିକାରୀ ପରିବର୍ତ୍ତନ ନ ହେବ ବୋଲି କିଏ କହିପାରିବ? ପୃଥିବୀ ମାତା ଆମଠାରୁ ନୈରାଶ୍ୟସୂଚକ ବାଣୀ ଶୁଣିବା ପାଇଁ ଚାହେଁନା। ପରିସ୍ଥିତି ଯେତେ ଉତ୍ତେଜନା ପୂର୍ଣ୍ଣ ବା ଭୟାବହ ହୋଇଥାଉ ନା କାହିଁକି ଆମେ ସମ୍ମିଳିତ ଭାବରେ ଶାନ୍ତିର ଆବାହନ କରିପାରିବା। ହିଂସା ମଧ୍ୟରେ ଅହିଂସାର ମନ୍ତ୍ର ଉଚ୍ଚାରଣ କରିବା। ଶତ୍ରୁତା ଭିତରେ ମିତ୍ରତାର ଦୃଷ୍ଟାନ୍ତ ହୋଇ ଛିଡ଼ା ହେବା। ସବୁକିଛି ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ବି ଅସୀମ ଧୈର୍ଯ୍ୟ ସହକାରେ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖିବା। ସ୍ୱପ୍ନଶୂନ୍ୟ ଜୀବନ ମନୁଷ୍ୟର ହୋଇପାରେନା। ବିଭିନ୍ନ ଅପଶକ୍ତି ଦ୍ୱାରା ନାନା ବିପତ୍ତି ସୃଷ୍ଟି ହୁଏ। ତେବେ ଯାହାର ଆତ୍ମପ୍ରତ୍ୟୟ ସୁଦୃଢ଼ ତା'ର ପରାଜୟ ବୋଲି କିଛି ନ ଥାଏ। କୃଷ୍ଣପ୍ରସାଦ ମିଶ୍ର ଲେଖିଲେ ଏକ ମିନି ଗଳ୍ପ 'ତୈମୁର'। ଜଣେ କୃଷକର କ୍ଷେତ ଘର ଧ୍ୱସ୍ତବିଧ୍ୱସ୍ତ କରି ତୈମୁରର ସୈନ୍ୟବାହିନୀ ଚାଲି ଯାଉଛନ୍ତି। ଚାଷୀଟି ବିପର୍ଯ୍ୟସ୍ତ ଘର ବାଡ଼ି ସଜାଡ଼ିବାରେ ଧ୍ୟାନ ଦେଲା। ତା'ର ପତ୍ନୀ ତାକୁ କହୁଛି - 'ଆଉ କାହିଁକି ସଜାଡୁଛ? ସେମାନେ ପୁଣି ଆସିବେ ଭାଙ୍ଗିବା ପାଇଁ।' କୃଷକ ଉତ୍ତର ଦେଉଛି - 'ସେମାନେ ଯେତେଥର ଭାଙ୍ଗିବେ ମୁଁ ସେତେଥର ସଜାଡ଼ି ଦେଉଥିବି। କାରଣ ମୁଁ ଚାଷୀ।'

ତେଣୁ ବହୁ ଐଶ୍ୱର୍ଯ୍ୟ ଆମର ନଷ୍ଟବିନଷ୍ଟ ହୋଇଯାଇଛି। ତଥାପି ପରାଜୟ ବରଣ କରିନେବାକୁ ଓଡ଼ିଶା ଗଢ଼ା ହୋଇନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉ ତାହାକୁ ଅତିକ୍ରମ କରିଯିବାର ଅନ୍ତର୍ଶକ୍ତି ଆମ ଭିତରେ ତେଜସ୍କ୍ରିୟ। ଆମ ଉତ୍ତର ଦାୟାଦମାନଙ୍କ ପାଇଁ ଗୌରବ ଅନୁଭବ କରିପାରିବା ପରି ଏକ ଓଡ଼ିଶାର ନିର୍ମାଣ ଅସମ୍ଭବ ହୋଇ ରହିପାରେନା। ୧୯୩୬ ରେ ଓଡ଼ିଶା ଗଠନ ହେଲା। ଏହା ଆମ ପୂର୍ବପୁରୁଷଙ୍କ ଆମ ପ୍ରତି ଶ୍ରେଷ୍ଠ ଦାନ। କିନ୍ତୁ ଗଠନ ପରେ ସବୁ କିଛି ସରିଯାଏ ନାହିଁ। ଭାରତର ସ୍ୱାଧୀନତା ପରେ ଅଧିକାଂଶ ସଂଗ୍ରାମୀ ମନେକରନ୍ତି କାର୍ଯ୍ୟ ସମାପ୍ତ। ଗାନ୍ଧିଜୀ ଚେତାଇ ଦେଲେ ଯେ, ପ୍ରକୃତ କାର୍ଯ୍ୟ ଏଥର ଆରମ୍ଭ ହେବ। ନିଜ କଳ୍ପନାକୁ କି ଶୃଙ୍ଖଳିତ ରୂପରେ ସୁସଜ୍ଜିତ କରି ରଖିଥିଲେ ବାପୁଜୀ! ଗ୍ରାମ ଓ ସହର ନିର୍ମାଣର କୌଶଳଠାରୁ ଭାଷା, ସାହିତ୍ୟ, ସଂସ୍କୃତି, ସମାଜ, ଶିକ୍ଷା, ରାଜନୀତି, ଆଇନର କେଉଁଦିଗର ସୁସ୍ଥ ବିକାଶ ବିଷୟରେ ସେ ଭାବି ନାହାନ୍ତି! କହିଲେ - 'ଭାରତର ଆତ୍ମା ଅଛି ପଲ୍ଲୀ ପରିବେଶରେ'। ଆମର ପବିତ୍ର କର୍ତ୍ତବ୍ୟ ଥିଲା ନବନିର୍ମିତ ସହରଗୁଡ଼ିକରେ ଆଧୁନିକ ବ୍ୟବସ୍ଥା ଭିତରେ ବି ଗ୍ରାମ୍ୟ ଜୀବନର ବାସ୍ନା ଭରିଦେବା। ତା'ର ବିପରୀତ ଆଚରଣ ପ୍ରଦର୍ଶନ କରି ସହରର କୁଟିଳତା ଆଣି ଗ୍ରାମ୍ୟ ସରଳତାକୁ ବିଷାକ୍ତ କରିଦିଆଗଲା ଆଉ ଗ୍ରାମ୍ୟ ବାତାବରଣର ଅନ୍ଧବିଶ୍ୱାସ, କୁସଂସ୍କାର, ସଂକୀର୍ଣ୍ଣତା, ପରଚର୍ଚ୍ଚା - ଏହାସବୁ ସହରରେ ବି ରହିଲା ଅପରିବର୍ତ୍ତିତ। ଯୁବସମାଜ ରଚନାତ୍ମକ କାର୍ଯ୍ୟାନୁରାଗୀ ହେବା ପରିବର୍ତ୍ତେ ନିଶାଖୋର ଓ ନିଶାଚର ହେବାରେ ଅଧିକ ଆଗ୍ରହୀ ହେଲେ। ଅଧୁନା ଗାଁ ହେଉ କି ସହର, କୌଣସି ସ୍ଥାନ କ'ଣ ନିରାପଦ ଓ ନିରୁପଦ୍ରବ ହୋଇ ରହିଛି? ଗାନ୍ଧିଜୀ ଯେଉଁ ନିଶାମୁକ୍ତ ଓ ସଶକ୍ତ-ସୁରକ୍ଷିତ -ମହିଳା ସମାଜ କଥା କହୁଥିଲେ ତାହା ଆଜି ସ୍ୱପ୍ନ ହୋଇଯାଇ ନାହିଁ କି?

ଯାହା କିଛି ନଷ୍ଟ ହୋଇ ସାରିଛି, ତାହା ସବୁ ତ ଫେରି ଆସିବା ସମ୍ଭବ ହୋଇ ନପାରେ। ତେଣୁ ତା'କୁ ନେଇ ଚିନ୍ତାଗ୍ରସ୍ତ ହେବା ଦ୍ୱାରା ଅଧିକ କ୍ଷତି। ସେଥିରେ ନୈରାଶ୍ୟ ଓ ଉଦାସୀନତା ବଢ଼ିବ। ସ୍ଥାଣୁତା ହିଁ ଅବରୁଦ୍ଧ କରିଦେବ ବିକାଶର ମାର୍ଗ। ଯାହା କିଛି ଗଠନ ହୁଏ, ସେତିକିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ ନାହିଁ। ସଜାଡ଼ିବାକୁ ପଡୁଥାଏ ବାରମ୍ବାର। ପୁନର୍ଗଠନ ଧାରାରେ ବିରାମ ନଥାଏ। ପ୍ରତିଟି ବର୍ଷ, ପ୍ରତିଟି ଦିନ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ପୁନଃସଜ୍ଜୀକରଣ ପାଇଁ ଏକ ଏକ ଆହ୍ୱାନ। ଏକ ଏକ ସୁବର୍ଣ୍ଣ ସୁଯୋଗ। ତେଣୁ ସାମାନ୍ୟ କ୍ଷଣଟିଏ ମଧ୍ୟ ଆମ ପାଇଁ ଅର୍ଥହୀନ ହୋଇ ନ ଯାଉ। ପ୍ରତିକ୍ଷଣ ହେଉ ସୃଜନ-କ୍ଷମ।

**ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ:**

ଠିକ ଏହି ନାମରେ ପୁସ୍ତକଟିଏ ରଚନା କରିଛନ୍ତି ମହାପାତ୍ର ନୀଳମଣି ସାହୁ। ଯଦି ସ୍ୱପ୍ନର ବୃକ୍ଷଲତା ପ୍ରତିକୂଳ ବାତାବରଣରେ ପୂର୍ଣ୍ଣ ବିକଶିତ, ପଲ୍ଲବିତ, ପୁଷ୍ପିତ ହୋଇପାରିନାହିଁ ବୋଲି ଆମର ଅନୁଭୂତ ହେଉଛି, ଆହୁରି ଆହୁରି ଜଳ ଓ ଯତ୍ନ ଦାନରେ ସେ ସବୁକୁ ସତେଜ କରି ରଖିବା ଆମ ଦାୟିତ୍ୱ। ଅସଂଖ୍ୟ ଛାତ୍ରଛାତ୍ରୀ, ଶିଶୁ, ନାବାଳକ, ସାବାଳକ ସମସ୍ତଙ୍କ ମଧ୍ୟରେ ଭରିଦେବା ଅଗଣିତ ସ୍ୱପ୍ନର ଉପାଦାନ, ଯାହା ତାଙ୍କୁ ଜାଗ୍ରତ କରି ରଖିବ ଦେଶ ଗଠନ ପାଇଁ। ଜଣେ ବ୍ୟକ୍ତି ଟ୍ରେନରେ ଗଲାବେଳେ କେତେ ଗଛର ମଞ୍ଜି ଝରକା ଦେଇ ବାହାରକୁ ନିକ୍ଷେପ କରିଦିଅନ୍ତି। କିଛିଦିନ ପରେ ସେସବୁ ମଧ୍ୟରୁ ଅନେକ ଜଣାଅଜଣା ବୃକ୍ଷ ପତ୍ର ମେଲିଦେବ ନିଶ୍ଚିତ ଭାବରେ। ଏଇ ଆଶା ଟିକକ ହିଁ ତ ମଣିଷର ଶ୍ରେଷ୍ଠ ସମ୍ବଳ। ଗାନ୍ଧିଜୀ ପ୍ରାତଃଭ୍ରମଣ ବେଳେ ପ୍ରତିଦିନ ରାସ୍ତାର ଏକ ଅସମାନ୍ତର ସ୍ଥାନରେ ମୁଠାଏ ଗୋଡ଼ି ପକାଇ ଦିଅନ୍ତି। କିଛିଦିନ ପରେ ରାସ୍ତା ହୋଇଗଲା ସମାନ। ଏହି ସମାନତା ଆଣିବା ପାଇଁ କେବଳ ଆବଶ୍ୟକ ନିରୁତା ଆନ୍ତରିକତା। ନିବିଡ଼ ଆତ୍ମୀୟତା। ନିଜ ଦେଶ, ରାଜ୍ୟର ମଣିଷ ପ୍ରତି ନିଃସର୍ତ୍ତ ସ୍ନେହଶୀଳତା। ତାହା ପ୍ରତ୍ୟେକଙ୍କ ଅନ୍ତରରେ ସନ୍ନିହିତ।

ଏହି ପୃଷ୍ଠଭୂମିରେ ମନେପଡ଼େ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜୀବନର ଅନ୍ତିମ ମୁହୂର୍ତ୍ତର କିଛି ଭାବଗମ୍ଭୀର ଶବ୍ଦ। ମୃତ୍ୟୁ ତାଙ୍କୁ ସମ୍ପୂର୍ଣ୍ଣ କୋଳାଗ୍ରତ କରିବାର କିଛିକ୍ଷଣ ପୂର୍ବରୁ ସେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ପଚାରୁଛନ୍ତି - 'ମୁଁ ଜାଣିବାକୁ ଚାହୁଁଛି, ଦେଶ ଓ ଦଶର ମୁଖ ଉଜ୍ଜ୍ୱଳ କରିବା ପରି ଦେଶପ୍ରାଣ ଓଡ଼ିଆ ଲୋକମାନଙ୍କର ଅଭାବ ଓଡ଼ିଶାରେ ଦେଖାଯିବ ନାହିଁ ତ?' ୨୦୩୬ରେ ସ୍ୱୟଂସମ୍ପୂର୍ଣ୍ଣ ଓଡ଼ିଶାର ସ୍ୱପ୍ନ ସାକାର କରିବାର ପ୍ରସ୍ତୁତି ପଥରେ ଏହି ପ୍ରଶ୍ନ ସର୍ବାଦୌ ପ୍ରାସଙ୍ଗିକ। 'ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର କିଛି ବାର୍ତ୍ତା ଅଛି କି?' - ପଣ୍ଡିତ ନୀଳକଣ୍ଠଙ୍କ ଏହି ପ୍ରଶ୍ନରେ ମଧୁସୂଦନଙ୍କ ଉତ୍ତର ଥିଲା - 'ଓଡ଼ିଶାର ନିର୍ମଳ ଲୋକମାନଙ୍କୁ କହିବ ଯେ ସେମାନେ ସବୁବେଳେ ସେମାନଙ୍କ ଅନ୍ତରକୁ ନିର୍ମଳ ରଖିବେ। ତା' ହେଲେ ସେମାନଙ୍କ ଅନ୍ତରାତ୍ମା ପବିତ୍ର ରହିବ।' ଉତ୍କଳଗୌରବଙ୍କ ଦୃଷ୍ଟିରେ ସେହି 'ନିର୍ମଳ ଲୋକମାନଙ୍କର' ଆବିଷ୍କାର ହିଁ ଆଜି ସବୁଠାରୁ ଆହ୍ୱାନପୂର୍ଣ୍ଣ। ଏହି 'ନିର୍ମଳ ଲୋକମାନଙ୍କ' ଉପରେ ଆସ୍ଥାଶୀଳ ହୋଇ ପୁନଃନିର୍ମାଣ ପଥର ଯାତ୍ରୀ ହେବା ପାଇଁ ଦରକାର ଛଦ୍ମତା ବିହୀନ ଆନ୍ତରିକତା।

ପରସ୍ପର ପ୍ରତି ଈର୍ଷା, ଅସୂୟା, ଅହଂକାର ନୁହେଁ, ନିର୍ବିଚାର ଭାବରେ ଉତ୍ତାଳ ସମୁଦ୍ର ପରି ଶୁଷ୍କ ବେଳାଭୂମିକୁ ମମତାପ୍ଲୁତ କରିଦେବାର ଶକ୍ତି କେହି କାହାଠାରୁ ଛଡ଼ାଇ ନେଇପାରିବ ନାହିଁ। ଯାହା ମହାକାଳ ମଧ୍ୟ ଧ୍ୱଂସ କରିଦେବାରେ ସମର୍ଥ ନୁହେଁ, ସେଇ ବିରଳ କଳା ଓ କାରିଗରୀ ଓଡ଼ିଶାବାସୀଙ୍କ ଶ୍ରେଷ୍ଠ ବଳ। ତା'ର ସୀମା ନାହିଁ। ତେଣୁ ସମ୍ଭାବନାର ଅନ୍ତଃ ଘଟିପାରେନା କେବେ ବି। ଆଜିର ପରିପ୍ରେକ୍ଷୀରେ ଅବିଶ୍ରାନ୍ତ ଭାବରେ ଓଡ଼ିଶାର ପୁନର୍ଗଠନ ହିଁ ହେଉ ଆମର ଶ୍ରେଷ୍ଠ ସ୍ୱପ୍ନ, ସର୍ବୋତ୍ତମ କର୍ତ୍ତବ୍ୟ।(ସମାପ୍ତ)

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)
ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

# ଭଙ୍ଗା ହୃତ୍‌ପିଣ୍ଡକୁ ଯୋଡୁଥିବା ଅକ୍ସିଟୋସିନ୍

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ମସ୍ତିଷ୍କର 'ହାଇପୋଥାଲାମସ୍'ରେ ଉତ୍ପନ୍ନ ହେଉଥିବା 'ଅକ୍ସିଟୋସିନ୍'କୁ ଆମେ 'ପ୍ରେମ ହର୍ମୋନ୍' ବୋଲି କହୁ। କାରଣ ଏହା କେବଳ ଶିଶୁର ଜନ୍ମ ପ୍ରକ୍ରିୟା ଏବଂ ମା'ଠାରେ କ୍ଷୀରର କ୍ଷରଣ ସହ ସଂପୃକ୍ତ ନୁହେଁ। ସେଥିସହିତ ସାମାଜିକ ବନ୍ଧନ, ଯୌନ ଆଚରଣ, ପ୍ରେମ ଏବଂ ବିବିଧ ଆନନ୍ଦଦାୟୀ ଅନୁଭବ ମଧ୍ୟ ସୃଷ୍ଟି କରେ। କିନ୍ତୁ ଏବେ ଗବେଷକମାନେ ସେଥିରେ ଆବିଷ୍କାର କଲେଣି ଏକ ଆଶାତୀତ ଗୁଣ। ତାହା ହେଲା ଭଙ୍ଗା ହୃତ୍‌ପିଣ୍ଡର ମରାମତି। ସେମାନଙ୍କ ଅଧ୍ୟୟନ ଅନୁସାରେ କାଣ୍ଡକୋଷିକାମାନଙ୍କୁ ହୃଦ୍‌ଘାତରେ କ୍ଷତିଗ୍ରସ୍ତ ହୋଇଥିବା ହୃତପିଣ୍ଡକୁ ସଜାଡ଼ିବା ଏବଂ ତାର ସଙ୍କୋଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା 'କାର୍ଡିଓମାଇଓସାଇଟସ୍' ନାମକ ମାଂସପେଶୀରୁ ଜୀବକୋଷମାନଙ୍କ ବିକାଶକୁ ଉଦ୍ଦୀପିତ କରେ।

ହୃତ୍‌ପିଣ୍ଡ ଯଥେଷ୍ଟ ଅମ୍ଳଜାନ ପ୍ରାପ୍ତ ନ ହେଲେ ଏଗୁଡ଼ିକ ମୃତ୍ୟୁବରଣ କରନ୍ତି। ଅବଶ୍ୟ, 'ଏପିକାର୍ଡିୟମ୍-ଡେରାଇଭଡ୍ ପ୍ରୋଜେନିଟର୍ ସେଲସ୍' କୁହାଯାଉଥିବା କାଣ୍ଡକୋଷିକା ସଦୃଶ୍ୟ ଜୀବକୋଷମାନଙ୍କ ଦ୍ୱାରା ତାହାର ପୁନରୁତ୍ପତ୍ତି ହୋଇପାରେ। କିନ୍ତୁ ମଣିଷର ଏ ସାମର୍ଥ୍ୟ ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ତା'ର କ୍ଷତିଗ୍ରସ୍ତ ହୃତପିଣ୍ଡ ଜୀବକୋଷଗୁଡ଼ିକୁ କ୍ଷତଗ୍ରସ୍ତ ତନ୍ତୁକୁ ରୂପାନ୍ତର କରେ। ଏହି ଅସ୍ଥାୟୀ ସମାଧାନ ପରବର୍ତ୍ତୀ ସମୟରେ ହୃତପିଣ୍ଡ ଅକାମୀ ହେବାର କାରଣ ହୋଇପାରେ। ସେଥିପାଇଁ ମିଚିଗାନ୍ ରାଜ୍ୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏଇଟର୍ ଆଗୁଇରେ ମଣିଷଠାରେ ହୃତପିଣ୍ଡର କାର୍ଯ୍ୟ ସାମାନ୍ୟ କରିବା ଲାଗି 'କାର୍ଡିଓ ମାଇଓସାଇଟସ୍'ର ପୁନରୁତ୍ପତ୍ତି କରିବା ପାଇଁ ଉପାୟଟିଏ ଆବିଷ୍କାର କରିବାକୁ ମନ ବଳାଇଲେ। ତାଙ୍କ ଗବେଷଣାରେ କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡର ଉପଶମନ ପାଇଁ ସେ ମସ୍ତିଷ୍କ ଉପରେ ଧ୍ୟାନ ଦେଲେ। ଏହାର ହାଇପୋଥାଲାମସ୍ ଏବଂ ପିଟ୍ୟୁଟାରୀ ଭଳି ସ୍ନାୟବିକ ସଂରଚନାଗୁଡ଼ିକ ବିଭିନ୍ନ ହରମୋନ୍‌ର କ୍ଷରଣ ଘଟାଇ ଆମ ହୃତ୍‌ସ୍ପନ୍ଦନ ହାର ଏବଂ ରକ୍ତଚାପ ଭଳି ହୃଦ୍‌ବାହିନୀ କ୍ରିୟାକଳାପକୁ ନିୟନ୍ତ୍ରଣ କରନ୍ତି।

ଅନ୍ୟପକ୍ଷରେ, ଜେବ୍ରା ମାଛ ଉପରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହାର ଅନେକ ହର୍ମୋନ୍ ହୃତପିଣ୍ଡ ପୁନର୍ବିନ୍ୟାସ ପ୍ରକ୍ରିୟାକୁ ପ୍ରଭାବିତ କରନ୍ତି। ଉଦାହରଣ ସ୍ୱରୂପ ଏଷ୍ଟ୍ରୋଜେନ୍ ଏହାକୁ କ୍ଷିପ୍ର କଲା ବେଳେ 'କୋର୍ଟିସଲ' ଏହାକୁ ହ୍ରାସ କରେ। ପୁନଶ୍ଚ ଆଫ୍ରିକାର କେତେକ ଜାତିର ବେଙ୍ଗଛୁଆଙ୍କଠାରେ ହୋଇଥିବା ପରୀକ୍ଷାରୁ ହାଇପୋଥାଲାମସ୍‌ରେ କ୍ଷତ ହେଲେ ହୃତପିଣ୍ଡ ପୁନର୍ବିନ୍ୟାସ ବାଧାପ୍ରାପ୍ତ ହେବାର ଜଣାପଡ଼ିଛି। ଏହି ସବୁ ବିଚାରକୁ ନେଇ ଆଗୁଇରେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ମସ୍ତିଷ୍କ ଏହାର ପୁନର୍ବିନ୍ୟାସକୁ ସୁଗମ କରିବାକୁ ବିବିଧ ହରମୋନ୍‌ର କ୍ଷରଣ ଘଟାଏ।

ସେ ଓ ତାଙ୍କର ସହଯୋଗୀମାନେ ଏପ୍ରକାର ୧୫ ଟି ଚିହ୍ନଟ କରିପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଗ୍ରୋଥ୍ ହର୍ମୋନ୍' (ମାଂସପେଶୀ ପୁନଃବିନ୍ୟାସକାରୀ), ପ୍ରୋଲାକଟିନ୍ (ମୂଷାମାନଙ୍କ ଠାରେ ବୃକ୍କ ପୁନର୍ବିନ୍ୟାସ ନିୟନ୍ତ୍ରକ) ଏବଂ ଅକ୍ସିଟୋସିନ୍ (ମାଂସପେଶୀର ସୁରକ୍ଷା ଏବଂ ପୁନର୍ବିନ୍ୟାସ ପାଇଁ ଲୋଡ଼ା)। ଆଗୁଇରେ ଓ ତାଙ୍କ ସହଯୋଗୀମାନେ ଏହି ହର୍ମୋନ୍‌ଗୁଡ଼ିକୁ ଏପିପିକ୍ସରେ ମିଶାଇ ତାହା ହୃତପିଣ୍ଡର ପୁନର୍ବିନ୍ୟାସ କରିପାରନ୍ତି କି ନାହିଁ, ତାହା ପରୀକ୍ଷା କରିବାକୁ ଲାଗିଲେ। ଫଳରେ ସେମାନେ ଦେଖିବାକୁ ପାଇଲେ ଯେ ଏଥିମଧ୍ୟରେ ସବୁଠାରୁ ଶକ୍ତିଶାଳୀ ପ୍ରଭାବଥିଲା 'ଅକ୍ସିଟୋସିନ୍'ର। ଏହା ଏପିପିକ୍‌ମାନଙ୍କର ଦ୍ରୁତ ଉତ୍ପାଦନ କରିବାର ଦକ୍ଷତା ଅନ୍ୟମାନଙ୍କ ତୁଳନାରେ ୩ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିବାର ଦେଖାଗଲା। ସେମାନେ ତତ୍ପରେ ଏକ ସଜୀବଠାରେ ହୃତପିଣ୍ଡର ପୁନର୍ବିନ୍ୟାସ ପାଇଁ 'ଅକ୍ସିଟୋସିନ୍' ର ଭୂମିକା ସଂପର୍କରେ ଅଧିକ ଗବେଷଣା କରିବାକୁ ଚାହିଁଲେ। ସେଥିପାଇଁ ସେମାନେ ଜେବ୍ରାମାଛକୁ ବାଛିଲେ। କାରଣ ଏହାର ମସ୍ତିଷ୍କ ରେଟିନା ଆଦି ଆଭ୍ୟନ୍ତରୀଣ ଅଙ୍ଗ, ହାଡ଼ ଓ ଚର୍ମ ଆଦି ପୁନର୍ବିନ୍ୟାସ କରିବାର ଅସାଧାରଣ ଦକ୍ଷତା ରହିଛି। ସେଥିପାଇଁ ସେମାନଙ୍କୁ ହୃଦ୍‌ଘାତ ହୁଏ ନାହିଁ। ପୁନଶ୍ଚ ସେମାନେ ଏଥିପାଇଁ ମଣିଷ ଭଳି ଏପିପିକ୍‌ଙ୍କ ଉପରେ ନିର୍ଭର କରନ୍ତି।

ପରୀକ୍ଷାରେ ଗବେଷକମାନେ ଜେବ୍ରା ମାଛର ହୃତସ୍ପନ୍ଦନ ଦେଖିବା ପାଇଁ ତା' ଛାତିକୁ ଚିରିଦେଲେ। ତତ୍ପରେ ଧୀରେ ଧୀରେ ଏକ ତରଳ ଯବକ୍ଷାରଜାନ ଦ୍ୱାରା ହିମୀକୃତ ଧାତବ ପରୀକ୍ଷା ଯନ୍ତ୍ରକୁ ହୃତପିଣ୍ଡକୁ ଛୁଆଁଇ ୪୫ ସେକେଣ୍ଡ ପାଇଁ ରଖିଲେ। ଶେଷରେ ସେମାନେ ଚିରା ସ୍ଥାନକୁ ବନ୍ଦ କରିଦେଲେ ଏବଂ ମାଛଟିକୁ 'ଆକ୍ୟୁଆରମ୍' ମଧ୍ୟରେ ଛାଡ଼ିଦେଲେ। ଫଳରେ କ୍ଷତ ହେବାର ତିନିଦିନ ମଧ୍ୟରେ ତା' ମସ୍ତିଷ୍କରେ 'ଅକ୍ସିଟୋସିନ୍' ୧୮ ଗୁଣ ବୃଦ୍ଧି ପାଇବାର ଦେଖାଗଲା। ଏହା ୭ ଦିନ ଧରି ଚାଲିଲା। ଏଥିରୁ ଜଣାପଡ଼ିଲା ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ଏକ ନିର୍ଦ୍ଦିଷ୍ଟ ସମୟ ଧରି ମସ୍ତିଷ୍କ ରକ୍ତସ୍ରୋତ ମଧ୍ୟକୁ ପ୍ରଚୁର 'ଅକ୍ସିଟୋସିନ'ର ପ୍ରବାହ ଘଟାଏ। ହୃତପିଣ୍ଡ ତନ୍ତୁର ପୁନର୍ବିନ୍ୟାସ ଲାଗି ଏହି ପ୍ରେମହର୍ମୋନର ଆବଶ୍ୟକତା ନିଶ୍ଚିତ କରିବା ପାଇଁ ଗବେଷକମାନେ କିଛି ଜେବ୍ରାମାଛଙ୍କ ହୃତପିଣ୍ଡ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କୁ 'ଅକ୍ସଟୋସିନ୍' ପ୍ରତିରୋଧକ ଇଂଜେକସନ୍ ଦେଲେ। ଫଳରେ ସମୟକ୍ରମେ କ୍ଷତଗୁଡ଼ିକ ଶୁଖିଲା, କିନ୍ତୁ ତହିଁରେ ବହୁସଂଖାକ ଦାଗଯୁକ୍ତ ତନ୍ତୁମାନ ଦେଖାଗଲା। ଅତଏବ ହୃତପିଣ୍ଡ ପୂର୍ବାବସ୍ଥାକୁ ଫେରିଆସିଲା ନାହିଁ।

ଏହି ଫଳାଫଳ ପ୍ରଦର୍ଶନ କଲା ଯେ 'ଅକ୍ସିଟୋସିନ୍' ଦ୍ୱାରା ଏପିପିକ୍ ଉତ୍ପାଦନ ପ୍ରକ୍ରିୟାର ତ୍ୱରାନ୍ୱିତ ହୁଏ, ଯାହାକି ହୃତପିଣ୍ଡର ମରାମତିରେ ସହାୟତା କରେ। ମଣିଷଠାରେ ଏ ସାମର୍ଥ୍ୟ ରହିଛି ସୀମିତ ମାତ୍ରାରେ। ତଥାପି ଏହାଦ୍ୱାରା ତା'ର ହୃଦ୍‌ଘାତ ପରବର୍ତ୍ତୀ ଚିକିତ୍ସା କରାଯାଇ ପାରିବାର ସମ୍ଭାବନା ରହିଛି। ଏଥିପାଇଁ ଏବେ ନାନାପ୍ରକାର ଔଷଧ ପ୍ରସ୍ତୁତି ଲାଗି ଉଦ୍ୟମ ଚଳାଇଛନ୍ତି ଗବେଷକମାନେ। ତାହା 'ଅକ୍ସିଟୋସିନ'ର କ୍ଷରଣ ଘଟାଇ ଏ ପ୍ରକ୍ରିୟାକୁ ଦ୍ରୁତ ଏବଂ ଅଧିକ ଫଳପ୍ରସୂ କରିବ ବୋଲି ଆଶା।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଚାରଣ ବସନ୍ତ ପଣ୍ଡା

ସମଗ୍ର ଭୂମିଖଣ୍ଡ ଯାହାଙ୍କ ଚରଣ, ଅନ୍ତରୀକ୍ଷ ଯାହାଙ୍କ ନାଭି, ଦଶଦିଶ ଯାହାଙ୍କ କର୍ଣ୍ଣ, ଚନ୍ଦ୍ର ଓ ସୂର୍ଯ୍ୟ ଯାହାଙ୍କ ନୟନ ଯୁଗଳ, ସ୍ୱର୍ଗଲୋକ ଯାହାଙ୍କ ମସ୍ତକ, ସେହି ତ୍ରିଲୋକବ୍ୟାପୀ ପରମେଶ୍ୱର ପୁରୁଷୋତ୍ତମଙ୍କ ବାସଯୋଗ୍ୟ ମନ୍ଦିର ନିର୍ମାଣ କରିବାକୁ କେଉଁମାନେ ସମର୍ଥ ହେବେ? ଏହାଭାବି ବୋଧହୁଏ ପୂର୍ବର ନରପତିମାନେ ପୁରୁଷୋତ୍ତମଙ୍କ ମନ୍ଦିର ନିର୍ମାଣରେ ଉପେକ୍ଷା କରିଥିଲେ। କିନ୍ତୁ ଚୋଡ଼ଗଙ୍ଗ ଦେବ ଶ୍ରୀପୁରୁଷୋତ୍ତମଙ୍କ ମହାମନ୍ଦିର ନିର୍ମାଣ କରାଇଦେଲେ। ତେବେ ପ୍ରଶ୍ନ ଉଠେ ଅନନ୍ତବର୍ମ ଚୋଡ଼ଗଙ୍ଗ (ଖ୍ରୀଷ୍ଟାବ୍ଦ. ୧୦୭୮-ଖ୍ରୀଷ୍ଟାବ୍ଦ.୧୧୪୭) ୨୧୩ଫୁଟ ୮ଇଞ୍ଚ(ପ୍ରାୟ) ଉଚ୍ଚ ମହାମନ୍ଦିର ଶ୍ରୀପୁରୁଷୋତ୍ତମ ବିଷ୍ଣୁଙ୍କ ପାଇଁ ସମୁଦ୍ର କୂଳରେ ନିର୍ମାଣ କରିବାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା? ମହାବିଷ୍ଣୁ ଶ୍ରୀପୁରୁଷୋତ୍ତମଙ୍କ ପାଇଁ ଏ ମହାମନ୍ଦିର (ଶ୍ରୀବସ୍ତ୍ର ଖଣ୍ଡାଶାଳ) ନିର୍ମାଣ ପାଇଁ କେଉଁ ସୂତ୍ରରୁ ବିପୁଳ ଧନରାଶି ସେ ସଂଗ୍ରହ କରିଥିଲେ? ଆପଣାର ବାହୁବଳରେ ଅର୍ଜନ କରିଥିବା ସେ ବିପୁଳ ଧନ ରାଶି ତତ୍କାଳୀନ ସମୟେ କେଉଁଠାରେ ଗଚ୍ଛିତ କରି ରଖିଥିଲେ ? ଏ ସବୁର ଉତ୍ତର ପାଇଁ ଫେରିଯିବାକୁ ପଡ଼ିବ ଓଡ଼ିଶା ଇତିହାସର କୁକ୍ଷି ମଧ୍ୟକୁ।

ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ଥିଲେ ସମରନିପୁଣ। ଉତ୍କଳର ସୋମବଂଶୀ ଓ ବେଙ୍ଗୀ ରାଜ୍ୟର ଚାଲୁକ୍ୟ ରାଜାଙ୍କ ସମେତ ଅନ୍ୟାନ୍ୟ ରାଜାମାନଙ୍କୁ ପରାସ୍ତ କରି ଅପାର ଧନ ରାଶି ଲାଭ କରିଥିଲେ। ସମରଲବ୍ଧ ଧନକୁ କେବଳ ଧର୍ମ କାର୍ଯ୍ୟରେ ବିନିଯୋଗ କରିବା ଶାସ୍ତ୍ରସମ୍ମତ। ତେଣୁ ସେହି ଧନସମ୍ପଦକୁ ମନ୍ଦିର ନିର୍ମାଣରେ ବିନିଯୋଗ କଲେ। ପୂର୍ବେ ଧନରତ୍ନର ସୁରକ୍ଷା ନିମନ୍ତେ ଭୂଗର୍ଭରେ ଭଣ୍ଡାର ନିର୍ମାଣ କରାଯାଉଥିଲା। ଚୋଡ଼ଗଙ୍ଗ ସେହିପରି ଗୋଟାଏ ଭଣ୍ଡାର ନିର୍ମାଣ କରାଇ ସେଥିରେ ପ୍ରଚୁର ଧନ ରଖି ତାଙ୍କ ଗୁରୁଙ୍କ ଜିମାରେ ଦେଇ ବଡ଼ ଦେଉଳ ନିର୍ମାଣ କାର୍ଯ୍ୟରେ ବ୍ୟୟ କରିବାକୁ ସ୍ଥିର କଲେ। ବର୍ତ୍ତମାନ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଯେଉଁ 'ସୁନା କୂଅ' ଅଛି ତାହା ହିଁ ଭଣ୍ଡାର ହୋଇଥିଲା। ତାହାର ସୁରକ୍ଷା ସକାଶେ ଦେବୀ ଶୀଳତା ମାଁଙ୍କୁ ସେଠାରେ ସ୍ଥାପନା କରାଯାଇଥିଲା(ଉତ୍କଳ ପ୍ରସଙ୍ଗ/ ରଥ ବିଶେଷାଙ୍କ/ ୨୦୦୨/ଡଃ. ସତ୍ୟ ନାରାୟଣ ରାଜଗୁରୁ/ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ଓ ମନ୍ଦିର ପ୍ରତିଷ୍ଠା)। ଏହା ହିଁ ବୋଧେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ପ୍ରଥମ ରତ୍ନଭଣ୍ଡାର। ଚୋଡ଼ଗଙ୍ଗ ଦେବ ଏହି ମନ୍ଦିରର କେବଳ ବିମାନ ଓ ଜଗମୋହନ ନିର୍ମାଣ କରିଥିଲେ। ଉକ୍ତ ମନ୍ଦିର କ୍ରମାଙ୍କ ନଂ -୮, ପ୍ଲଟ ନଂ -୫ରେ ବାହାର ଭଣ୍ଡାର ଓ ସେହି କ୍ରମାଙ୍କ ପ୍ଲଟ ନଂ:-୬ରେ ଭିତର ଭଣ୍ଡାର ରହିଛି। ସେଠାରେ ବିପୁଳ ପରିମାଣର ହୀରା, ନୀଳା, ମୋତି, ମାଣିକ୍ୟ, ସୁନା, ରୁପା, ତମ୍ବା, ପିତଳର ବହୁମୂଲ୍ୟ ପଦାର୍ଥମାନ ଗଚ୍ଛିତ କରି ରଖା ଯାଇଥିଲା। ଶ୍ରୀପୁରୁଷୋତ୍ତମଙ୍କ ଉପାସନା ନିମନ୍ତେ ତତ୍କାଳୀନ ଶାସକ/ ବିତ୍ତଶାଳୀ ସମାଜ ଶ୍ରେଷ୍ଠୀ/ରାଜ କର୍ମଚାରୀ ଧନ ରତ୍ନ ଦାନ ସୂତ୍ରରେ ଦେଇଥିବା ଶ୍ରୀନୃସିଂହ ମନ୍ଦିର ଶିଳାଲେଖ, ମାଦଳା ପାଞ୍ଜି, ଡଃ. ସତ୍ୟ ନାରାୟଣ ରାଜଗୁରୁଙ୍କ ଆଲେଖ୍ୟରୁ ପ୍ରମାଣ ମିଳେ।

ରତ୍ନଭଣ୍ଡାର ଦୁଇକୋଠରି ବିଶିଷ୍ଟ। ବାହାର ଭଣ୍ଡାର, ଯାହାର ଆନୁମାନିକ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୦ ଫୁଟରେ ୨୦ ଫୁଟ ଥିବାବେଳେ ଭିତରଭଣ୍ଡାର ସେହିକ୍ରମରେ ୪୦ ରେ ୪୦ ଫୁଟ। ଏହାର ଭୂଇଁ ପ୍ରସ୍ତର ନିର୍ମିତ ହୋଇଥିବା ବେଳେ ଛାତ ତଳେଇ ଦ୍ୱାରା ଆବୃତ। ଭିତର ଭଣ୍ଡାରର ପୂର୍ବ ଓ ପଶ୍ଚିମ ଦିଗରେ ଦୁଇଟି ଗୋଲାକାର ରନ୍ଧ୍ର ରହିଛି। ପୂର୍ବେ ଏହି ରନ୍ଧ୍ର ଜରିଆରେ ଶ୍ରୀପୁରୁଷୋତ୍ତମଙ୍କ ଭଣ୍ଡାରରକ୍ଷକ ସର୍ପମାନଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ପ୍ରଦାନ କରାଯାଉ ଥିବାର ଶୁଣାଯାଏ। ମାତ୍ର ଅଧୁନା ସେବ୍ୟବସ୍ଥା ନାହିଁ।

ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଗଜପତି ଭାନୁଦେବ( ୪ର୍ଥ) ଙ୍କ ପର୍ଯ୍ୟନ୍ତ ଦୀର୍ଘ ୨୦୦ବର୍ଷର ଗଙ୍ଗବଂଶୀଙ୍କ ଶାସନ ସମୟେ ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାରକୁ ପ୍ରଦାନ କରାଯାଇଥିବା ମହାର୍ଘ୍ୟ ସମ୍ଭାରର ହିସାବ ଫର୍ଦ୍ଦ (ସାମାନ୍ୟ ଭାବେ କିଛିର ସୂଚନା କେବଳ ମାଦଳାପାଞ୍ଜିର ରାଜଭୋଗ ଇତିହାସରେ ଉଲ୍ଲେଖ ଅଛି) ଅଧୁନା ଦେଖିବାକୁ ମିଳେ ନାହିଁ। ସମୟ ଆସିଛି ଯେତେବେଳେ ଧର୍ମକୁ ରାଜନୀତି ସହିତ ସଂପୃକ୍ତ କରାଯାଇଛି ସେତେବେଳେ ଶ୍ରୀପୁରୁଷୋତ୍ତମ ବୋଲାଇଛନ୍ତି ସମଗ୍ର ଗଙ୍ଗ ସାମ୍ରାଜ୍ୟର ଅଧୀଶ୍ୱର। ଏହାପରେ ଠାକୁର ହୋଇଗଲେ 'ରାଜା', ରାଜା ବୋଲାଇଲେ 'ଠାକୁରରାଜା'। ଠାକୁର ହୋଇଗଲେ 'ସେବ୍ୟ'। ରାଜା ବୋଲାଇଲେ 'ସେବକ'। ଆରମ୍ଭ ହେଲା 'ସ୍ୱରାଟ ରାଟ' ସେବା। ସେତେବେଳେ ମହାପ୍ରଭୁଙ୍କ ଉପାସନା କ୍ଷେତ୍ରରେ ଦେଖାଦେଲା 'ରାଜକୀୟ ଆଡ଼ମ୍ବର'। ଅର୍ଥାତ୍ ଜଣେ ସମ୍ରାଟଙ୍କ ସେବା ନିମନ୍ତେ ରାଜପ୍ରାସାଦରେ ଯେଉଁପରି ଖଞ୍ଜା ହେଉଥିଲା ତା'ର ଅନୁରୂପ ବ୍ୟବସ୍ଥା ରହିଲା। କାଳକ୍ରମେ ପୂରି ଉଠିଛି ମହାପ୍ରଭୁଙ୍କ ୫୨ କୋଟି ରତ୍ନଭଣ୍ଡାର(ଗଜପତି ରାଜାଙ୍କ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଓଡ଼ିଶାର ରାଜାମାନଙ୍କ ଦାନ - ଡଃ. ସତ୍ୟ ନାରାୟଣ ରାଜଗୁରୁ /ପାଞ୍ଚଜନ୍ୟ/୮ମବର୍ଷ/୨ୟତୃୟ ସଂଖ୍ୟା/ଦଶହରା ବିଶେଷାଙ୍କ/୧୯୮୭ ଦ୍ରଷ୍ଟବ୍ୟ)।

ଇତିହାସ କୁହେ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ନିଃଶ୍ୱାସ ମଧ୍ୟରେ ବିଧର୍ମୀମାନଙ୍କ ସାମ୍ରାଜ୍ୟ ବିସ୍ତାର, ଧନ ଲିପ୍ସା ଓ ଧର୍ମାନ୍ଧତାର ଶିକାର ହୋଇଛି ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର। ପ୍ରାୟ ପନ୍ଦର ଥର ଲୁଣ୍ଠିତ ହୋଇଛି ଓଡ଼ିଆ ଜାତିର ଐତିହ୍ୟର ଐଶ୍ୱର୍ଯ୍ୟ। ବିଧର୍ମୀମାନଙ୍କ ଆକ୍ରମଣ ସହିତ କେଶୋଦାସ ମାରୁ ପରି ହିନ୍ଦୁ ମଧ୍ୟ ବିବେକକୁ ଭୁଲି ଲୁଣ୍ଠନ କରିବାକୁ ପଶ୍ଚାତପଦ ହୋଇନାହାନ୍ତି। ପ୍ରଥମେ ରକ୍ତବାହୁ, ତା' ପରକୁ ପର ବଙ୍ଗ ସୁଲତାନ ଇଲିୟାସ ଶାହ, ଫିରୋଜ ତୋଗଲକ, ଇସମାଇଲି ଗାଜି, କଳାପାହାଡ଼, ସୁଲେମାନ ଓ ଓସମାନ, ମିର୍ଜା ଖୁରୁମ, ହାସିମ ଖାଁ, କେଶୋଦାସ, କଲ୍ୟାଣ ମଲ୍ଲ, ମକରାମ ଖାଁ, ମିର୍ଜା ଅହମ୍ମଦ ବେଗ ଖାଁ, ଅମିର ଫତେ ଖାଁ, ଏକ ରାମ ଖାଁ, ମହମ୍ମଦ ତକିଆ ଖାଁ ଆକ୍ରମଣ ଓ ଲୁଣ୍ଠନ କରିଛନ୍ତି ରତ୍ନଭଣ୍ଡାର। ସବୁଠାରୁ ବର୍ବରୋଚିତ, ଲୋମହର୍ଷଣକାରୀ ଆକ୍ରମଣ ତଥା ଲୁଣ୍ଠନ ଥିଲା ବଙ୍ଗ ସୁଲତାନ ସୁଲେମାନ କରନିର ଅନ୍ୟତମ ସେନାପତି କଳାପାହାଡ଼(ହିନ୍ଦୁରୁ ମୁସଲମାନ ହୋଇଥିବା)ର। ଥରି ଉଠିଥିଲା ଓଡ଼ିଆ ଜାତିର ଅସ୍ଥି ପଞ୍ଜରା। ଆକ୍ରମଣରେ ସାମିଲ୍ ଥିବା ସୈନିକମାନେ ପ୍ରତ୍ୟେକେ ଗୋଟିଏ/ଦୁଇଟି ସୁବର୍ଣ୍ଣ ପ୍ରତିମା ପାଇଥିବା ଇତିହାସ କୁହେ। ତନ୍ମଧ୍ୟରୁ ସବୁଠାରୁ ବଡ଼ ପ୍ରତିମାର ଓଜନ ଥିଲା ୩୦ ମହଣ।(କ୍ରମଶଃ...)

ନୟାଗଡ଼, ମୋ: ୯୨୩୭୦୯୫୨୪୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ହୋମିଓପାଥିକ ମେଡିକାଲ କଲେଜରେ ଅବସରପ୍ରାପ୍ତ କର୍ମଚାରୀ ନିଯୁକ୍ତି ପ୍ରସଂଗ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୮।୭(ସମିସ): ରାଜ୍ୟର ସରକାରୀ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପକ ପଦରେ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ପାଇଁ ସୁଯୋଗ ଦିଆଯିବା ଓ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡାକ୍ତର ଭାରତୀ ତ୍ରିପାଠୀ ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆୟୁଷ ନିର୍ଦ୍ଦେଶାଳୟ ଗତ ଜୁନ ୧୮ର ବିଜ୍ଞପ୍ତି ଆଧାରରେ କୌଣସି ନିଯୁକ୍ତି ସଂକ୍ରାନ୍ତ ପଦକ୍ଷେପ ଏହି ମାମଲାର ଚୂଡାନ୍ତ ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ସରକାରୀ ହୋମିଓପାଥିକ ମେଡିକାଲ କଲେଜରେ ଶିକ୍ଷକ ନିଯୁକ୍ତି ସଂପର୍କିତ ନିୟମାବଳୀ ଏ ପର୍ଯ୍ୟନ୍ତ ଚୂଡାନ୍ତ ହୋଇ ନଥିବାରୁ ସରକାର ଏହି ସବୁ ପଦରେ ନିୟମିତ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ନେଇ ନାହାନ୍ତି। ଏଣୁ ଏ ସଂକ୍ରାନ୍ତରେ ସରକାରଙ୍କୁ ଜବାବ ରଖିବାକୁ ଦୁଇ ସପ୍ତାହ ମହଲତ ପ୍ରଦାନ କରିଛନ୍ତି ଅଦାଲତ। ଜୁଲାଇ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ ଯେ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସରକାରୀ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ ଚୁକ୍ତିଭିତ୍ତିକ ପ୍ରଫେସର, ପ୍ରାଧ୍ୟାପକ ଓ ଅଧ୍ୟାପକ ପଦ ପୂରଣ ପାଇଁ ଜୁନ ୧୮ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ବିଭିନ୍ନ ବିଭାଗରେ ୧୯ଟି ପ୍ରଫେସର, ୪୫ଟି ପ୍ରାଧ୍ୟାପକ ଓ ୧୭ଟି ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୬୪ବର୍ଷ ଧାର୍ଯ୍ୟ କରାଯାଇଥିଲା। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଯୁବ ବର୍ଗଙ୍କୁ ସୁଯୋଗ ନ ଦେଇ ଅବସରପ୍ରାପ୍ତଙ୍କ ମାଧ୍ୟମରେ ଏହି ସବୁ ପଦ ପୂରଣ ପାଇଁ ପଦକ୍ଷେପ ନିଆଯିବା ଗ୍ରହଣୀୟ ନୁହେଁ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ତ୍ରିଲୋଚନ ଦାଶ ମାମଲା ପରିଚାଳନା କରୁଛନ୍ତି।

# ମାଗଣା ଶିକ୍ଷା ପାଇଁ ୭୫% ଉପସ୍ଥାନ ଜରୁରୀ

**ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ହେବ ବାଇଓମେଟ୍ରିକ୍**

ଭୁବନେଶ୍ୱର, ୮।୭(ସମିସ): ଶିକ୍ଷାନୁଷ୍ଠାନରେ ଦୈନିକ ଉପସ୍ଥାନକୁ କଡ଼ାକଡ଼ି ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ବାଇଓମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କରାଯିବା ଲାଗି ଯୋଜନା କରୁଛନ୍ତି ସରକାର। ଏହାସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ୭୫ ପ୍ରତିଶତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯିବା ସହ ଉପସ୍ଥାନ କମିଲେ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧାରୁ ବାଦ୍ ଦିଆଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଏକ ଯୋଜନା ପ୍ରସ୍ତୁତ କରିଛି। ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନୀତି ଲାଗୁ ହୋଇଥିବାବେଳେ ପିଲାଙ୍କୁ ଶିକ୍ଷାମନସ୍କ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଅନେକ ବିସଙ୍ଗତି ପରିଲକ୍ଷିତ ହେଉଥିଲା। ତେଣୁ ଏବେ ଅଧ୍ୟାପକ ଅଧ୍ୟାପିକାଙ୍କ ପରି ପ୍ରତିଦିନ ଛାତ୍ରଛାତ୍ରୀମାନେ ମଧ୍ୟ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଶ୍ରେଣୀ ଗୃହରେ ୭୫ ପ୍ରତିଶତ ଉପସ୍ଥାନ ହେଉ ନ ଥିବା ପିଲାଙ୍କୁ ମାଗଣା ଶିକ୍ଷା ମିଳିବ ନାହିଁ। ନାମଲେଖା ଫି' ସାଙ୍ଗକୁ ଆନୁସଙ୍ଗିକ ଫି' ମଧ୍ୟ ଦାଖଲ କରିବାକୁ ପଡ଼ିବ। ନାମଲେଖା ସମୟରେ ହିଁ ୭୫ ପ୍ରତିଶତ ଉପସ୍ଥାନ ସହିତ ମାଗଣା ଶିକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀମାନେ ସମ୍ମତିପତ୍ର ଦେବେ ବୋଲି ଉଚ୍ଚଶିକ୍ଷା ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରିଛି। ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ନିଜର ଉପସ୍ଥିତି ସମ୍ପର୍କରେ ଦୈନିକ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଅନ୍ୟଥା ନାମଲେଖା ଫି' ଦାଖଲ କରିବେ ବୋଲି ନିଜର ସମ୍ମତି ଦେବାକୁ ପଡ଼ିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି ଚୁକ୍ତି ରଦ୍ଦ...

ହର୍ମୁଜ୍ ପ୍ରଣାଳୀରେ ସାମରିକ ଉତ୍ତେଜନା ମଧ୍ୟରେ ଓମାନ ପ୍ରସ୍ତାବିତ ଅସ୍ଥାୟୀ ଜଳପଥ ବ୍ୟବହାର କରିବାକୁ ଯାଉଥିବା ଏକ ଭାରତୀୟ ତୈଳବାହୀ ଜାହାଜକୁ ଇରାନ ଫେରାଇ ଦେଇଛି। ଇରାନ ନିଜେ ନିର୍ଦ୍ଧାରଣ କରିଥିବା ଜଳପଥ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି। ଖବର ଅନୁଯାୟୀ, ଓମାନ ଉପକୂଳ ଦେଇ ଯାଉଥିବା ଅସ୍ଥାୟୀ ଜଳପଥରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଜାହାଜକୁ ଇରାନର ସୁରକ୍ଷା ବାହିନୀ (ଆଇଆରଜିସି) ବେତାର ବାର୍ତ୍ତା ମାଧ୍ୟମରେ ଫେରିଯିବାକୁ କହିଥିଲା। ଏହି ଅସ୍ଥାୟୀ ଜଳପଥକୁ ଗତ ଜୁନ୍ ମାସରେ ଓମାନ ଏବଂ ଜାତିସଂଘର ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ ଉପସାଗରରେ ଅଟକିଥିବା ଜାହାଜଗୁଡ଼ିକର ସୁରକ୍ଷିତ ଚଳାଚଳ ପାଇଁ ଘୋଷଣା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ଭାରତ, ଓମାନ, ଆମେରିକା କିମ୍ବା ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ କିଛି କୁହାଯାଇ ନାହିଁ।

### ବୁଡ଼ିଗଲା ୧୦ ଲକ୍ଷ...

ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଛି। ବୁଧବାର ସକାଳେ ହ୍ରାସ ସହିତ ବଜାର ଖୋଲିଥିବାବେଳେ ଅପରାହ୍ନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ବିରତି ସମ୍ପର୍କିତ ବିବୃତ୍ତି ସେୟାର ବଜାରରେ ବଡ଼ ହ୍ରାସ ଘଟାଇଛି। ଏଥିଯୋଗୁ ଆଜି ସମସ୍ତ କ୍ଷେତ୍ରର ନିଫ୍‌ଟି ସୂଚକାଙ୍କ ତଳମୁହାଁ ରହିଥିଲା। ବ୍ୟାଙ୍କିଙ୍ଗ ଏବଂ ଏଫ୍‌ଏମ୍‌ସିଜି ଷ୍ଟକ୍ ସର୍ବାଧିକ ଚାପଗ୍ରସ୍ତ ଥିବାବେଳେ ପିଏସ୍‌ୟୁ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ନିଫ୍‌ଟି ସୂଚକାଙ୍କ ୨.୫%ରୁ ଅଧିକ ହ୍ରାସ ପାଇଛି। ନିଫ୍‌ଟି ବ୍ୟାଙ୍କ ସୂଚକାଙ୍କ, ନିଫ୍‌ଟି ଏଫ୍‌ଏମ୍‌ସିଜି ସୂଚକାଙ୍କ ଏବଂ ତୈଳ ଓ ଗ୍ୟାସ୍ ସୂଚକାଙ୍କ ୨%ରୁ ଅଧିକ ହ୍ରାସ ପାଇଛି। ଯଦିବା ସକାଳେ ବଜାର ନିମ୍ନ ସ୍ତରରେ କାରବାର ଆରମ୍ଭ କରିଥିଲା, କିନ୍ତୁ ଅପରାହ୍ନରେ ଏଥିରେ ଦ୍ରୁତ ଗତିରେ ସୁଧାର ଆସିଥିଲା। ଏହାବ୍ୟତୀତ ଯୁଦ୍ଧବିରତି ଶେଷ ହେବା ସହ ଅଶୋଧିତ ତୈଳ ମୂଲ୍ୟରେ ମଧ୍ୟ ୬% ବୃଦ୍ଧି ଘଟି ପୁଣି ଏହା ୭୫ ଡଲାର ପାଖାପାଖି ପହଞ୍ଚିଛି।

### ଆଜି ଆସୁଛନ୍ତି...

ମଧ୍ୟରେ ମାଛଧରି ପାରିବେ। ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ୍ୟ ମାଛଧରି ପାରିବେ। ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ଓଡିଶାର ମତ୍ସ୍ୟ ଓ ପ୍ରାଣିସମ୍ପଦ ଏବଂ ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ପ୍ରାୟ ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ମତ୍ସ୍ୟଜୀବୀ, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡିକୁ ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଣ୍ଟନ କରିବେ। ଏହାଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ। ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ। ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ। ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୫ ଲକ୍ଷ ମତ୍ସ୍ୟଜୀବୀ ବଙ୍ଗୋପସାଗର ଉପରେ ପେଟପାଟଣା ପାଇଁ ନିର୍ଭର କରନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ପ୍ରାୟ ୨.୪ ଲକ୍ଷ ମେଟ୍ରିକ ଟନ ରହିଛି।

### ଝୁପିରୁ ବନ୍ଧାହେଲା...

ଆଜାଦ ନଗର ଅଞ୍ଚଳରେ ଥିବା ଏକ ଘରେ ଭଡ଼ା ରହୁଥିଲା। ଗତ ଜାନୁଆରୀ ୨୭ ତାରିଖ ଦିନ ସେହି କୋଠାର ପଞ୍ଚମ ମହଲାରେ ଦେଶୀୟ ଜ୍ଞାନକୌଶଳରେ ତିଆରି ବୋମା ବା ଆଇଇଡି ପ୍ରସ୍ତୁତ କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ବୋମା ବିସ୍ଫୋରଣରେ ଗୁରୁତର ହୋଇଥିବା ମୁଖ୍ୟ ଅଭିଯୁକ୍ତ ମଫି ଓ ତା'ର ମାଆ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମଫିର ବାନ୍ଧବୀ ଓ ସାଙ୍ଗ ଅମୀୟ ମଲ୍ଲିକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଥିଲେ। ଆରମ୍ଭରୁ ଏୟାରଫିଲ୍ଡ ଥାନା ତଦନ୍ତ କରୁଥିବା ବେଳେ ଆରଡିଏକ୍ସ ନମୁନା ମିଳିବା ପରେ ଏନ୍‌ଆଇଏ ତଦନ୍ତଭାର ନେଇଥିଲା।

ଏନ୍‌ଆଇଏର ଟିମ୍ ଏକାଧିକବାର ଘଟଣାସ୍ଥଳ ଓ ଏୟାରଫିଲ୍ଡ ଥାନାକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଜବତ ହୋଇଥିବା ଏକ ସ୍କୁଟିରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଆର୍ଥିକ କାରବାରର ତଦନ୍ତ ବେଳେ ରୋହନର ସଂପୃକ୍ତି ସାମ୍ନାକୁ ଆସିବା ପରେ ତାକୁ ଧରିବା ପାଇଁ ଉଦ୍ୟମ କରିଥିଲା। ହେଲେ ସେ ଘଟଣା ପରଠାରୁ ରାଜ୍ୟ ଛାଡ଼ି ପଳାଇଥିବା ଏନ୍‌ଆଇଏ ଜାଣିବାକୁ ପାଇଥିଲା। ରୋହନ ଉତ୍ତରପ୍ରଦେଶରେ ଆତ୍ମଗୋପନ କରିଥିବା ଖବରପାଇ ଏନ୍‌ଆଇଏ ଟିମ୍ ତାକୁ ଗିରଫ କରିଛି। ସେପଟେ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଉତ୍ସ, ଯୋଗାଣ ନେଟୱର୍କ ଓ ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ଖୋଳତାଡ଼ ଚଳାଇଛି। ଏତେ ପରିମାଣର ବିସ୍ଫୋରକ କ'ଣ ପାଇଁ ଓ କେଉଁଠି ବିସ୍ଫୋରଣ କରିବାକୁ ରଖାଯାଇଥିଲା, ସେନେଇ ମଧ୍ୟ ତଦନ୍ତ ଜାରି ରହିଛି। ଏହି ଘଟଣାର କୌଣସି ବଡ଼ ଅପରାଧିକ କିମ୍ବା ଆତଙ୍କବାଦୀ ଷଡ଼ଯନ୍ତ୍ର ସହିତ ଲିଙ୍କ୍ ରହିଛି କି ନାହିଁ, ସେ ନେଇ ପ୍ରମାଣ ଯୋଗାଡ଼ କରିବାକୁ ଏନ୍‌ଆଇଏ ଅନେକ ବ୍ୟକ୍ତିଙ୍କୁ ଜେରା ମଧ୍ୟ କରୁଛି। ଏହାସହିତ ଏହି ଘଟଣାର ଚେର ଖୋଜିବା ପାଇଁ ଏନ୍‌ଆଇଏ ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି।

### ପ୍ରବାସୀ ଶ୍ରମିକଙ୍କ...

ଶ୍ରମିକଙ୍କୁ ପଞ୍ଚାୟତସ୍ତରରେ ଚିହ୍ନଟ କରି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ତେବେ ଦାଦନ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା ବେଳେ ଶ୍ରମମନ୍ତ୍ରୀଙ୍କ ଆଶ୍ୱାସନା ଉପରେ ରାଜ୍ୟବାସୀ କିପରି ଭରସା କରିବେ, ତାହା ସନ୍ଦେହ ସୃଷ୍ଟି କରିଛି।

ଶ୍ରମମନ୍ତ୍ରୀ କହିଛନ୍ତି ଯେ ସମଗ୍ର ରାଜ୍ୟରେ ଦଲାଲ୍ ସକ୍ରିୟ ରହିଛନ୍ତି। ଆଗାମୀ ଦିନରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଶ୍ରମିକ ପଠାଉଥିବା ଦଲାଲଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଏହାସହ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବା ପାଇଁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବାହାରକୁ ଯାଉଥିବା ପ୍ରତ୍ୟେକ ଶ୍ରମିକଙ୍କ ସଂପୂର୍ଣ୍ଣ ତଥ୍ୟ ଦେବେ ପଞ୍ଚାୟତ କର୍ତ୍ତୃପକ୍ଷ। ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଫେରାଇ ଆଣି କାର୍ଯ୍ୟଦକ୍ଷତା ଅନୁଯାୟୀ ନିଜ ଜିଲ୍ଲାରେ ରୋଜଗାର ଦେବାକୁ ବିଭାଗ ଯୋଜନା କରିଛି ବୋଲି ସେ କହିଛନ୍ତି।

ନିକଟରେ ତାମିଲନାଡୁରେ ଏକ କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଓଡ଼ିଶାର ୧୫ ଜଣ ଲୋକଙ୍କ ଜୀବନ ଯାଇଛି। ତନ୍ମଧ୍ୟରେ କେବଳ କେନ୍ଦୁଝର ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତିର ଶ୍ରମିକ ସାମିଲ ରହିଥିଲେ। ଯାହା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟ ସରକାର ଦାଦନ ଶ୍ରମିକ ସମସ୍ୟାର ମୂଳୋତ୍ପାଟନ କରିବାକୁ ଘୋଷଣା କରିଥିବାବେଳେ ଏପରି ଅଘଟଣ କିପରି ଘଟିଲା ବୋଲି ରାଜ୍ୟବ୍ୟାପୀ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଦାଦନ ଶ୍ରମିକ ସମସ୍ୟାକୁ ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟାସ୍କ ଫୋର୍ସ ଗତ ଦୁଇ ବର୍ଷ ହେଲା କି ପଦକ୍ଷେପ ନେଇଛି ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଶ୍ରମମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବିଶେଷଜ୍ଞ ଓ ରାଜନୈତିକ ସମୀକ୍ଷକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ରାଜ୍ୟସାରା ଦଲାଲ୍ ସକ୍ରିୟ ରହିଛନ୍ତି ବୋଲି ନିଜେ ମନ୍ତ୍ରୀ ସ୍ୱୀକାର କରୁଥିଲେ ହେଁ ସେମାନଙ୍କ ବିରୋଧରେ ବିଗତ ୨ ବର୍ଷରେ ସେପରି କିଛି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଏପଟେ ରାଜ୍ୟ ବାହାରେ ଥିବା ଶ୍ରମିକଙ୍କୁ ଫେରାଇ ଆଣି ରାଜ୍ୟରେ ନିଯୁକ୍ତି ଦେବାକୁ ମନ୍ତ୍ରୀ କହୁଛନ୍ତି। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୧୯ରୁ ୨୦୨୫ ମଧ୍ୟରେ ରାଜ୍ୟ ବାହାରେ ପ୍ରାୟ ୪୩୨ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ କର୍ମନିଯୁକ୍ତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇ ପାରି ନାହିଁ। ଏହି ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣି ଏଠାରେ ନିଯୁକ୍ତି ଦେବାକୁ ସରକାର ସକ୍ଷମ କି ବୋଲି ମଧ୍ୟ ଅନେକ ସାମାଜିକ ସମୀକ୍ଷକ ମଧ୍ୟ ପ୍ରଶ୍ନ କରିଛନ୍ତି।

### ରାଜ୍ୟ ବିଜେପିରେ...

ଯୋଗଦାନ ବିଜେପିର ସଂଗଠନକୁ ମଜବୁତ କରୁଥିବା ଦାବି କରାଯାଉଥିବା ବେଳେ ପୁରୁଣା ନେତାମାନେ ନିଜ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ପ୍ରକାଶ କରୁଛନ୍ତି। କିଛି ମାସ ମଧ୍ୟରେ ବିଜେପିରେ ସାମିଲ ହୋଇଥିବା କଟକ, ବାଲେଶ୍ୱର, ଭଦ୍ରକର କତିପୟ ନେତାଙ୍କୁ ନେଇ ଦଳର ତୃଣମୂଳସ୍ତରରେ ଏକପ୍ରକାର ବିଦ୍ରୋହ ସୃଷ୍ଟି ହୋଇଛି। ନିଜର ବ୍ୟବସାୟିକ କାର୍ଯ୍ୟକଳାପ, ଅପରାଧିକ ମାମଲା ଓ ରାଜନୈତିକ ସୁରକ୍ଷା ପାଇଁ ଏହି ନେତାମାନେ ବିଜେପିରେ ସାମିଲ ହେଉଛନ୍ତି ବୋଲି ଖୋଦ୍ ବିଜେପି ନେତାମାନେ ଖୋଲାଖୋଲି କହୁଛନ୍ତି।

ଶାସକ ଦଳର ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ପ୍ରସଙ୍ଗରେ ଦୁଇଦିନ ତଳେ ସ୍ପଷ୍ଟ ଭାବରେ ବିଜେପିରେ ଯୋଗ ଦେଉଥିବା ନେତାମାନଙ୍କୁ 'ସାଇବେରିଆନ ପକ୍ଷୀ' ଭାବରେ ତୁଳନା କରି କଟାକ୍ଷ କରିଛନ୍ତି। ଭଦ୍ରକ ଜିଲ୍ଲାର କିଛି ନେତାଙ୍କ ବିଜେପି ପ୍ରବେଶ ପଛରେ ରାଜନୈତିକ ଲାଭ, ଅପରାଧିକ ମାମଲାରେ ସୁରକ୍ଷା ଆଦି ଉଦ୍ଦେଶ୍ୟ ଥିବା ସେ କହିଛନ୍ତି। ପଦ୍ମଲୋଚନ କହିଛନ୍ତି ଯେ ଏବେ ଯେଉଁମାନେ ବିଜେଡିରୁ ବିଜେପି ଆସୁଛନ୍ତି ସେମାନେ ୨୪ ବର୍ଷ ବିଜେଡିକୁ ଉପଭୋଗ କଲେ। ଏବେ ବେପାର ଓ ଭବିଷ୍ୟତ ପାଇଁ ବିଜେପିକୁ ଆସୁଛନ୍ତି। ସିମୁଳିଆରେ ଯିଏ ମିଶିଲେ ସେ ଜମି ବେପାରୀ। ସେ ନିଜ ସ୍ୱାର୍ଥ ପାଇଁ ବିଜେପିକୁ ଆସିଛନ୍ତି। ତାଙ୍କ ନାଁରେ ଅନେକ ଅଭିଯୋଗ ଅଛି। କିନ୍ତୁ ୨୦୨୯ ରେ କଣ ହେବ କିଛି କହି ହେବନାହିଁ ବୋଲି ସେ କହିଛନ୍ତି।

ଅନୁରୂପ ଭାବରେ ବାଲେଶ୍ୱରରେ ରବୀନ୍ଦ୍ର ଜେନା ବିଜେପିରେ ଯୋଗଦାନ ସମୟରେ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ପରୋକ୍ଷରେ ଆମଦାନୀ ନେତାଙ୍କୁ କଟାକ୍ଷ କରିଥିଲେ। ସେହିପରି ବିଜେଡିରୁ ବହିଷ୍କୃତ ଗଞ୍ଜାମ ଜିଲ୍ଲାର ଜଣେ ନେତା ବିଜେପିରେ ଯୋଗ ଦେଇ ନିର୍ବାଚିତ ହେବା ପରେ ଜିଲ୍ଲା ବିଜେପିରେ ଅସ୍ଥିରତା ସୃଷ୍ଟି ହୋଇଥିବା କୁହାଯାଉଛି। ବ୍ରହ୍ମପୁର ସାଂସଦ ଓ ମନ୍ତ୍ରୀ ବିଭୂତି ଜେନାଙ୍କ ମଧ୍ୟରେ ଫାଟ ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଛି। ଆସ୍କା ସାଂସଦ ଓ ଖଲିକୋଟ ବିଧାୟକ, ଜଗତସିଂହପୁରରେ ସାଂସଦ-ବିଧାୟକ ବିବାଦ ଗଣମାଧ୍ୟମ ଶିରୋନାମା ପାଲଟିଛି। ପୁରୀ ସାଂସଦ ଓ ନୟାଗଡ଼ ବିଜେପି ସଙ୍ଗଠନ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ପଶ୍ଚିମ ଓଡ଼ିଶାରେ ବଲାଙ୍ଗୀର ସାଂସଦଙ୍କ ସହ ସଂସଦୀୟ କ୍ଷେତ୍ରର ଅନେକ ବିଧାୟକ, ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବାଦ ସମସ୍ତେ ଜାଣନ୍ତି। ନିକଟରେ ଭଦ୍ରକର ମଣ୍ଡଳ ଦମ୍ପତି ବିଜେପିରେ ଯୋଗ ଦେବା ବେଳେ ସେଠାକାର ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କ ଅନୁପସ୍ଥିତି ମଧ୍ୟ ପରୋକ୍ଷରେ ଦଳୀୟ ଅସନ୍ତୋଷ ଓ ଆଗକୁ ହେବାକୁ ଥିବା ପତିଆରା ଲଢ଼େଇକୁ ଜଳ ଜଳ ଦେଖାଉଛି। ରାଜ୍ୟ ନେତୃତ୍ୱ ଏହି ଫାଟକୁ ମିଟାଇବା ପାଇଁ ଚେଷ୍ଟା କରୁଥିବା ବେଳେ କେନ୍ଦ୍ରୀୟ ନେତାମାନେ ଏହାକୁ ସତର୍କତାର ସହ ଅନୁଧ୍ୟାନ କରୁଛନ୍ତି। ଅନ୍ୟ ଦଳର ନେତାଙ୍କ ଯୋଗଦାନ ବିଜେପିର ଆଭ୍ୟନ୍ତରୀଣ ସନ୍ତୁଳନ ବିଗାଡ଼ିବା ସହ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିପାରେ ଦଳୀୟ ନେତାମାନେ ଆଶଙ୍କା କରୁଛନ୍ତି।

### ମମତାଙ୍କ ଚିନ୍ତା...

ଏହି ମାମଲାରେ ମମତା ବାନାର୍ଜୀ ଏବଂ ଅଭିଷେକ ବାନାର୍ଜୀଙ୍କୁ ପଚରାଉଚରା କରାଯାଇପାରେ ବୋଲି ଇଡି ପକ୍ଷରୁ କୁହାଯାଇଛି। ଅନ୍ୟପଟେ, ତୃଣମୂଳ କଂଗ୍ରେସ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ପ୍ରତିହିଂସା ବୋଲି ଅଭିଯୋଗ କରିଛି।


**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 04.07.2026, ନଂ. RTM-2026-27-64 ବିଜ୍ଞପ୍ତି ଏହି କାର୍ଯ୍ୟାଳୟର ସମ ସଂଖ୍ୟକ ପତ୍ର, ତାରିଖ 04.07.2026 ମାଧ୍ୟମରେ ପ୍ରକାଶନ ପାଇଁ ପ୍ରେରଣ କରାଯାଇଥିଲା। ଏହାଦ୍ୱାରା ସୂଚିତ କରାଯାଉଛି ଯେ, ଉକ୍ତ କାର୍ଯ୍ୟର ସମାପ୍ତି ଅବଧି ୧୫ ମାସରୁ ବୃଦ୍ଧି କରି ୨୪ ମାସ କରାଯାଇଅଛି। (ସଂଶୋଧନ ସୂଚନା ସଂଖ୍ୟା-୦୨ ଏଥିସହ ସଂଲଗ୍ନ)।

0135 ବରିଷ୍ଠ ବିଭାଗୀୟ ଯନ୍ତ୍ରୀ, (ପୂର୍ବ), ରତଲାମ

Like us on: facebook.com/WesternRly

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 30.06.2026, I Nalinibala Ratha, aged about 51 years, W/o. Basanta Kumar Rath, permanent resident of At: Kenduapalli, PO: Madhapur, Dist. Nayagarh, PIN: 752078, Currently residing At: Kenduapalli, PO: Madhapur, Dist. Nayagarh, PIN: 752078, declare that I have Changed my name from Nalini Ratha to Nalinibala Ratha. Henceforth, I shall be known as **Nalinibala Ratha** for all purposes.

**(Nalinibala Ratha)**

**AFFIDAVIT**

By Virtue of an affidavit sworn before Notary Public Bhograi , no-205, dated 03.07.2026, I Pitambar Patra,s/o Nityananda Patra, Vill-Sundradi,Po -Kumhharmuli, PS-Bhograi, District-Balsore, Odisha, pin-756036 declare that, I have changed my name from Tapas Kumar Patra to Pitambar Patra.Henceforth,I shall be known as **Pitambar Patra** for all purpose.

**VEHICLE FOR SALE**

BHARAT BENZ 3528 C, MODEL 2023, Regn. No -OD-25-P-3487, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

**AFFIDAVIT**

By virtue of an affidavit sworn before Executive Magistrate, Kabisuryanagar, Ganjam vide Sl. No.A-II dated 23.7.2026, I, T Sakuntala Reddy, W/o- Late T. Arjun Reddy resident of Vill./Po.- Jhadabai, Ps.- Kabisuryanagar, Dist.- Ganjam, Odisha, declare that, In my Voter Id No.- 809419480190 my name has been mentioned as **T Saibani Redi, W/o- Ts. Arjun Redi**. In the ROR of Mouza-Pathara vide Khatian No.-90 my name has been mentioned as **K Saibani Reddy, D/o- K Narsu Reddy**. That, **T Sakuntala Reddy @ K Saibani Reddy, D/o- K Narsu Reddy** both the names are same and one person.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Jashoda Deep** (new name), W/o Dhanurya Deep, permanent & current resident of AT: Piplibandha, PO: Siker, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Bhuma Dip** (old name) to **Jashoda Deep** (new name). Henceforth, I shall be known as **Jashoda Deep** (new name) for all future purposes.

**Jashoda Deep**

**ସଂଶୋଧନ**

ମୁଁ ଶ୍ରୀମତୀ ମମତା ପଟ୍ଟନାୟକ, ସ୍ୱାମୀ - ମଳୟ କୁମାର ପଟ୍ଟନାୟକ, ବାପା- ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି, ଆଧାର ନଂ ୨୪୫୩ ୪୦୨୨ ୦୭୧୯, ଗ୍ରାମ - ବ୍ଲକ୍ ନଂ ୬/୭ବି, ସ୍ପ୍ରିଂଭିଲେ ହୋମ୍ସ, ମାନପୁର, ପୋଷ୍ଟ - ଦାନଗଦି, ଥା ଯାଜପୁର ରୋଡ, ଜିଲ୍ଲା- ଯାଜପୁର, ପିନ - ୭୫୫୦୨୬ ସତ୍ୟପାଠ ନମ୍ବର ୧୧୬୨/୨୬ ଆଧାରରେ ସର୍ବସାଧାରଣରେ ଜଣାଉଛି ଯେ ସ୍ୱାମୀ ଶ୍ରୀ ପଟ୍ଟନାୟକଙ୍କୁ ବିବାହ ପରେ ମୁଁ ମୋ ସଂଜ୍ଞା ମହାନ୍ତି ବଦଳରେ ପଟ୍ଟନାୟକକୁ ପରିବର୍ତ୍ତନ କରିଛି। ଆଜି ଠାରୁ ସର୍ବସାଧାରଣରେ ମୁଁ ମମତା ପଟ୍ଟନାୟକ ନାମରେ ସମସ୍ତ ସରକାରୀ ଓ ବେସରକାରୀ ସ୍ତରରେ ପରିଚିତ ହେବି। ମମତା ପଟ୍ଟନାୟକ ଏବଂ ମମତା ମହାନ୍ତି ସମାନ ଓ ଜଣେ ବୋଲି ଗ୍ରହଣ କରାଯିବ।

**AFFIDAVIT**

By virtue of an affidavit before the Executive Magistrate, Baripada, affidavit no-143 on dated 09/06/2026. I Subash Chandra Si, S/o- Late Mukunda Si, At/Po:- Paunsia, P.S- Badasahi, Dist:- Mayurbhanj, pin:- 757025, Odisha. That I am the father of my minor son Saibinayak Si which is mentioned in his birth certificate vide regd no-886, on dated 24/07/2013. But in his Adhara Card wrongly it is mentioned as Sahibinayak Si S/O - Subash Chandra Si. So at all times hereafter in all records, deeds, Writings and in all proceedings, dealings and transaction private as well as public and upon all Occasion he will be known as Saibinayak Si instead of Sahibinayak Si.

**NOTICE**

I, **Debesh Kumar Agrawal,** (Proprietor of Vishesh Industries), S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, Odisha, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which Money Receipt No. **636071** dated- **25.10.2004,** was duly issued to me. I further declare that the aforementioned original money receipt has been destroyed by white ants, this affidavit is to filled before the TPWODL, Nuapada for release of aforesaid security deposit as affirmed in the affidavit No. 495, dated- 08.07.2026, executed before the Executive Magistrate, Nuapada, Odisha.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 08/07/2026. I, **Nurabati Suna** (new name), D/o- Baichandra Sika, permanent & current resident of AT: Malisira, PO: Malisira, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Nuraiatb Suna** (old name) to **Nurabati Suna** (new name). Henceforth, I shall be known as **Nurabati Suna** (new name) for all future purposes.

**Nurabati Suna**

**AFFIDAVIT**

I, Surath Sethi, aged about 40 years, S/o- Gobinda Sethi, resident of At/Po- Singhbrahmapur, Ps- Delang, Dist- Puri, Odisha, PIN- 752015, do hereby declare by this affidavit No. 1367, dtd- 08/07/2026, that now onwards I shall be known as **SURATHA SETHI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 63 dtd- 19.06.2026. I, **Rinki Routray** resident of Village/Town- Jujhagada, P.O.- Daruthenga, P.S.- Chandaka, Dist- Khordha, PIN-754005, Odisha declare that I have changed my name from **Rasmita Routray** to **Rinki Routray.** Henceforth I shall be known as **Rinki Routray** for all purposes.

**Rinki Routray**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Tanuja Bharasagar** (applicant name), W/o Trinath Bharasagar, permanent & current resident of AT: Kumuda, PO: Sihini, PS: Titilagarh, Dist: Balangir, State: Odisha, PIN: 767066 declare that I have changed my minor daughter's name from **Shiba Bharasagar** (old name) to **Shilpa Bharasagar** (new name). Henceforth, she shall be known as **Shilpa Bharasagar** (new name) for all future purposes.

**Tanuja Bharasagar**

**NOTICE**

It is, for information of all concerned that the Registered Sale Deed No.: **969**, ROR Khata No.: 240/557, Plot No.: 20/1199, executed on 25.05.2009 at SRO Pipili by Sri Chakradhar Prusty in favour of Swatik Smriti Das was in my custody. Inadvertently, the said sale deed has been misplaced / lost from my custody. In spite of due diligence, I could not trace the same. Therefore, take notice that if anybody gets it kindly return back the same to the undersigned. If it is found to be misused, penal action will be taken against the miscreants and I shall not be held responsible for the same.

**Sri Santanu Kumar Mohapatra,** S/o: Late Chaitanya Charan Mohapatra, Plot No.: 20/1199, Madhuban (Xavier University Area) Nizigada- Kurukhi, Harirajpur, Dist.: Puri-752050, Presently residing At: Subham Residency, Phase-2, 4th Floor, B-404, Infront of Patia College, Patia, Bhubaneswar, PIN-751024, Odisha, **Contact: 8249158465**

**ATAL BEHARI COLLEGE, BASUDEVPUR**

BHADRAK, ODISHA, 756125

principal.abcollege@gmail.com

**CALL FOR QUOTATION**

Sealed quotations are invited from authorized firms/suppliers/dealers having valid registration, PAN, and GSTIN for the supply of 8 (Eight) Desktop Computers (Intel Core i5 or higher, minimum 12th Generation), 8 (Eight) UPS units, and 1 (One) Multi-Function Printer for the upgradation of the IT infrastructure of the College. The sealed quotations must reach the undersigned on or before **14.07.2026 (Tuesday) by 2.00 PM.** For further details, terms and conditions, and technical specifications of the items, kindly visit the College website: https://abcollegebasudevpur.ac.in.

**Sd/- Principal**

**କଟକ ଉନ୍ନୟନ କର୍ତ୍ତୃପକ୍ଷ** CDA

13001/1114/2627

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -10 ରେ ପ୍ଲଟ୍ ନଂ-10-1F/447 ଟିକୁ ଶ୍ରୀ ଭାଗିରଥୀ ବେହେରା, ପିତା-ν ନାରାୟଣ ବେହେରା, ସା-ପ୍ଲଟ ନଂ-୧୪୭, ପୋ- ବୁଦ୍ଧେଶ୍ୱରୀ, ଥା- ଲକ୍ଷ୍ମୀସାଗର, ଜିଲ୍ଲା-ଖୋର୍ଦ୍ଧା, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଭାଗିରଥୀ ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦେବେନ୍ଦ୍ର ନାଥ ସାହୁ, ପିତା-ν ଚକ୍ରଧର ସାହୁ, ସା-ବ୍ରହ୍ମପୁର, ପୋ-ଚାରୀରକବ, ଭାୟା-ସାଲେପୁର, ଥା- ଲେମାଲୋ, ଜିଲ୍ଲା-କଟକ, ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0069 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

4001/192/2627

GOVERNMENT OF ODISHA

OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT

AT: PUJARIPUT (OLD LIC BUILDING), DIST: KORAPUT, PIN-764020

E-MAIL: eikoraput-od@od.gov.in

No. 604 Dated 06.07.2026

**TENDER CALL NOTICE FOR ELECTRIC VEHICLE (EV) HIRING**

Sealed quotations / tenders are invited from interested reputed Travel Agencies / Tour Operators / Private individuals for providing 01 (one) no. of Electric driven Commercial light vehicle having sitting capacity not more than 5 (Five) including driver on Monthly rent basis. Details available in the office from 06.07.2026 to 28.07.2026 or Website: www.eicelectricityodisha.nic.in. The Schedule of tender is as follows.

| Last Date of Receipt of Tender | Time | Opening of Tender | Time |
|---|---|---|---|
| 28.07.2026 | 3.00 P.M. | 28.07.2026 | 4.00 P.M. |

The undersigned reserves the right to reject any or all the tenders without assigning any reason thereof.

Sd/- Additional Chief Engineer -Cum-Electrical Inspector, Koraput

OIPR-4001/4095/1/26-27/0002

GOVERNMENT OF ODISHA 32001/518/2627

**DEPARTMENT OF WATER RESOURCES**

**Office of the Superintending Engineer**

**Deo Head Works Division, Karanjia**

AT/PO – Karanjia, Dist. – Mayurbhanj – 757037

E-mail: teedhwd@gmail.com

**e-Procurement Notice**

Bid Identification No.: 02/SEDHWD of 2026-27

No.: 1971 /SE-DHWD, Date: 07.07.2026

1. **Nature of the Work:** Civil Work
2. **Number of Works:** 02 (Two) Nos. of Individual Work
3. **Approximate Amount Put to Tender:** ₹60.3 Lakhs, ₹63.2 Lakhs
4. **Period of Completion:** 06 (Six) Calendar Months
5. **Class of Contractor:** "B" Class Contractor
6. **Date & Time of Availability of Bid Document in the Portal:** 10.07.2026 (10:00 AM) to 24.07.2026 (5:30 PM)
7. **Last Date & Time of Seeking Tender Clarification:** 22.07.2026 up to 1:00 PM
8. **Last Date & Time of Receipt of Bids in the Portal:** 24.07.2026 up to 5:30 PM
9. **Date, Time & Place of Opening of Technical Bid/s (Cover-I): 28.07.2026 at 11:30 AM in the** Office of the Superintending Engineer, Deo Head Works Division, Karanjia, Mayurbhanj.
10. **Date, Time & Place of Opening of Financial Bid/s (Cover-II):** To be intimated after evaluation of Technical Bid.
11. **Name & Address of the Officer Inviting Bid: Superintending Engineer,** Deo Head Works Division, Karanjia, AT/PO – Karanjia, PS – Karanjia, Dist. – Mayurbhanj, PIN – 757037

*Further details can be seen from the Government website: www.tendersodisha.gov.in. Any addendum, corrigendum or cancellation of the tender can also be seen in the said website.

OIPR-32001/32248/1/26-27/0002 **Superintending Engineer Deo Head Works Division, Karanjia**

## ରାମସାଗର କଲ୍ୟାଣମଣ୍ଡପ ଟେଣ୍ଡର ଅନିୟମିତତା ପ୍ରସଙ୍ଗ

# ନୂତନ କାର୍ଯ୍ୟାଦେଶ ଉପରେ ରହିତାଦେଶ ଜାରି

ଓଡ଼ଗାଁ,୮ ।୭ (ସମିସ)

ଓଡ଼ଗାଁ ଏନ୍‌ଏସି ପକ୍ଷରୁ ଗତ ୨୪ ତାରିଖ ସ୍ଥାନୀୟ ରାମସାଗର କଲ୍ୟାଣମଣ୍ଡପର ୩ ବର୍ଷିଆ ପରିଚାଳନା ପାଇଁ ଠିକା ଭିତ୍ତିକ ଲିଜ୍ ଟେଣ୍ଡର୍ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଉଥିବା ଅଭିଯୋଗ ଘଟଣାରେ ବୁଧବାର ଓଡ଼ଗାଁ ବରିଷ୍ଠ ଦେୱାନୀ ଜଜ୍ ପରବର୍ତ୍ତୀ କାର୍ଯ୍ୟାଦେଶ ଏବଂ କଲ୍ୟାଣମଣ୍ଡପ ପରିଚାଳନା ହସ୍ତାନ୍ତର ଉପରେ ରୋକ୍ ଲଗାଇବା ପାଇଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଟେଣ୍ଡର ପ୍ରକ୍ରିୟାର ଲାଇଭ୍ ଭିଡିଓ ଏନ୍‌ଏସି ଅଫିସିଆଲ ଫେସବୁକ ଆକାଉଣ୍ଟରେ ଅପଲୋଡ୍ କରାଯାଇଥିବା ଭିଡିଓ ଫୁଟେଜ୍ ଆଧାରରେ ୧,୩୧,୫୦୦ ଟଙ୍କା ନିଲାମ ଡାକରୁ ଅନ୍ୟ ଜଣେ ବିଡର ୫,୫୫୦୦୦ ଟଙ୍କା ନିଲାମ ଡାକିଥିଲେ। ତାଙ୍କୁ କଲ୍ୟାଣମଣ୍ଡପ ପରିଚାଳନା ଠିକାଦାର ଭାବେ ଟେଣ୍ଡର ପ୍ରକ୍ରିୟା ସମୟରେ ନିର୍ବାହୀ ଅଧିକାରୀ ଘୋଷଣା କରିଥିଲେ। ସେହି ବ୍ୟକ୍ତି ତଞ୍ଚକତା କରି ନିଲାମ ଡାକର ୫୦ ପ୍ରତିଶତ ଟଙ୍କା ଦାଖଲ କରିପାରିବେ ନାହିଁ ବୋଲି ଜଣାଇ ଏନ୍‌ଏସି କାର୍ଯ୍ୟାଳୟରୁ ପଳାଇଯିବା ପରେ ନିର୍ବାହୀ ଅଧିକାରୀ ୨ୟ ବିଡର ଭାବେ ୧,୬୫,୦୦୦ ଟଙ୍କା ନିଲାମ ଡାକିଥିବା ବିଡରଙ୍କୁ ଠିକାଦାର ଭାବେ ଘୋଷଣା କରିଥିଲେ। କିନ୍ତୁ ଏନ୍‌ଏସି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଜାରି କରାଯାଇଥିବା ଭିଡିଓ ଫୁଟେଜରେ ୧,୬୫,୦୦୦ ଡାକିଥିବା କୌଣସି ବିଡରଙ୍କ ଭିଡିଓ ଚିତ୍ର ଉପଲବ୍ଧ ନାହିଁ। ସ୍ଥାନୀୟ ଶାସକ ଦଳ ନେତାଙ୍କୁ ଖୁସି କରିବାକୁ ଯାଇ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା ସମସ୍ତ ସରକାରୀ ଟେଣ୍ଡର ସର୍ତ୍ତାବଳୀ ଉଲ୍ଲଂଘନ କରି ସମ୍ପୃକ୍ତ ଟେଣ୍ଡର ପ୍ରକ୍ରିୟାର ନିର୍ଦ୍ଦିଷ୍ଟ ୧,୬୫,୦୦୦ ଟଙ୍କାର ନିଲାମ ଡାକ ଉପଲବ୍ଧ ନ ଥିବା ବିଡରଙ୍କୁ ଯୋଗ୍ୟ ଘୋଷଣା କରିଥିଲେ। ଯାହାକୁ ନେଇ ଆବେଦନକାରୀ ନାରାୟଣ ମହାପାତ୍ର ଟେଣ୍ଡର ପ୍ରକ୍ରିୟାର ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାର କୌଣସି ତଦନ୍ତ ନ ହେବାରୁ ନାରାୟଣ ଓଡ଼ଗାଁ ବରିଷ୍ଠ ଦେୱାନୀ ଜଜଙ୍କ ଅଦାଲତରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ଏକ ସିଭିଲ ସୁଟ ଦାୟର କରିଥିଲେ। ସିଭିଲ ସୁଟ ବିଚାର ସରିବା ପର୍ଯ୍ୟନ୍ତ କଲ୍ୟାଣମଣ୍ଡପର କାର୍ଯ୍ୟାଦେଶ ପ୍ରଦାନ, ହସ୍ତାନ୍ତର ପ୍ରକ୍ରିୟା ଉପରେ ରହିତାଦେଶ ଜାରି ପାଇଁ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ। ଅଦାଲତରେ ଉଭୟ ପକ୍ଷଙ୍କ ଶୁଣାଣି କରାଯାଇ କଲ୍ୟାଣମଣ୍ଡପ କୌଣସି ଠିକାଚୁକ୍ତି, ହସ୍ତାନ୍ତର ପ୍ରକ୍ରିୟା ଉପରେ ବରିଷ୍ଠ ଦେୱାନୀ ଜଜ୍ ରାଜେନ୍ଦ୍ର କୁମାର ଦାଶ ରୋକ୍ ଲଗାଇଛନ୍ତି। ଆସନ୍ତା ୧୭ ତାରିଖ ଜବାବ ଦାଖଲ ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରଣଜିତ୍ ଦାଶ ମାମଲା ପରିଚାଳନା କରୁଥିଲେ।

## ଶାସକ ଦଳର ଗଣିତ ବିଗାଡ଼ିବ ସୌମ୍ୟଙ୍କ ସଂଗଠନ

ଭାପୁର,୮ ।୭ (ସମିସ): ଖଣ୍ଡପଡ଼ା ରାଜନୈତିକ ପାଣିପାଗ ଦିନକୁ ଦିନ ପରିବର୍ତ୍ତନ ହେବାରେ ଲାଗିଛି। ଗତ ସାଧାରଣ ନିର୍ବାଚନରେ ବିଧାୟକ ପଦ ପାଇଁ ବିଜେଡିର ତିନି ଆଶାୟୀଙ୍କ ଦଳବିରୋଧୀ କାର୍ଯ୍ୟ ସହ ନିଜ ସମର୍ଥକଙ୍କୁ ଧରି ବିଜେପି ପାଖରେ ଆତ୍ମସମର୍ପଣ କରିବା ଦ୍ୱାରା ବିଜେଡି ପରାଜିତ ହୋଇଥିଲା। ଶାସକ ଦଳର ଖାତାଖତିଆନ ନ ଥିବା ପ୍ରାର୍ଥୀ ବିଜୟୀ ହୋଇଥିଲେ। ବର୍ତ୍ତମାନ ଶାସକ ଦଳ ଦୁଇବର୍ଷର ଅନ୍ୟାୟ, ଅନୀତି ଓ ଦୁର୍ନୀତି ଜନମାନସରେ ଦଳପ୍ରତି ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏହାସହ ଅସନ୍ତୁଷ୍ଟ ବିଜେଡି ନେତା ଓ ତାଙ୍କ ସମର୍ଥକଙ୍କ ଭୋଟରେ ଖଣ୍ଡପଡ଼ା ବିଧାୟକ ଭାବେ ଜିତିଥିବା ଭାପୁର ମାଟିର ପୁଅ ତଥା ରାଜ୍ୟ ଯୁବ ବିଜେପି ସଭାପତି ଏହି ଦୁଇ ଜଣଙ୍କ ମଧ୍ୟରେ ଖୁଲମଖୁଲା ବିରୋଧର ସମ୍ମୁଖୀନ ହେବା ଦଳର ଲୋକପ୍ରିୟତାକୁ ନିର୍ବାଚନ ମଣ୍ଡଳୀରେ ଢେର ହ୍ରାସ କରିଛି। ଯାହା ବିଜେଡିକୁ ଏକ ମଉକା ଦେଇଛି। ସେହିପରି ସାଧାରଣ ନିର୍ବାଚନରେ ବିଜେପିକୁ ସମର୍ଥନ କରିଥିବା ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମର୍ଥକମାନେ ଶାସକ ଦଳଠାରୁ ଅଣଦେଖା ଓ କୋଣଠେସା ହେବା ପରେ ତାଙ୍କ କର୍ମୀ ଓ ନେତାଙ୍କ ଶାସକ ଦଳପ୍ରତି ମୋହଭଙ୍ଗ ହୋଇଛି। ବୁଧବାର ଏହି ଅସନ୍ତୁଷ୍ଟ ସମର୍ଥକଙ୍କୁ ନେଇ ସୌମ୍ୟ ପୁନର୍ବାର ସଙ୍ଗଠନ ଆରମ୍ଭ କରିବା ଖଣ୍ଡପଡ଼ା ରାଜନୀତିରେ ରୋଚକ ପରିସ୍ଥିତି ସୃଷ୍ଟି କରିଛି। ବିଜେଡି ନେତା ବେଣୁଧର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱରେ ଦଳ ଅଧିକ ସଙ୍ଗଠିତ ହେଉଥିବା ବେଳେ ସୌମ୍ୟଙ୍କ ସଙ୍ଗଠନ ବର୍ତ୍ତମାନ ଶାସକ ଦଳ ପାଇଁ ଅଡୁଆ ବଢ଼ାଇଛି।

## ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷାଙ୍କ ଜନ୍ମଦିନ ପାଳନ

ଗୋପାଳପୁର,୮ ।୭ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆଇନକୁ ଉଲ୍ଲଂଘନ କରି ନିଜ ଜନ୍ମଦିନ ପାଳନ କରିଛନ୍ତି ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା।



ଗତ ୭ ତାରିଖ ତାଙ୍କ ଜନ୍ମ ଦିନଥିବା ବେଳେ ବ୍ଲକର କନଫରେନ୍ସ ହଲରେ ଦଳୀୟ କର୍ମୀ ଓ ବିଡିଓଙ୍କ ସହ ଅନେକ ସରକାରୀ କର୍ମଚାରୀଙ୍କ ଗହଣରେ ଜନ୍ମଦିନ ପାଳନ କରିଥିଲେ। ସରକାରୀ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଜନ୍ମଦିନ ପାଳନ କରିବା ନିୟମ ନ ଥିବା ବେଳେ ସମସ୍ତ ଆଇନକୁ ପାଦରେ ଦଳିମକଚି ଜନ୍ମଦିନ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ମନୋଜ କୁମାର ନାୟକ କିପରି ସାମିଲ ହୋଇ ବେଆଇନ କାମକୁ ପ୍ରଶ୍ରୟ ଦେଲେ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ ଅଧ୍ୟକ୍ଷା ବିଜେପି ଦଳର ହୋଇଥିବାରୁ ସରକାରୀ କାର୍ଯ୍ୟାଳୟକୁ ନିଜ ଘର କରିଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ରଣପୁର ବିଡିଓଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ନାହିଁ ନାହିଁରେ ଚାଲିଛି ବାମ୍ଫୁରୀ ବିଦ୍ୟାଳୟ

● ବିପଦରେ ଶିକ୍ଷକ ଓ ଛାତ୍ରଛାତ୍ରୀ

ନୂଆଗାଁ,୮ ।୭ (ସମିସ): ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀବହୁଳ କାପ୍ତାପଲ୍ଲୀ ପଞ୍ଚାୟତ ବାମ୍ଫୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଏକପ୍ରକାର ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି। ୭୨ ବର୍ଷର ଏହି ପୁରୁଣା ବିଦ୍ୟାଳୟ ଗୃହ କେତେବେଳେ



ବି ଭୁଶୁଡ଼ିପଡ଼ିବା ସମ୍ଭାବନା ରହିଛି। ବିଦ୍ୟାଳୟ ଶ୍ରେଣୀଗୃହ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଛାତରୁ ପ୍ଲାଷ୍ଟର ଛାଡ଼ି ଲୁହା ରଡ୍ ଦେଖାଯାଉଥିବା ବେଳେ ସାମାନ୍ୟ ମରାମତି ପାଇଁ କାହାରି ଆନ୍ତରିକତା ନାହିଁ। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଏଠାରେ ପାଠପଢ଼ା ପାଇଁ ଦୁଇ ଜଣ ଶିକ୍ଷକ ଥିବା ବେଳେ ୨୨ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ବର୍ଷା ହେଲେ ବିଦ୍ୟାଳୟର ଦୁଇଟି ବଖରାରୁ ପାଣି ଗଳୁଥିବା ବେଳେ ତଳୁ ପାଣି ଝରୁଛି। ତାଜା ତଳକୁ ଢଳି ରହିଥିବା ବେଳେ ତଳପଟୁ ପଲସ୍ତରା ଖସି ରଡ୍ ବାହାରି ଗଲାଣି। ବିଦ୍ୟାଳୟର ସୁରକ୍ଷା ପାଚେରି ନ ଥିବା ବେଳେ ବିଦ୍ୟୁତ୍ ବ୍ୟବସ୍ଥା କିମ୍ବା ରୋଷେଇ ଗୃହ ନାହିଁ। ଲଗାଣ ବର୍ଷା ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ ବିପଦସଙ୍କୁଳ ଅବସ୍ଥାରେ ଚଳପ୍ରଚଳ କରୁଥିବା ବେଳେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ବିଷୟରେ କାପ୍ତାପଲ୍ଲୀ ସରପଞ୍ଚଙ୍କ ମତାମତ ନେବାରେ, ପ୍ରଶାସନ ପକ୍ଷରୁ କେହି ବୁଝୁନାହାନ୍ତି କି ପଞ୍ଚାୟତରେ ଅର୍ଥ ନାହିଁ ବୋଲି ସେ କହିଛନ୍ତି।

## ରକ୍ତଦାନ ଶିବିର, ବୃଦ୍ଧାଶ୍ରମରେ ବସ୍ତ୍ର ବଣ୍ଟନ

ନୟାଗଡ଼,୮ ।୭ (ସମିସ): ଆଚାର୍ଯ୍ୟ ଫାଉଣ୍ଡେସନ ଅଧ୍ୟକ୍ଷ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟଙ୍କ ଜନ୍ମଦିନ ଉପଲକ୍ଷେ ସ୍ଥାନୀୟ କେସି କ୍ଲବ୍ ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ



ହୋଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଆଚାର୍ଯ୍ୟଙ୍କ ସମସ୍ତ ବନ୍ଧୁ ଓ ଶୁଭକାଂକ୍ଷୀ ଶିବିରରେ ସହଯୋଗ କରିଥିଲେ। ଅପରପକ୍ଷରେ ଆଚାର୍ଯ୍ୟ ଫାଉଣ୍ଡେସନ ଅଧ୍ୟକ୍ଷ ନୟାଗଡ଼ ସମର୍ପଣ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହିତ ମିଶି ଜନ୍ମଦିନ କେକ୍ କାଟିଥିଲେ। ସମର୍ପଣର ସମସ୍ତ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ।

● ଅବ୍ୟବହୃତ ଅଦରକାରୀ ପ୍ରାଣୀ ସହାୟକ କେନ୍ଦ୍ର

## ମରାମତି ନାଁରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା

ଗଣିଆ,୮ ।୭ (ସମିସ): ଗ୍ରାମାଞ୍ଚଳରେ ଗୃହପାଳିତ ଜୀବଜନ୍ତୁଙ୍କ ହିତ ପାଇଁ ପଶୁ ସହାୟକ କେନ୍ଦ୍ର ନିର୍ମାଣ କରାଯାଉଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା। ତେବେ ସରକାରଙ୍କ ଏହି ଯୋଜନା ପ୍ରକୃତରେ କେତେ କାର୍ଯ୍ୟକାରୀ ହେଉଛି ସେ କଥା କେହି



ଚିନ୍ତା କରୁନାହାନ୍ତି। ଫଳରେ ସରକାର କା ମାଲ୍ ଦରିଆମେ ଡାଲ ନ୍ୟାୟରେ ଯୋଜନା ଚାଲିଛି। ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତରେ ନିର୍ମାଣ କରାଯାଇଛି ପ୍ରାଣୀ ସହାୟକ କେନ୍ଦ୍ର। ନିର୍ମାଣ ଦିନଠାରୁ ଆଜିପର୍ଯ୍ୟନ୍ତ ଉକ୍ତ କେନ୍ଦ୍ର ଅଦରକାରୀ ତଥା ଅବ୍ୟବହୃତ ହୋଇ ପଡ଼ିରହିଛି। ପ୍ରାଣୀ ସହାୟକ କେନ୍ଦ୍ର ସହ କ୍ୱାର୍ଟର୍ସ ମଧ୍ୟ ନିର୍ମାଣ କରାଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀ ଏହି ପ୍ରାଣୀ ସହାୟକ କେନ୍ଦ୍ରକୁ ଆଡ଼ଆଖିରେ ଚାହୁଁନାହାନ୍ତି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉକ୍ତ କେନ୍ଦ୍ର ଏବେ ଭୂତକୋଠି ପାଲଟିଛି। ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇ ସରୀସୃପଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୋଇଛି। ଆଉ ଗୋଟିଏ କଥା ଗ୍ରାମଠାରୁ ପ୍ରାୟ ୨ କିଲୋମିଟର ଦୂର ଜଙ୍ଗଲ ଭିତରେ ଅପାନ୍ତର ସ୍ଥାନରେ ଏହା ନିର୍ମାଣ କରାଯାଇଛି। ଏଠାକୁ ସ୍ଥାୟୀ ରାସ୍ତା ତ ଦୂର କଥା ପାଦଚଲା ରାସ୍ତା ମଧ୍ୟ ନାହିଁ। ଫଳରେ ଏହା କୌଣସି କାମରେ ଆସୁନାହିଁ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି କେନ୍ଦ୍ରଟି ଆରମ୍ଭରୁ ବ୍ୟବହାର ହୋଇ ନ ଥିଲେ ମଧ୍ୟ ପ୍ରତିବର୍ଷ ଏହାର ମରାମତି ଏବଂ ଉନ୍ନତୀକରଣ ପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପୁଲିସ ଛାଉଣିରେ ଦଶପଲ୍ଲା ପଞ୍ଚାୟତ ସମିତି ବୈଠକ




ଦଶପଲ୍ଲା,୮ ।୭ (ସମିସ): ବାହାରେ ଉତ୍ତେଜନା, ପୁଲିସ ଛାଉଣି ଆଉ ଭିତରେ ସରଗରମ ପରିସ୍ଥିତି ମଧ୍ୟରେ ବୁଧବାର ଦଶପଲ୍ଲା ପଞ୍ଚାୟତ ସମିତିର ତ୍ରୟୋଦଶ ଅଧିବେଶନ ଅନୁଷ୍ଠିତ ହୋଇଛି। ବହୁ ରାଜନୈତିକ ବାଦାନୁବାଦ ଯୋଗୁଁ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ ପରେ ଆଜିର ସ୍ଥିରୀକୃତ ଅଧିବେଶନ ବିଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଛି। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବ୍ଲକ୍ ସଭାଗୃହରେ ଅଧ୍ୟକ୍ଷା ସୁନନ୍ଦା ସାହୁ, ବିଧାୟକ ରମେଶ ଚନ୍ଦ୍ର ବେହେରା, ବହୁ ସରପଞ୍ଚ, ସମିତିସଭ୍ୟ ସମେତ ଜିଲ୍ଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ। କିଛି ସମୟ ପରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଭବ୍ୟ ପଟୁଆରରେ ବ୍ଲକ୍ ପରିସରରେ ପହଞ୍ଚିଥିଲେ। ବ୍ୟାପକ ପୁଲିସ ଉପସ୍ଥିତି ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ସ୍ୱାଗତ ଅଭିଭାଷଣ ପରେ ବ୍ଲକ୍ ଅଧ୍ୟକ୍ଷା ଅଭିଭାଷଣ ରଖିଥିଲେ। ସାମ୍ପ୍ରତିକ ଅବସ୍ଥାକୁ ଅନୁଶୀଳନ ସହ ସାଂସଦ ସୁକାନ୍ତ

**କନ୍ଦଳ ଛାଡ଼ି ଅଞ୍ଚଳର ବିକାଶକୁ ଗୁରୁତ୍ୱ**

ପାଣିଗ୍ରାହୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ ହୋଇ ନ ପାରିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ସୀମିତ ଅବଧି ମଧ୍ୟରେ ସମସ୍ତ ଅନୁଦାନର ସଦୁପଯୋଗ ନିମନ୍ତେ ନିର୍ବାଚିତ ପ୍ରତିନିଧିମାନେ ଦଳୀୟ ଓ ନିଜସ୍ୱ ସ୍ୱାର୍ଥ ଭୁଲି ଅଞ୍ଚଳର ଉନ୍ନତି ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନୀ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ଶାସକ ଦଳ ନେତୃତ୍ୱ ଅଣଦେଖା କରୁଥିବା ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସାଂସଦ ଏହାକୁ ଖଣ୍ଡନ କରିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମ ମଧ୍ୟରେ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଓ ଘୋଳାହାଣ୍ଡି ସରପଞ୍ଚ ତଥା ବ୍ଲକ୍ ବିଜେଡି ସଭାପତି ପ୍ରଦୀପ ସ୍ୱାଇଁଙ୍କ ମଧ୍ୟରେ କଥା କଟାକଟି ଓ ଉଚ୍ଚ ସ୍ୱରରେ ଆରୋପ ପ୍ରତ୍ୟାରୋପ ନେଇ ସଭାରେ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ଶିମିଳିସାହି ସରପଞ୍ଚ ସଞ୍ଜୟ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ବିଗତ ଦିନରେ ୨ ଜଣ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଆଦିତ୍ୟ ଜେନା ବହୁ ଦୁର୍ନୀତି ଓ ମିଥ୍ୟା ବିଲ୍ କରିଥିବା ନେଇ ତଦନ୍ତ ଦାବିକୁ ବିବରଣୀରେ ସ୍ଥାନିତ କରାଯାଇଛି। ସଭାରେ ସମନ୍ୱିତ ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ବିଭାଗର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା।

## ଚାନ୍ଦପୁରରେ ସିପିଆଇଏମ୍‌ର ବିକ୍ଷୋଭ



ରଣପୁର,୮ ।୭ (ସମିସ): ରାଜ୍ୟରେ ବିଜେପି ସରକାର ଦୁଇବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ କେନ୍ଦ୍ର ୧୨ ବର୍ଷ ହେଲା ଶାସନରେ ରହିଛି। ତେବେ ଏହି ସମୟରେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଭିଡ଼ହିଂସା, ମହିଳା, ଆଦିବାସୀଙ୍କ ଉପରେ ଅତ୍ୟାଚାର ଆଦି ଘଟଣାମାନ ବୃଦ୍ଧି ପାଇଛି। ଦରଦାମ ଆକାଶଛୁଆଁ ହୋଇଛି। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବେ କ୍ଷମତାସୀନ ହେବାଠାରୁ ଦରଦାମ ୩ରୁ ୫ ଗୁଣ ବୃଦ୍ଧି ଘଟିଛି। ଚାଷୀ ନିଜ ଉତ୍ପାଦର ଉଚିତ୍ ମୂଲ୍ୟ ପାଉ ନ ଥିବା ବେଳେ ଏବର୍ଷ ସାର ଦାମ ଦେଢ଼ଗୁଣ ବୃଦ୍ଧି ଘଟିଲାଣି। କଳାବଜାରରେ ଦୁଇଗୁଣ ବି ହେଲାଣି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ହଜାର ହଜାର ତ୍ରୁଟି। ସଂଶୋଧିତ ପାଠ୍ୟପୁସ୍ତକ ନ ଯୋଗାଇ ସରକାର ଲକ୍ଷ୍ମୀପୂରଣ ବହି ବାଣ୍ଟିବେ ବୋଲି କହୁଛନ୍ତି। ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ୩ହଜାର ଦେବାକୁ କହି ସରକାର ଲୋକଙ୍କୁ ଠକିଦେଇଛନ୍ତି। ଏପରିକି ତିନିମାସ ହେଲା ଭତ୍ତା ଦେଉନାହାନ୍ତି। ଏହାର ପ୍ରତିବାଦରେ ବୁଧବାର ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଥପ୍ରାନ୍ତ ସଭା କରାଯାଇ ସରକାରଙ୍କ ବିଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ କମିଟି ସମ୍ପାଦକ ନିତ୍ୟାନନ୍ଦ ପରିଡ଼ା, ଗଦାଧର ପ୍ରଧାନ, ରଜତ ଜେନା, ସୁଶୀଳ ମହାନ୍ତି, ମହେନ୍ଦ୍ର କୁମାର ସାହୁ, ମହେନ୍ଦ୍ର ନାୟକ, ଅଲେଖ ନାୟକ, କାହ୍ନୁଚରଣ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଭାପୁର,୮ ।୭ (ସମିସ): ପୋଖରୀରେ ବୁଡ଼ି ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମର ଜଣେ ବିଧବା ମହିଳାଙ୍କର ବୁଧବାର ସକାଳେ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ୱର୍ଗତ ଗୋବର୍ଦ୍ଧନ ଜଗତସିଂହଙ୍କ ସ୍ତ୍ରୀ ସୁବନୀ ଜଗତସିଂହ (୭୧)। ସକାଳେ ସୁବନୀ ଗାଁ ପୋଖରୀରେ ଗାଧେଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଗ୍ରାମବାସୀ ଖୋଜାଖୋଜି କରି ଦୀର୍ଘ ସମୟ ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

● ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତଙ୍କ ଆତ୍ମହତ୍ୟା, ପୁଲିସ ତଦନ୍ତ ଜାରି

ଓଡ଼ଗାଁ,୮ ।୭ (ସମିସ): ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ୧୧ ବର୍ଷୀୟା ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। ତେବେ ଅଭିଯୁକ୍ତ ବାଣ୍ଡପୁର ଗ୍ରାମର ଚଇ ପ୍ରଧାନ (୨୪) ବୁଧବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ଘଟଣା ସମ୍ପର୍କରେ ମଙ୍ଗଳବାର ଓଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପ୍ରକ୍ରିୟାରେ ନାବାଳିକାଙ୍କ ବୟାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ରେକର୍ଡ କରାଯିବା ସହ ତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଏହାସହ ଫରେନସିକ୍ ଟିମ୍ ଘଟଣାସ୍ଥଳ ଓ ସମ୍ପୃକ୍ତ ଘରକୁ ଯାଇ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ପ୍ରମାଣ ସଂଗ୍ରହ କରିଛି। ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଓଡ଼ଗାଁ ଥାନା ଆଇଆଇସି ସତ୍ୟନାରାୟଣ ବାରିକ ଏବଂ ଏସ୍‌ଆଇ ଚକ୍ରଧର ସିଂଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ଇତିମଧ୍ୟରେ ବୁଧବାର ମଧ୍ୟାହ୍ନରେ ଅଭିଯୁକ୍ତ ଚଇ ପ୍ରଧାନ ଆତ୍ମହତ୍ୟା କରିଥିବା ପୁଲିସକୁ ସୂଚନା ମିଳିଥିଲା। ପରବର୍ତ୍ତୀ ଯାଞ୍ଚରୁ ଜଣାପଡ଼ିଥିଲା ଯେ ସେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ମୋଟାବାରୀ ଗ୍ରାମସ୍ଥିତ ନିଜ ଭଉଣୀଙ୍କ ଘରେ ଆତ୍ମହତ୍ୟା କରିଛନ୍ତି। ଏ ନେଇ ବୁଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ଜବତ କରାଯାଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ଦାଖଲ ଅଭିଯୋଗ ଅନୁଯାୟୀ, ଗତ ସୋମବାର ମଧ୍ୟାହ୍ନରେ ଘରେ ନାବାଳିକା ଏକାକୀ ଥିବା ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଘର ପଛପାଖକୁ ଜବରଦସ୍ତ ନେଇ ଦୁଷ୍କର୍ମ କରିଥିଲା। ବାପା ଓ ମାଆ ଘରକୁ ଫେରିବା ପରେ ନାବାଳିକା ଘଟଣା ସମ୍ପର୍କରେ ମାଆଙ୍କୁ ଜଣାଇଥିଲେ। ପରଦିନ ଏ ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ଉଭୟ ଦୁଷ୍କର୍ମ ମାମଲା ଓ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାର ତଦନ୍ତ ପୁଲିସ ଜାରି ରଖିଛି।

## ପିଟିଏସ୍‌ରେ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ



ନୟାଗଡ଼,୮ ।୭ (ସମିସ): ନୟାଗଡ଼ ପୁଲିସ ଟ୍ରେନିଂ ସ୍କୁଲ (ପିଟିଏସ୍) ପଡ଼ିଆରେ କ୍ୟାଡର୍ ଡ୍ରାଇଭର ପ୍ରଶିକ୍ଷାର୍ଥୀଙ୍କ ଦ୍ୱିତୀୟ ଏବଂ ୫ମ ବ୍ୟାଚ୍ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଛି। ଗତ ମାର୍ଚ୍ଚ ୧୬ ତାରିଖରୁ ପିଟିଏସରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୦୯ ଜଣ ପିଏମଟି କ୍ୟାଡର୍ ଡ୍ରାଇଭର୍ ଏବଂ ୩୪୧ ଡିଆଇସି ପ୍ରଶିକ୍ଷାର୍ଥୀ ତାଲିମ୍ ନେଇ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମାରୋହରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଏସପି ଶୁଭେନ୍ଦୁ ପାତ୍ର ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀମାନେ ଦେଶ ତଥା ଦେଶବାସୀଙ୍କ ପାଇଁ ନିଷ୍ଠା ଏବଂ ସମର୍ପଣର ସହ ସାମ୍ବିଧାନିକ ପରିସରରେ କାର୍ଯ୍ୟ କରିବା ପାଇଁ ଜାତୀୟ ପତାକା ଏବଂ ପୁଲିସ୍ ଧ୍ୱଜା ତଳେ ଶପଥ ନେଇଥିଲେ। ଇନ୍‌ଡୋର୍ ଏବଂ ଆଉଟଡୋର୍ ବିଭାଗର ବିଭିନ୍ନ ବିଷୟରେ କୃତିତ୍ୱ ଲାଭ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ଅତିଥି ସମ୍ମାନିତ କରିଥିଲେ। ସମାରୋହରେ ଓଏସ୍‌ଏପି ସପ୍ତମ ବ୍ୟାଟାଲିଅନର ବ୍ୟାଣ୍ଡ ବାଦନ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଅନ୍ୟମାନଙ୍କ ମଧ୍ୟରେ ପିଟିଏସର ଅଧ୍ୟକ୍ଷ ଭବେଶ କୁମାର ନାୟକ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀଙ୍କ ପରିବାର ସଦସ୍ୟ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ପରେଶ ନାଥ, ଚତଲା ଭୂପତି ରେଡ୍ଡୀ, ନିକୁଞ୍ଜ କୁମାର ଲେଜିଆ, ସୁଜିତ କୁମାର ପରିଡ଼ା, ଗୋପବନ୍ଧୁ ପରିଡ଼ା, ଜଗନ୍ନାଥ ସୁବୁଦ୍ଧି, ଶ୍ରୀଧର ସାହୁ, ତାପସ କୁମାର ବିଶ୍ୱାଳ, ଅକିଶ୍ ବିଶ୍ୱାଳ, ପତିତପାବନ ସାହୁଙ୍କୁ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡାଳିମ୍ବମଡ଼ା ନଦୀବନ୍ଧ କାର୍ଯ୍ୟରେ ଅନିୟମିତତା ଘଟଣା

# ସାମ୍ନାକୁ ଆସିଲା ଜଳସମ୍ପଦ ବିଭାଗ କେଳେଙ୍କାରୀ

ନୟାଗଡ଼,୮ ।୭ (ସମିସ)

ନୟାଗଡ଼ ସଦରଥାନା ଅନ୍ତର୍ଗତ ଡାଳିମ୍ବମଡ଼ାରେ ଜଳସମ୍ପଦ ବିଭାଗ ନଦୀବନ୍ଧ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଘଟଣା ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଠିକାଦାର ନାମ ଗୋପନ ରଖି ବିଭାଗରେ ଚାଲିଥିବା ଆଖିବୁଜା କେଳେଙ୍କାରୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୬ ଶହ ମିଟର ନଦୀବନ୍ଧ ରାସ୍ତା ବିଭାଗ ଠିକ ଭାବେ କରି ନ ପାରିବାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ କେବଳ ଠିକାଦାର ପୋଷା ନୀତି ଆପଣା ଯାଇଥିବା ଅଭିଯୋଗ ହୋଇଛି। ଡାଳିମ୍ବମଡ଼ା ନୂଆସାହି ନଦୀବନ୍ଧ ରାସ୍ତା ନିର୍ମାଣରେ ଏଭଳି ଅନିୟମିତତା କରାଯାଇଛି ଯେ ଦୁଇମାସ ମଧ୍ୟରେ ପିଚୁ ରାସ୍ତା ଫାଟି ଆଁ କରିଛି। ଗଣମାଧ୍ୟମ ପ୍ରତିନିଧି ଓ ପୁଲିସ ଅଧିକାରୀମାନେ ଏହି ରାସ୍ତା ଦେଖି ଜଳସମ୍ପଦ ବିଭାଗର କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି। ନୟାଗଡ଼ ଜଳସମ୍ପଦ ବିଭାଗ ସେକ୍ସନ-୩ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସ୍ୱାଇଁ କିଭଳି ଦୁର୍ବଳ କାମ ଉପରେ ବିଲ୍ କଲେ ବୋଲି ପ୍ରଶ୍ନ ଉଠିଛି।

ସୂଚନାନୁସାରେ, ଡାଳିମ୍ବମଡ଼ା ନୂଆସାହିଠାରୁ ରାଇପୁରକୁ ସଂଯୋଗ କରୁଥିବା ଏହି ୬ ଶହ ମିଟର ନଦୀବନ୍ଧ ରାସ୍ତା ନିର୍ମାଣ ପାଇଁ ୨୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। କାମ କରିବା ସମୟରେ ନୀତିନିୟମକୁ ଜଳାଞ୍ଜଳି ଦିଆଯାଇଥିଲା। ଗାଁର ଯୁବକଙ୍କୁ ହାତ କରି ଏହି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାରେ କମ୍ ପରିମାଣର ମେଣ୍ଟାଲ ଓ ପଥର ଗୁଣ୍ଡ ପକାଯାଇଥିବା ବେଳେ ଅନେକ ସ୍ଥାନରେ ମାଟି ଉପରେ ପିଚୁ ପକାଯାଇଛି। ରାସ୍ତା ଦୁଇ ମାସ ମଧ୍ୟରେ ଦବିଯାଇ ଆଁ କରିଛି। ପିଚୁ ଉଭୟ ପାର୍ଶ୍ୱରେ ମାଟି ନାହିଁ। ଆବଶ୍ୟକତା ଅନୁସାରେ, ରୋଲିଂ ମଧ୍ୟ କରାଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ କିଛି ବ୍ୟକ୍ତି ଏହି ରାସ୍ତା ନିର୍ମାଣ କରୁଥିବା ବେଳେ



ଯନ୍ତ୍ରୀ ଆଦୌ ନିର୍ମାଣ ସ୍ଥାନକୁ ଆସିବା କେହି ଦେଖି ନ ଥିବା କହିଛନ୍ତି। ଜଳସମ୍ପଦ ବିଭାଗ ଡାହୁକା ନଦୀରେ ବୁରୁଜ ନିର୍ମାଣ କଲେ, ଯେପରି ଭାସିଯାଉଛି, ଠିକ ସେହିଭଳି ଏହି ରାସ୍ତା ଆସନ୍ତା ଶୀତଋତୁକୁ ନ ଥିବ ବୋଲି ଗ୍ରାମବାସୀ କହିଛନ୍ତି। ପୁରୁଣା ବନ୍ଧ ଉପରେ ନୂଆ ମାଟି ପକାଇ ତରବରିଆ ଭାବେ ପିଚୁ ପକାଯାଇଥିବାରୁ ତାହା ଦବିଯାଇ ନଷ୍ଟ ହୋଇଛି। ଉକ୍ତ ରାସ୍ତା କଡ଼ରେ ଥିବା ସାଂସ୍କୃତିକ ମଣ୍ଡପରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ ଘଟଣାର ଖୋଳତାଡ଼ ସମୟରେ ପୁଲିସ ଓ

● ଯେନତେନ ବିଲ୍ କରି ଅର୍ଥ ହଡ଼ପ ଯୋଜନା
● ଠିକାଦାର ପୋଷା ନୀତି ଆପଣାଇଛି ବିଭାଗ
● ଭିଜିଲାନ୍ସ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି

ଗଣମାଧ୍ୟମ ନଜରକୁ ଏହି ଘଟଣା ଆସିଛି।

ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କ ସୂଚନାନୁସାରେ, ଉକ୍ତ କାମର କେବଳ ଫାଇନାଲ ବିଲ୍ ବାକି ରହିଛି। ୧୮ ଲକ୍ଷ ଟଙ୍କା ଠିକାଦାରଙ୍କୁ ପୈଠ କରାଯାଇଛି। କେଉଁଭଳି ଭାବେ ଏଭଳି ଦୁର୍ବଳ କାମକୁ ବିଲ୍ କରାଯାଇଛି, ଯନ୍ତ୍ରୀଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣ ହୋଇଥିଲା ନା ମୋଟା ଅଙ୍କର ପିସି ଖାଇ ଯନ୍ତ୍ରୀ ଆଖିବୁଜି ଦେଇଥିଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ରାସ୍ତା ଅବସ୍ଥାକୁ ଦେଖିଲେ ଏହା ଚଳିତ ବର୍ଷା ଋତୁରେ ଧୋଇଯିବା ନିଶ୍ଚିତ ବୋଲି ଜଣାପଡୁଛି। ଏଭଳି ଅନିୟମିତତାର ଭିଜିଲାନ୍ସ ତଦନ୍ତ ଓ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମତ ପ୍ରକାଶ ପାଇଛି। ଅନ୍ୟପଟେ ବର୍ଷା ପରେ ରାସ୍ତା ମରାମତି କରାଯିବ ବୋଲି ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶିବଶଙ୍କର ବେହେରା କହିଥିବା ବେଳେ ଉକ୍ତ ରାସ୍ତା କଡ଼ରୁ ଭୁଶୁଡ଼ିବା ପରିସ୍ଥିତି ସୃଷ୍ଟି ହୋଇଚି।

# କ୍ୟାବିନମୁକ୍ତ ପରେ ଉଜୁଡ଼ିଗଲା କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବନଜୀବିକା




## କୋଟି କୋଟି ଟଙ୍କାରେ ନିର୍ମିତ ବଜାରରେ ଝୁଲୁଛି ତାଲା

ଖୋର୍ଦ୍ଧା, ୮।୭(ସମିସ): ସହରକୁ ସ୍ୱଚ୍ଛ, ସରସ, ସୁନ୍ଦର ଏବଂ କ୍ୟାବିନମୁକ୍ତ ସହର ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ପୌରପରିଷଦ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଉଚ୍ଛେଦ ଅଭିଯାନ ସହରର ରୂପରେଖାକୁ ନିଶ୍ଚିତ ଭାବେ ପରିବର୍ତ୍ତନ କରିଛି। ରାସ୍ତା କଡ଼ରେ ଦୀର୍ଘ ବର୍ଷ ଧରି ଗଢ଼ିଉଠିଥିବା କ୍ୟାବିନଗୁଡ଼ିକୁ ହଟାଇ ସହରକୁ ଖୋଲା ଓ ପରିଚ୍ଛନ୍ନ କରାଯାଇଛି। କିନ୍ତୁ ଏହି ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ସେହି କ୍ଷୁଦ୍ର ବ୍ୟବସାୟୀମାନେ। ଯେଉଁମାନଙ୍କର ଦୈନନ୍ଦିନ ରୋଜଗାର ଉପରେ ନିର୍ଭର କରୁଥିଲା ସେମାନଙ୍କ ପରିବାରର ଜୀବିକା। ଉଚ୍ଛେଦ ପରେ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ପୌରପରିଷଦ ପକ୍ଷରୁ ତରବରିଆ ଭାବରେ ଭାଲିଆବାଡ଼ି ଛକରେ ୮୮ଟି ଓ ଟି.ଏଲ୍.ସି. ରୋଡ ନିକଟରେ ୯୦ଟି ଟିଣ ଛପର ଦୋକାନ ନିର୍ମାଣ କରାଯାଇଥିଲା। କୋଟି କୋଟି ଟଙ୍କା ବ୍ୟୟରେ ଏହି ଦୋକାନଗୁଡ଼ିକ ନିର୍ମାଣ ହୋଇଥିବା ସତ୍ତ୍ୱେ ବ୍ୟବସାୟୀମାନଙ୍କ ଅଭିଯୋଗ ଅନୁସାରେ ସେଗୁଡ଼ିକର ନିର୍ମାଣ ମାନ ଅତ୍ୟନ୍ତ ନିମ୍ନମାନର। ଖରାଦିନରେ ଟିଣ ଛପର ଯୋଗୁଁ ଦୋକାନ ଭିତରେ ଅସହ୍ୟ ଗରମ ହେଉଥିବାରୁ ବସି ବ୍ୟବସାୟ କରିବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ବର୍ଷା ହେଲେ ଟିଣ ଛାତରୁ ପାଣି ଗଳୁଥିବାରୁ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହେଉଛି। ଏଥିସହିତ ଦୋକାନଗୁଡ଼ିକରେ ସୁରକ୍ଷିତ ବିଦ୍ୟୁତ ବ୍ୟବସ୍ଥା ମଧ୍ୟ ନଥିବା ଅଭିଯୋଗ ଉଠିଛି। ଆର୍ଥିଂ ବ୍ୟବସ୍ଥା ଠିକ୍ ନ ଥିବାରୁ ବଜ୍ରପାତ କିମ୍ବା ବିଜୁଳି ଘଡ଼ଘଡ଼ି ସମୟରେ ବ୍ୟବସାୟୀମାନେ ଭୟଭୀତ ଅବସ୍ଥାରେ ଦୋକାନରେ ସମୟ କାଟୁଛନ୍ତି। ଜୀବନକୁ ବାଜି ଲଗାଇ ସେମାନେ ବ୍ୟବସାୟ କରୁଥିବା ଅଭିଯୋଗ କରିଛନ୍ତି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏହି ନୂତନ ବଜାରଗୁଡ଼ିକ ବ୍ୟବସାୟୀଙ୍କ ପାଇଁ ଆଦୌ ଉପଯୋଗୀ ହୋଇପାରିଲା କି? ଭାଲିଆବାଡ଼ି ଛକରେ ନିର୍ମିତ ଜୟୀ ରାଜଗୁରୁ ବଜାରର ୮୮ଟି ଦୋକାନ ମଧ୍ୟରୁ ବର୍ତ୍ତମାନ ୧୦ଟିରୁ ମଧ୍ୟ କମ ଦୋକାନ ଖୋଲା ରହୁଥିବା ବେଳେ ବାକି ସବୁ ଦୋକାନରେ ତାଲା ଝୁଲୁଛି। ସେହିପରି ଟି.ଏଲ୍.ସି. ରୋଡ ନିକଟରେ ଥିବା ବକ୍ସି ଜଗବନ୍ଧୁ ପରିବା ବଜାରର ୯୦ଟି ଦୋକାନ ମଧ୍ୟରୁ ମାତ୍ର ୬ରୁ ୭ଟି ଦୋକାନ ଚାଲୁ ଥିବା ବେଳେ ଅନ୍ୟ ସବୁ ବନ୍ଦ ପଡ଼ିଛି। ଏହି ଦୃଶ୍ୟ ଏବେ କୋଟି କୋଟି ଟଙ୍କାର ସରକାରୀ ଅର୍ଥ ବ୍ୟୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଥାଉକି, ୧୮ ଜାନୁୟାରୀ ୨୦୨୫ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ତତ୍କାଳୀନ ଜିଲ୍ଲାପାଳଙ୍କ ଉପସ୍ଥିତିରେ ବହୁ ଆଡ଼ମ୍ବର ସହ ଏହି ଦୁଇଟି ପରିବା ବଜାରର ଉଦ୍‌ଘାଟନ କରାଯାଇଥିଲା। ସେତେବେଳେ ଏହାକୁ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏକ ସ୍ଥାୟୀ ଓ ଆଧୁନିକ ବଜାର ବୋଲି ପ୍ରଚାର କରାଯାଇଥିଲା। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିବା କଥା ବ୍ୟବସାୟୀମାନେ କହୁଛନ୍ତି। କେତେକ ବ୍ୟବସାୟୀଙ୍କ କହିବା ଅନୁସାରେ, ପୂର୍ବରୁ ରାସ୍ତା କଡ଼ରେ କ୍ୟାବିନରେ ବ୍ୟବସାୟ କରୁଥିବା ବେଳେ ପ୍ରତିଦିନ ଭଲ ବେପାର ହେଉଥିଲା। ବର୍ତ୍ତମାନ ନୂଆ ବଜାରକୁ ସ୍ଥାନାନ୍ତର ହେବା ପରେ ଦିନକୁ ୧୦୦ ଟଙ୍କାର ବିକ୍ରି ମଧ୍ୟ ହେଉନାହିଁ। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଅନେକ ବାଧ୍ୟ ହୋଇ ପୁଣି ରାସ୍ତା କଡ଼ରେ ବସି ବ୍ୟବସାୟ କରୁଛନ୍ତି। କେହି କେହି ନିଜ ଗାଁକୁ ଫେରି ଛୋଟ ଧରଣର ବ୍ୟବସାୟ ଆରମ୍ଭ କରିଥିବା ବେଳେ ଆଉ କେତେକ ରୋଜଗାରର ସନ୍ଧାନରେ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଚାଲି ଯାଇଛନ୍ତି।

ବ୍ୟବସାୟୀମାନଙ୍କ ମତରେ, କେବଳ ସହର ସୌନ୍ଦର୍ଯ୍ୟକରଣ କଲେ ହେବ ନାହିଁ। ଯେଉଁମାନଙ୍କ ଜୀବିକା ଉପରେ ଏହାର ପ୍ରଭାବ ପଡୁଛି ସେମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ, ଆବଶ୍ୟକ ଭିତିଭୂମି ଓ ଗ୍ରାହକ ପହଁଚିପାରିବା ଭଳି ବ୍ୟବସ୍ଥା କରାଯିବା ଉଚିତ ଥିଲା। ନଚେତ ସରକାରୀ ଯୋଜନାର ଉଦ୍ଦେଶ୍ୟ ସଫଳ ହେବା ପରିବର୍ତ୍ତେ ଗରିବ ବ୍ୟବସାୟୀଙ୍କ ଜୀବନକୁ ଅଧିକ ଦୁର୍ବିସହ କରିଦେଉଛି। ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ତୁରନ୍ତ ଦୃଷ୍ଟି ଦେଇ ବଜାରଗୁଡ଼ିକର ଅବସ୍ଥାର ସୁଧାର, ଆବଶ୍ୟକ ଭିତିଭୂମିର ବିକାଶ ଏବଂ ବ୍ୟବସାୟୀମାନଙ୍କ ଜୀବିକା ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣ ଲୋକ ଦାବି କରିଛନ୍ତି। ବର୍ତ୍ତମାନ ଏହି କୋଟି କୋଟି ଟଙ୍କାର ପ୍ରକଳ୍ପ ଜନସାଧାରଣଙ୍କ ଉପକାରରେ ଆସିବ ନା ଅବ୍ୟବହୃତ ହୋଇ ପଡ଼ିରହିବ, ତାହା ଆଗାମୀ ଦିନରେ ପ୍ରଶାସନର ପଦକ୍ଷେପ ଉପରେ ନିର୍ଭର କରିବ।

# ବୈଦିକ ସଂସ୍କୃତି ଓ ପରମ୍ପରାର ସମୃଦ୍ଧି ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିଆରା ପ୍ରୟାସ



ନିରାକାରପୁର, ୮।୭ (ସମିସ): ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଓ ଶ୍ରୀ ଭେଙ୍କଟେଶ୍ୱର ବୈଦିକ ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼ଃ ବଳଭଦ୍ର ଉପାଧ୍ୟାୟଙ୍କ ଦ୍ୱାରା ଶ୍ରୀ ଗୋପିନାଥଙ୍କ ପୀଠ ଦିବ୍ୟସିଂହପୁରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଦେବ୍ୟୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାର ସମସ୍ତ ଆଚାର୍ଯ୍ୟ, ବିଦ୍ୟାର୍ଥୀ ଗ୍ରାମ ତଥା ନିକଟସ୍ଥ ଗ୍ରାମର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଡ. ବଳଭଦ୍ର ଉପାଧ୍ୟାୟ ବେଦର ପ୍ରଚାର ପ୍ରସାର ଦ୍ୱାରା ବୈଦିକ ସନାତନ ସଂସ୍କୃତିର ସୁରକ୍ଷା ନିଜର ବକ୍ତବ୍ୟ ରଖିଥିଲେ।

# ଜନଶୁଣାଣି ଶିବିର ବିଜ୍ଞପ୍ତି ଜାରି

ଖୋର୍ଦ୍ଧା, ୮।୭(ସମିସ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁଲାଇ ଏବଂ ସେପ୍ଟେମ୍ବର ମାସ ଜନଶୁଣାଣି ଶିବିର ଆୟୋଜନ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ସରକାରୀ କାର୍ଯ୍ୟଦିବସରେ ଏହି ଶିବିର ଅନୁଷ୍ଠିତ ହେବ। ମାସର ପ୍ରଥମ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଅନ୍ୟ ସମସ୍ତ ସୋମବାର ବ୍ଲକସ୍ତରରେ ଅନୁଷ୍ଠିତ ହୋଇଥାଏ। ଏଥିସହିତ ପ୍ରତି ସୋମବାରରେ ବ୍ଲକସ୍ତରୀୟ ସମେତ ପଂଚାୟତ ସ୍ତରରେ ମଧ୍ୟ ଶିବିର ଅନୁଷ୍ଠିତ ହେବ। ସମସ୍ତ ଶିବିର ପୂର୍ବାହ୍ନ ସାଢେ ୧୦ଟା ଠାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଜନଶୁଣାଣୀ କରାଯିବ। ଜୁଲାଇ ମାସରେ ୪, ଅଗଷ୍ଟରେ ୫ ଏବଂ ସେପ୍‌ଟେମ୍ବର ମାସରେ ୩ଟି କାର୍ଯ୍ୟ ଦିବସରେ ଶୁଣାଣୀ ରହିଛି। ପ୍ରଶାସନ ସୂଚନା ପ୍ରକାରେ ଜୁଲାଇ ୧୩ତାରିଖ ଟାଙ୍ଗି ବ୍ଲକ କାର୍ଯ୍ୟାଳୟ, ୨୦ ତାରିଖ ଜଟଣୀ ବ୍ଲକ, ୨୭ ତାରିଖ ବାଲିଅନ୍ତା ବ୍ଲକ, ଅଗଷ୍ଟ ୩ ତାରିଖ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସଭାଗୃହ, ୧୦ ତାରିଖ ବେଗୁନିଆ ବ୍ଲକ, ୧୭ ତାରିଖ ବାଲିପାଟଣା ବ୍ଲକ,୨୪ ତାରିଖ ବାଣପୁର ବ୍ଲକ, ୩୧ ତାରିଖ ଖୋର୍ଦ୍ଧା ବ୍ଲକ, ସେପ୍ଟେମ୍ବର ମାସ ୭ ତାରିଖ ଜଲ୍ଲା ପରିଷଦ କାର୍ଯ୍ୟାଳୟ ସଭାଗୃହ, ୨୧ ତାରିଖ ଚିଲିକା ବ୍ଲକ ଏବଂ ୨୮ ତାରିଖ ବୋଲଗଡ ବ୍ଲକରେ ଅନୁଷ୍ଠିତ ହେବ।

# ମନ୍ଦିର ନିକଟରେ ମଦ ଦୋକାନ ଖୋଲିବାକୁ ମହିଳାଙ୍କ ବିରୋଧ



ଜଟଣୀ, ୮।୭(ସମିସ): ବୁଧବାର ଜଟଣୀ ସହରରେ ନୂତନ ଠିପି ବନ୍ଦ ମଦ ଦୋକାନ ଖୋଲିବାକୁ ନେଇ ସ୍ଥାନୀୟ ମହିଳା ଜୋରଦାର ବିରୋଧ କରିଛନ୍ତି । ସୀତାରାମ ଛକ ଠାରେ ନୂତନ ମଦ ଦୋକାନ ଖୋଲିବା ଜଣା ପଡିବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲାକ୍ଷ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମଦ ଦୋକାନକୁ ନେଇ ନାନା ଚର୍ଚ୍ଚା ଲାଗିରହିଥିବା ବେଳେ ମଙ୍ଗଳବାର ସ୍ଥାନୀୟ କାଉନସିଲର ଫମିଦା ବେଗମ ବିଭିନ୍ନ କାରଣ ଦର୍ଶାଇ ଉକ୍ତ ସ୍ଥାନରେ ମଦ କାଉଣ୍ଟର ବନ୍ଦ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ସେହିପରି ମଦ ଦୋକାନକୁ ଲାଗିରହିଥିବା ମହାଦେବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମଧ୍ୟ ଅନୁରୂପ ଏକ ଲିଖିତ ଅଭିଯୋଗପତ୍ର ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଅବକାରୀ କମିଶନର କଟକ, ସୁପେରିଟେଣ୍ଡେଣ୍ଟ ଅଫ ଏକ୍ସାଇଜ, ଖୋର୍ଦ୍ଧା,ବିଶ୍ୱ ହିନ୍ଦୁ ପରିଷଦ ଖୋର୍ଦ୍ଧାଙ୍କ ନିକଟରେ ଉକ୍ତ ମଦ କାଉଣ୍ଟର ବନ୍ଦ ପାଇଁ ଲିଖିତ ଅଭିଯୋଗ କରିଥିଲେ । ସମସ୍ତ ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବା ଆଶାରେ ବୁଧବାର ଦୋକାନ ବନ୍ଦ ପାଇଁ ସ୍ଥାନୀୟ ଅଞ୍ଚଳର ମହିଳା ଏବଂ ମନ୍ଦିର କମିଟି ପକ୍ଷରୁ ଜୋରଦାର ବିରୋଧ କରାଯାଇଥିଲା । ଜଟଣୀ ପୌରାଞ୍ଚଳ ୱାର୍ଡ ନମ୍ବର ୪ ଅନ୍ତର୍ଗତ ସୀତାରାମ ଛକଠାରେ ଗତ ୩ଦିନ ପୂର୍ବେ ନୂତନ ଭାବେ ଏକ ଠିପି ବନ୍ଦ ମଦ ଦୋକାନର ଶୁଭାରମ୍ଭ କରାଯାଇଥିଲା । ଓଡିଶା ସରକାରଙ୍କ ଅବକାରୀ ବିଭାଗ ଦ୍ୱାରା ଲଟେରୀ ମାଧ୍ୟମରେ ନୂତନ ମଦ ବିକ୍ରି ଲାଇସେନ୍ସ ପାଇଁ ଥିବା ବ୍ୟକ୍ତି ସହରର ମୁଖ୍ୟ ରାସ୍ତା ସୀତାରାମ ଛକ ଠାରେ ଠିପି ବନ୍ଦ ମଦ କାଉଣ୍ଟର ଖୋଲିଥିଲେ । ମଦ ଦୋକାନ ଖୋଲିବା ପରେ ସ୍ଥାନୀୟ ଲୋକେ ମଦ ଦୋକାନକୁ ବିରୋଧ କରି ଆଜି ପୂର୍ବାହ୍ନରେ ମଦ ଦୋକାନ ସମ୍ମୁଖରେ ବନ୍ଦ କରିବା ପାଇଁ ଧାରଣାରେ ବସିବା ସହ କାଉଣ୍ଟରରେ ତାଲା ପକାଇ ଦେଇଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ ଜଟଣୀ ସହରର ମୁଖ୍ୟ ରାସ୍ତାରେ ଥିବା ସୀତାରାମ ଛକ ଏକ ଜନଗହଳିପୂର୍ଣ୍ଣ ରାସ୍ତା ପ୍ରତିଦିନ ସହ ସହ ଗାଡି ମୋଟର ସହ ବିଭିନ୍ନ ସ୍କୁଲ,କଲେଜ ଛାତ୍ରୀଛାତ୍ର, ବିଭିନ୍ନ ଜରୁରୀକାଳୀନ ସରକାରୀ ଏବଂ ବେସରକାରୀ ଯାନବାହାନ ଯାତାୟାତ କରୁଛି । ହଜାର ହଜାର ଜନସାଧାରଣ ପ୍ରତିଦିନ ଉକ୍ତ ବଜାରକୁ କିଣା ବିକା ପାଇଁ ଆସିଥାନ୍ତି । ଏଥି ସହିତ ନିକଟରେ ଏକ ପୁରୁଣା ଶୈବ ମନ୍ଦିର ବାବା ବାଲୁଙ୍କେଶ୍ୱର ମନ୍ଦିର ରହିଛି । ଯେଉଁଠି ପ୍ରତିଦିନ ସହ ସହ ଶ୍ରଦ୍ଧାଳୁ ପୂଜା ପାଠ କରିବା ପାଇଁ ଆସୁଛନ୍ତି। ବର୍ଷ ସାରା ବିଭିନ୍ନ ଜାନିଯାତ୍ରା ଅନୁଷ୍ଠିତ ହେଉଥିଲା ବେଳେ ମଦ ଦୋକାନ ଚାଲିଲେ ନାନା ଅସୁବିଧା ଉପୁଜିବା ସମ୍ଭାବନା ରହିଛି । ଅନ୍ୟପଟେ ଏଠାରେ ସଂକୀର୍ଣ୍ଣ ରାସ୍ତା ପାଇଁ ବିଭିନ୍ନ ସମୟରେ ଏହି ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା ବେଳେ ଦୋକାନ ଜାରି ରହିଲେ ଟ୍ରାଫିକ ସମସ୍ୟା ଦେଖା ଦେବା ସହ ଏକାଧିକ ସମସ୍ୟା ଉପୁଜିବାକୁ ନେଇ ଅଭିଯୋଗ କରିବା ସହ ଉକ୍ତ ସ୍ଥାନରେ ଦୋକାନ ବନ୍ଦ କରି ଅନ୍ୟତ୍ର ଖୋଲିବା ପାଇଁ ଦାବି କରିଥିଲେ। ଘଟଣା ଜଣା ପଡିବା ପରେ ଜଟଣୀ ପୁଲିସ ଏବଂ ଜଟଣୀ ତହସିଲଦାର ଶିବାଶିଷ ପରିଡା ଘଟଣା ସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ହଟିଥିଲା ଏବଂ ଦୋକାନ ତାଲା ଖୋଲାଯାଇଥିଲା । ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇ ସରକାରୀ ନୀତିନିୟମ ଆଧାରରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଛନ୍ତି ସ୍ଥାନୀୟ ତହସିଲଦାର।

# ମଶାବଂଶ ବଢ଼ାଉଛି ବାଲୁଗାଁ ଏନ୍‌ଏସି


ସଫା ହେଉନି ନାଳନର୍ଦ୍ଦମା

ବାଲୁଗାଁ, ୮।୭(ସମିସ) : ମେଲେରିଆ ଓ ଡେଙ୍ଗୁ ରୋଗର ଭୟାବହତା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଆସୁଛି। ରୋଗର କାରଣ, ନିରାକାରଣ, ରୋଗ ଚିହ୍ନଟ ଚିକିତ୍ସା ଆଦି ବାବଦରେ ଲୋକଙ୍କୁ ସଚେତନତା କରାଯାଇଥାଏ। ପ୍ରତିବର୍ଷ ରାଜ୍ୟ ସରକାର ଜାତୀୟ ଡ଼େଙ୍ଗୁ ଦିବସ ପାଳନ କରଅଛନ୍ତି । ଆମ ଦେଶ ଭାରତରେ ୨୦୩୦ ମସିହା ସୁଦ୍ଧା ମେଲେରିଆର ଓ ଡ଼େଙ୍ଗୁ ମୂଳୋତ୍ପାଟନ ଲକ୍ଷ୍ୟ ରହିଛି। ସେହିପରି ୨୦୨୭ ସୁଦ୍ଧା ପୂରା ଦେଶକୁ ମ୍ୟାଲେରିଆ ଓ ଡ଼େଙ୍ଗୁ ମୁକ୍ତ କରାଯିବା ପାଇଁ ବିଭିନ୍ନ ଯୋଜନା ଚାଲିଛି। ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ସହ ଏହି ରୋଗକୁ ନିୟନ୍ତ୍ରଣ କରିବା ଦୂରର କଥା କାଗଜ କଲମରେ ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ଓ ବାଲୁଗାଁ ଏନଏସି ଲୁଟି ଚାଲିଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ୱଚ୍ଛ ଭାରତ ଅଭିଯାନ ଠାରୁ ଆରମ୍ଭ କରି ମେଲେରିଆ ନିମନ୍ତ୍ରଣ ଭଳି ଅନେକ ଯୋଜନା ମାନ ପ୍ରଣୟନ କରିଛନ୍ତି। ହେଲେ ଏହା ପ୍ରକୃତରେ ପୌରାଞ୍ଚଳବାସୀଙ୍କ ହିତରେ ଆସୁନଥିବା ସାଧାରଣରେ ଅଭିଯୋଗ ହେଉଛି। ମଶାରେ ସହରବାସୀ ଅସ୍ତବ୍ୟସ୍ତ ହୋଇ ମ୍ୟାଲେରିଆ ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ପୌରାଞ୍ଚଳରେ ଅଧିକାଂଶ ନାଳନର୍ଦ୍ଦମା ଗୁଡ଼ିକୁ ସଫା କରାଯାଉ ନାହିଁ କି ଘରମାନଙ୍କର ଆବର୍ଜନା ପାଣି ସଠିକ୍ ଭାବେ ନିଷ୍କାସନ ହୋଇ ନପାରି ଏଠି ସେଠି ଜମା ହୋଇ ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି। ବହୁ ଗଳିକନ୍ଦିରେ ଅଳିଆ ଆବର୍ଜନା ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ପରିବେଶ ଆହୁରି ପ୍ରଦୂଷିତ ହେବାରେ ମଶା ମାନଙ୍କ ବଂଶ ବୃଦ୍ଧିରେ ସହାୟକ ହେଉଅଛି। ଏନଏସି ପକ୍ଷରୁ ମଶା ତେଲ ଟୋପାଏ ପଡୁଛି ନା ବ୍ଲିଚିଂଙ୍ଗ ମୁଠାଏ ପଡୁ ନାହିଁ କିମ୍ବା ସନ୍ଧ୍ୟାରେ ମଶାଧୂଆଁ ଦିଆଯାଉ ନାହିଁ। ଏନଏସିରେ ପରିମଳ ବାବଦକୁ ମାସିକୁ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଯାହା କାଗଜ କଲମରେ ଦର୍ଶାଯାଉଛି, ମାତ୍ର ବାସ୍ତବରେ ଉକ୍ତ ଅର୍ଥ ରାଧେ ରାଧେ ତୁମର ଅଧେ କୁ ଆମର ଅଧେ ନିତୀରେ ହରିଲୁଟ ହେଉଛି। ଅନ୍ୟପକ୍ଷେ ମଶା କାମୁଡ଼ାରେ ନଗରବାସୀ ଅସ୍ତବ୍ୟସ୍ତ ହୋଇ ମେଲେରିଆ ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛ । ଦେଶର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ତଥା ମତ୍ସ୍ୟ ବ୍ୟବସାୟର ପ୍ରମୁଖ ପେଣ୍ଠ ସ୍ଥଳୀ ପକ୍ଷୀତୀର୍ଥ ନିଳାମ୍ବୁ ଚିଲିକା ଯାହାର ତଟ ଦେଶରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅବସ୍ଥିତ। ସରକାର ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସହରର ପରିମଳ ବ୍ୟବସ୍ଥା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସଫେଇ କାର୍ଯ୍ୟ ନିମନ୍ତେ ଏକ ଠିକା ସଂସ୍ଥାକୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ଟେଣ୍ଡର ମାଧ୍ୟମରେ ନିୟୋଜିତ କରାଯାଇଛି। ତେବେ ଏଠିକାର ପରିମଳ ବ୍ୟବସ୍ଥା କହିଲେ ନ ସରେ। ଠିକା ସଂସ୍ଥା ତରଫରୁ ଚୁକ୍ତିନାମା ଅନୁଯାୟୀ ସଫେଇ କାର୍ଯ୍ୟରେ ଯେତିକି କର୍ମଚାରୀ ନିୟୋଜିତ କରିବା କଥା ତାଠାରୁ ବହୁ କମ ସଂଖ୍ୟକ କର୍ମଚାରୀ ସଫେଇ କାର୍ଯ୍ୟ କରୁଥିବାରୁ ସମସ୍ତ ୱାର୍ଡରେ ସଫେଇ କାର୍ଯ୍ୟ ସଠିକ ଭାବେ ହୋଇପାରୁ ନାହିଁ। ତେବେ ଏନଏସି ଅଞ୍ଚଳର କୌଣସି ସ୍ଥାନରେ ନା ବ୍ଲିଚିଙ୍ଗ୍ ମୁଠାଏ ପଡୁଛି ନା ମଶା ଧୂଆଁ ଦିଆଯାଉଛି ନା ମସା ତେଲ ଟୋପାଏ ପଡୁଛି। ମାସ ମାସ ଧରି ଡ୍ରେନ୍ ଗୁଡିକ ସଫା କରାଯାଉ ନଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବର୍ଷା ଜଳ ସହ ନର୍ଦମା ପାଣି ନିଷ୍କାସନ ନିମନ୍ତେ ଡ୍ରେନ ନିର୍ମାଣ କରାଯାଇଥିବା ଡ୍ରେନ ମଧ୍ୟରୁ ନର୍ଦମା ପଚା ପାଣି ନିଷ୍କାସନ ହୋଇ ନପାରି ଉବୁଟୁବୁ ହୋଇ ରହି ଦୁର୍ଗନ୍ଧରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଯାହାକି ମଶା ମାନଙ୍କ ବଂଶ ବୃଦ୍ଧିରେ ସହାୟକ ହେଉଛି। ଫଳରେ ଏଠାରେ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଫେଲ ମାରିଛି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁଁ ଏବେ ମଶାଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ମ୍ୟାଲେରିଆ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ମଶାଙ୍କ ବଂଶ ବୃଦ୍ଧି ଚିନ୍ତାର କାରଣ ହୋଇପଡ଼ିଛି। ପରିମଳ ବ୍ୟବସ୍ଥାରେ ସୁଧାର ଆସୁନଥିବା ଏବଂ ଦିନେ ହେଲେ ମଧ୍ୟ ମଶା ତେଲ ଓ ବ୍ଲିଚିଙ୍ଗ ପାଉଡ଼ର ମୁଠାଏ ପକାଯାଉ ନ ଥିବାରୁ ଡ୍ରେନରେ ମଶା ବଂଶ ବୃଦ୍ଧି ଅଞ୍ଚଳରେ ଚିନ୍ତାର କାରଣ ହୋଇପଡ଼ିଛି। ଦିନରେ ମଧ୍ୟ ମଶା କାମୁଡାରୁ ବର୍ତ୍ତି ପାରୁ ନ ଥିବା ବେଳେ ସଂଧ୍ୟା ହେଲା ମାତ୍ରେ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲୋକେ ବାହାରେ ଛିଡା ହେବା କଷ୍ଟସାଧ ହୋଇପଡୁଛି। ବିନା ମଶା ଧୂପରେ ଘରେ ରହିବା କଷ୍ଟକର ହୋଇ ପଡୁଥିବା ବେଳେ ବାଲୁଗାଁ ଏନଏସି ପକ୍ଷରୁ କୌଣସି ପ୍ରତିକାର କରାଯାଉ ନାହିଁ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ

# ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




## ସିଗ୍‌ମା ପବ୍ଲିକ୍ ସ୍କୁଲରେ ବନ ମହୋତ୍ସବ

ଖୋର୍ଦ୍ଧା, ୮।୭(ସମିସ): ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ସହ ବୃକ୍ଷର ଯତ୍ନ ନେବା ଆବଶ୍ୟକତା। ସବୁଜ ପରିବେଶ ହିଁ ସୁସ୍ଥ ଭବିଷ୍ୟତର ମୂଳଦୁଆର ବୋଲି ବାର୍ତ୍ତା ଦେଇ ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗ୍‌ମା ପବ୍ଲିକ ସ୍କୁଲରେ ବନ ମହୋତ୍ସବ ସପ୍ତାହର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶ ସଚେତନତା ସହ ବ୍ୟାଙ୍କ ସାଇବର ଠକେଇ ସମ୍ପର୍କିତ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିବାରୁ କାର୍ଯ୍ୟକ୍ରମଟି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥିଲା।

ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ଅବସରରେ ବିଦ୍ୟାଳୟରେ ବୃକ୍ଷରୋପଣ, ପରିବେଶ ସଂରକ୍ଷଣ ଏବଂ ପ୍ରକୃତି ପ୍ରତି ଦାୟିତ୍ୱବୋଧ ସୃଷ୍ଟି ଲକ୍ଷ୍ୟରେ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଚିତ୍ରାଙ୍କନ, ପ୍ରବନ୍ଧ ଲେଖନ, କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ପ୍ରତି ନିଜ ଚିନ୍ତାଧାରା ଓ ସୃଜନଶୀଳତାର ପରିଚୟ ଦେଇଥିଲେ। ସିନିୟର ବକ୍ତୃତା ପ୍ରତିଯୋଗିତାରେ ବିଷ୍ଣୁ ପ୍ରସାଦ ସେଠୀ ପ୍ରଥମ, କ୍ରିଷ୍ଣକାନ୍ତ ସାମନ୍ତରାୟ ଦ୍ୱିତୀୟ ଏବଂ ପ୍ରତ୍ୟୁଷ ରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବିଭାଗରେ ଶୁଭଲକ୍ଷ୍ମୀ ଦାସ, ସୁଜ୍ଞାନୀ ପ୍ରିୟଦର୍ଶିନୀ ଓ ସାଇ ସାସ୍ୱତୀ ବେହେରା ସଫଳତା ହାସଲ କରିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ରତ୍ନ୍ୟପୁନମ ସିଂ, ଯୋଷିକା ଜାଗୃତି ପ୍ରଧାନ, ସାଇ ସମ୍ପୂର୍ଣ୍ଣ ସାହୁ, ଶୁଭାଙ୍ଗୀ ବିଶ୍ୱାଳ, ପଦ୍ମିନୀ ଜେନା ଏବଂ ଅଭିଲିପ୍ସା ଲେଙ୍କା କୃତିତ୍ୱ ପ୍ରଦର୍ଶନ କରିଥିଲେ। ବିଜୟୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ଉଦ୍‌ଯାପନୀ ସମାରୋହରେ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରୁଥିବା ଏକ ମନୋମୁଗ୍ଧକର ଗୋଷ୍ଠୀ ନୃତ୍ୟ ପରିବେଷଣ କରିଥିଲେ। ଏହି ପରିବେଷଣ ମାଧ୍ୟମରେ ବୃକ୍ଷରୋପଣ, ପ୍ରକୃତି ସଂରକ୍ଷଣ ଓ ସବୁଜ ପରିବେଶ ଗଠନର ଆବଶ୍ୟକତାକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଥିଲା।

ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆକ୍ସିସ୍ ବ୍ୟାଙ୍କ ଶାଖା ପରିଚାଳକ ରାଜେନ୍ଦ୍ର ଖଣ୍ଡୁଆଳ, ସ୍କୁଲ ଚେୟାରମ୍ୟାନ୍ ତଥା ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସ୍କୁଲ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବୃକ୍ଷ ରୋପଣକୁ କେବଳ ଏକ ଦିନର କାର୍ଯ୍ୟକ୍ରମ ନ କରି ବରଂ ପ୍ରତ୍ୟେକ ନାଗରିକଙ୍କ ଜୀବନ ଶୈଳୀର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କିଙ୍ଗ୍ ସାଇବର ଠକେଇ ସମ୍ପର୍କରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଡିଜିଟାଲ ଯୁଗରେ ଓଟିପି, ପିନ୍, ପାସୱାର୍ଡ କିମ୍ବା ବ୍ୟାଙ୍କ ଖାତାର ଗୋପନୀୟ ସୂଚନା କାହା ସହିତ ସେୟାର ନକରିବା, ଅଜଣା ଲିଙ୍କରେ କ୍ଲିକ୍ ନକରିବା ଏବଂ ଅନଲାଇନ୍ ଠକେଇରୁ ସତର୍କ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ସେମାନେ ନିଜେ ସଚେତନ ରହିବା ସହ ଅଭିଭାବକଙ୍କୁ ମଧ୍ୟ ସାଇବର ଅପରାଧ ସମ୍ପର୍କରେ ସଚେତନ କରିବାକୁ ଆହ୍ୱାନଦିଆଯାଇଥିଲା।

କାର୍ଯ୍ୟକ୍ରମରେ ସ୍କୁଲର ଉପାଧକ୍ଷ ତୁଷାରକାନ୍ତ ମହାନ୍ତି, ଏକାଡେମିକ ଡିନ୍ ବନଦୁର୍ଗା ଶାହା, ଶିକ୍ଷକ ବିଂଚି ନାରାୟଣ ପଣ୍ଡା, ମାନସ ରଞ୍ଜନ ମହାପାତ୍ର, କରିସ୍ମା ସାହୁ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ■ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ



ବେଗୁନିଆ: ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ଓ ଜାତୀୟ ସେବା ସଂସ୍ଥାର ମିଳିତ ସହଯୋଗରେ ବନ ସପ୍ତାହ ମହୋତ୍ସବ ଉପଲକ୍ଷେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ନେଇ ଭାରପ୍ରାପ୍ତ ଅଧକ୍ଷ ଦିଲ୍ଲୀପ କୁମାର ସାଥୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣର ଶୁଭାରମ୍ଭ କରିଥିଲେ। ଏଥିରେ କୃଷ୍ଣଚୂଡା, ରାଧାଚୂଡା, ବଉଳ ଓ ଅର୍ଜୁନ ଆଦି ବିଭିନ୍ନ ପ୍ରଜାତିର ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ।କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଡ. ପ୍ରତାପ ମେହେର ଓ ଜାତୀୟ ସେବା ସଂସ୍ଥାର ଅଧିକାରୀ ଅଧ୍ୟାପକ ଶ୍ରୀ ନିବାସ ସାହୁ ପରିଚାଳନା କରିଥିଲେ।

## ■ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ



ନିରାକାରପୁର: ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନମହୋତ୍ସବ କାର୍ଯ୍ୟକ୍ରମ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଉମେଶ ଚନ୍ଦ୍ର ସାହୁ ଉଦ୍‌ଘାଟନ କରି ପରିବେଶର ସୁରକ୍ଷା ଓ ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟ, ଅଧ୍ୟାପିକା ସଚଳା ସାମନ୍ତରାୟ, ଡ. ଜନ୍ମେଜୟ ଚୌଧରୀ, ଅଧ୍ୟାପିକା ସୁଜ୍ଞାନୀ ଭଞ୍ଜ ସାମନ୍ତ, ଅଧ୍ୟାପିକା ସଂଯୁକ୍ତା ପଟ୍ଟନାୟକ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମାନସ କୁମାର ଜୟସିଂହ ଏବଂ +୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ସୁମନ୍ତ ଦେହେରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ୫୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା।

## ■ ଖଜୁରୀପଡ଼ା ସରକାରୀ ଉପ୍ରା ବିଦ୍ୟାଳୟ



ଟି ସି ଏଚ ୱେଲଫେଆର୍ ଟ୍ରଷ୍ଟ ପକ୍ଷରୁ ଖଜୁରୀପଡ଼ା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସୌକତ ଅଲ୍ଲୀ ଶାହା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉମା କୁମାରୀ ଦେଈ, ଶିକ୍ଷକ ପ୍ରଦୀପ କୁମାର ମହାପାତ୍ର ଏବଂ ସୋମନାଥ ବାହିନୀପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ଭାବେ ମିର୍ଜା ସାନୱାର ବେଗ, ମାନସ ରଞ୍ଜନ ପଟ୍ଟନାୟକ ଓ ହରମୋହନ ମଙ୍ଗରାଜଙ୍କ ସମେତ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଉତ୍ସାହର ସହ ବୃକ୍ଷରୋପଣ କରିଥିଲେ।

ସକାଳ THE SAKALA



www.sakalaepaper.com

## ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ପିଏମ୍ ଆବାସକୁ ୨୪ ଘଣ୍ଟିଆ ସୁଲଭ ସୌର ବିଜୁଳି

ଭୁବନେଶ୍ୱର,୮।୭(ସମିସ): ରାଜ୍ୟ ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ ଆହରଣ ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି। ବିଶେଷକରି ସୌର ଶକ୍ତି ଉତ୍ପାଦନ ଏବଂ ସାଧାରଣ ଲୋକେ ଅଧିକରୁ ଅଧିକ ବ୍ୟବହାର କରିବାକୁ ବ୍ୟାପକ ଅର୍ଥ ସବ୍‌ସିଡି ବାବଦରେ ଖର୍ଚ୍ଚ କରାଯାଉଛି। ଏହିକ୍ରମରେ ପିଏମ୍ ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ୍ ଆବାସ ଯୋଜନା ସହ ସଂଯୋଜନ କରାଯିବ। ତେବେ ଏହା ହିତାଧିକାରୀଙ୍କ ଇଚ୍ଛାଧୀନ ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଆନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍ ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ଗୁଣବତ୍ତାସମ୍ପନ୍ନ ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

ବୁଧବାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଓପିଟିସିଏଲ୍‌ର ସିଏମଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିସନର ତଥା ଶାସନ ସଚିବ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

- ପିଏମ୍ ସୂର୍ଯ୍ୟ ଘର ଯୋଜନା ସହ ସଂଯୋଜିତ ହେବ ପିଏମ୍ ଆବାସ
- ୧ କିଲୋୱାଟ ପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ୧୮୭୫ ଟଙ୍କା
- ୩୭୦୮ କୋଟି ବ୍ୟୟରେ ବିଛାଯିବ ଭୂତଳ କେବୁଲ ତାର

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପିଏମ୍ ଆବାସ ଯୋଜନାରେ ସଂଯୋଜିତ ହେବାକୁ ଥିବା ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ୍ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦,୦୦୦ ଟଙ୍କା ଏବଂ ରାଜ୍ୟରୁ ୨୫,୦୦୦ ଟଙ୍କାର ସବ୍‌ସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ। ଏହି ଯୋଜନାରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହାଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର୍ ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଭାବେ ଖୋଲା ଥିବା ଏବଂ ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନ୍‌ସୁଲେଟେଡ୍ କଣ୍ଡକ୍ଟର(ଆବରଣ ଥିବା), ବିତରଣ ସବଷ୍ଟେସନ୍‌ରେ ଫେନ୍ସିଂ(ତାର ଜାଲି) ସ୍ଥାପନ, ପାୱାର ସବ୍‌ଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ୍/ଗାର୍ଡ ତାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

## ବନ୍ୟାଜଳ ପରିଚାଳନା ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଆଲୋଚନା

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଅଶୋକ ନିବାସଠାରେ ଆଜି ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ସମେତ କେନ୍ଦ୍ରୀୟ ଜଳ ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ



ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ମ୍ୟାନେଜର ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ (ମହାନଦୀ ଓ ଇଷ୍ଟର୍ଣ୍ଣ ରିଭର୍ସ) ଜି. ନାଗାମୋହନଙ୍କ ସମେତ ଓଡ଼ିଶା ଓ ଛତିଶଗଡ଼ର ଜଳସମ୍ପଦ ବିଭାଗ ଅଧିକାରୀ ଓ ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ ନାଗାମୋହନଙ୍କ ଅନୁଯାୟୀ, ବନ୍ୟା ନିୟନ୍ତ୍ରଣ ସକାଶେ ମହାନଦୀ ବେସିନକୁ ତିନୋଟି ବୃହତ୍ ଭାଗରେ ବିଭକ୍ତ କରାଯାଇଛି। ଏଥିମଧ୍ୟରୁ ସିଷ୍ଟମ୍-୨ରେ ହୀରାକୁଦ ଡ୍ୟାମ ଅଞ୍ଚଳ ରହିଛି। ଆସନ୍ତା ମାସ ସିଷ୍ଟମ-୧ର ଛତିଶଗଡ଼ର ରାୟପୁରରେ ହେବ। ଆଜି ସିଷ୍ଟମ୍-୨ ସକାଶେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧି ଡାକି ତଥ୍ୟ ଆଦାନପ୍ରଦାନ ଏବଂ ବନ୍ୟା ମୁକାବିଲା ନେଇ ଆଲୋଚନା କରାଯାଇଥିଲା ଏବଂ ସହମତି ପ୍ରକାଶ ପାଇଥିଲା ବୋଲି ସେ କହିଛନ୍ତି। ବୈଠକରେ କ୍ୟାଚ୍‌ମେଣ୍ଟ ଏରିଆରେ କେତେବର୍ଷା ହେଉଛି, ସେମାନଙ୍କ ଡ୍ୟାମ୍‌ରେ କେତେ ଜଳ ପ୍ରବେଶ କରୁଛି, କେତେ ଜଳ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପଗୁଡ଼ିକରୁ ଜଳ ନିଷ୍କାସନର ସୂଚନା ଦିଆଯାଇଥିଲା। ଜଳପ୍ରବେଶ ଅନୁସାରେ ହୀରାକୁଦ ଡ୍ୟାମ କେତେ ଜଳ ନିଷ୍କାସନ କରିବ। ବର୍ଷା ପରିମାଣ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ରୁ ଜଣା ପଡ଼ିଥାଏ, ସେଥିରୁ କେତେ ପାଣି ଆସିବ ତଦନୁଯାୟୀ ଜଳ ନିଷ୍କାସନର ଆକଳନ କରାଯାଇଥାଏ। ବନ୍ୟା ଜଳ ପରିଚାଳନା ପାଇଁ ଛତିଶଗଡ଼, ଓଡ଼ିଶା ଓ ସିଡବ୍ଲ୍ୟୁସିର ସନ୍ତୁଳିତ ତଥ୍ୟ ଆଦାନପ୍ରଦାନ ଦ୍ୱାରା ସଠିକ୍ ଭାବେ ହୋଇପାରିବ ବୋଲି ଶ୍ରୀ ନାଗାମୋହନ ଆଶାପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ ପକ୍ଷରୁ ବିଭିନ୍ନ ଡ୍ୟାମ୍ ଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନ ତଥ୍ୟ ହୀରାକୁଦ ମୁଖ୍ୟଯନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଆଜି ବୈଠକ ପରେ ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍ ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ହ୍ରାସ କରାଯାଉଥିବା ନେଇ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଛତିଶଗଡ଼ ଜଳସମ୍ପଦ ବିଭାଗ ଅଧିକାରୀମାନେ ନଦେଇ ଏଡ଼ାଇ ଯାଇଥିଲେ। ଏହାସହ ବନ୍ୟା ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ଓଡ଼ିଶାକୁ ଠିକ୍ ସହଯୋଗ କରୁ ଥିବା ନେଇ ଅଭିଯୋଗକୁ ଅଧିକାରୀମାନେ ଅସ୍ୱୀକାର କରିଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# କେନ୍ଦ୍ରାପଡ଼ା ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ତ୍ରିଶୂଳିଆ/କେନ୍ଦ୍ରାପଡ଼ା, ୮।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ବନ ବିଭାଗର ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ବିରୋଧରେ ବୁଧବାର ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି।

- ୪ଟି ସ୍ଥାନରେ ଏକକାଳୀନ ତଲାସୀ
- ନଗଦ ଅର୍ଥ, ସୁନାରୁପା ଅଳଙ୍କାର, ହୀରା ମୁଦି, ୬ଟି ପ୍ଲଟ୍‌ର ଦଲିଲ ସହ ବହୁ ସାମଗ୍ରୀ ଜବତ



ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଏକକାଳୀନ ଭାବେ ୪ଟି ସ୍ଥାନରେ ତଲାସୀ ଚଳାଇଥିବା ବେଳେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀସ୍ଥିତ ତାଙ୍କ ବାସଭବନରେ ଦୀର୍ଘ ସମୟ ଧରି ଖୋଳତାଡ଼ ଚାଲିଥିଲା। ତଲାସୀ ବେଳେ ବିପୁଳ ପରିମାଣର ନଗଦ ଅର୍ଥ, ସୁନା, ରୁପା ଓ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତି ଠାବ ହୋଇଥିବା ସୂଚନା ମିଳିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ନଗଦ ୨ ଲକ୍ଷ ୧୪ ହଜାର ଟଙ୍କା, ସୁନା ମୁଦି, ସୁନା ଚୁଡ଼ି, ସୁନା କାନଫୁଲ, ଦାମୀ ହାତଘଡ଼ି, ହୀରା ମୁଦି, ରୁପା ପାଉଁଜି, ରୁପା କଏନ, ବ୍ରେସଲେଟ, ୬ଟି ପ୍ଲଟର ଦଲିଲ ଓ ବହୁସଂଖ୍ୟକ ବୀମା ସମ୍ବନ୍ଧୀୟ କାଗଜପତ୍ର ଜବତ କରାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଦଲିଲପତ୍ରର ମଧ୍ୟ ଯାଞ୍ଚ ଜାରି ରହିଛି। ରବୀନ୍ଦ୍ର କୁମାର ନାୟକ ୧୯୮୮ ଅଗଷ୍ଟ ୮ରେ ପୁନର୍ବାସ ଯୋଜନାରେ ଫରେଷ୍ଟର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପୁରୀ ବନ ବିଭାଗ ଅଧୀନ ଖୋର୍ଦ୍ଧାରେ ପ୍ରାୟ ୧ ହଜାର ଟଙ୍କା ଦରମାରେ ତାଙ୍କ କାର୍ଯ୍ୟଜୀବନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱର ସହର ବନ ବିଭାଗ, ଚିଲିକା ବନ୍ୟପ୍ରାଣୀ ବିଭାଗ, ବାଲୁଗାଁ, ଚନ୍ଦକା ବନ୍ୟପ୍ରାଣୀ ବିଭାଗ, ମହାନଦୀ ବନ୍ୟପ୍ରାଣୀ ବିଭାଗ ଏବଂ ନୟାଗଡ଼ରେ ବିଭିନ୍ନ ସମୟରେ କାର୍ଯ୍ୟ କରିଥିଲେ। ୨୦୧୬ ଜୁଲାଇ ୭ରେ ସେ ଉପରେଞ୍ଜର ପଦକୁ ପଦୋନ୍ନତି ପାଇଥିଲେ। ଏହାପରେ ଭୁବନେଶ୍ୱର ଆରସିଏଫ୍ ଅଧୀନରେ ଦାୟିତ୍ୱ ତୁଲାଇଥିଲେ। ୨୦୨୧ ଫେବୃଆରୀ ୮ରେ ସେ ରେଞ୍ଜର ପଦକୁ ପଦୋନ୍ନତି ପାଇ ଆଠଗଡ଼ ଡିଏଫଓଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ପରେ ବଦଳି ହୋଇ କେନ୍ଦ୍ରାପଡ଼ା ବନ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଭାବେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରତ ଅଛନ୍ତି। ଭିଜିଲାନ୍ସ ପକ୍ଷରୁ ଜବତ ସମ୍ପତ୍ତିର ମୂଲ୍ୟାଙ୍କନ, ବ୍ୟାଙ୍କ ଜମା, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦଲିଲପତ୍ରର ଯାଞ୍ଚ ଜାରି ରହିଛି। ତଦନ୍ତ ଶେଷ ପରେ ଅଭିଯୋଗର ପ୍ରକୃତ ସତ୍ୟତା ଏବଂ ଆୟ ବହିର୍ଭୂତ ସମ୍ପତ୍ତିର ପରିମାଣ ସ୍ପଷ୍ଟ ହେବ।



ଜାତୀୟସ୍ତରର ପ୍ରତିଷ୍ଠିତ ସଙ୍ଗୀତ ମହାମଞ୍ଚ 'ଇଣ୍ଡିଆନ୍ ଆଇଡଲ୍'ର ଚୂଡ଼ାନ୍ତ ପର୍ଯ୍ୟାୟରେ ଜ୍ୟୋତିର୍ମୟୀ ନାୟକ

## +୨ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶିତ

# ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ରେଭେନ୍ସା

ଭୁବନେଶ୍ୱର/କଟକ, ୮।୭(ସମିସ): ଯୁକ୍ତ ଦୁଇ ନାମଲେଖା ପାଇଁ ମେଧା ତାଲିକା ଆଜି ପ୍ରକାଶ ପାଇଛି। ସମୁଦାୟ ୪ ଲକ୍ଷ ୬୧ ହଜାର ୩୨୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ୪ ଲକ୍ଷ ୨୯ ହଜାର ୨୧୯ ଅର୍ଥାତ୍ ୯୩.୦୪% ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨ ଲକ୍ଷ ୪୯୩ ଜଣ ଛାତ୍ର, ୨ ଲକ୍ଷ ୨୮ ହଜାର ୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟ ଛାତ୍ରଛାତ୍ରୀ ଅଛନ୍ତି। କଳା, ବିଜ୍ଞାନ ଓ ବାଣିଜ୍ୟରେ କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ୨ ଲକ୍ଷ ୯୭ ହଜାର ୪୫୪ ଜଣ ପିଲା ନିଜର ପ୍ରଥମ ପସନ୍ଦ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଚୟନ ହୋଇଛନ୍ତି।

- ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍‌ଅଫ୍
- ନାମଲେଖାଇବାକୁ ୯୩.୦୪% ପିଲା ଚୟନ

ବିଜ୍ଞାନରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ସର୍ବାଧିକ ୯୩.୪ ପ୍ରତିଶତ ଯାଇଥିବାବେଳେ ଏହା ପଛକୁ ୯୦% କଟ୍‌ଅଫ୍ ସହ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଓ ୮୭.୧୭% କଟ୍‌ଅଫ୍ ସହ କଟକର ଯତିକବି ବୈରାଗୀ କିଶୋର ସରକାରୀ କଲେଜ ତୃତୀୟରେ ରହିଛନ୍ତି। ସେହିପରି କଳାରେ ରେଭେନ୍ସାର କଟ୍-ଅଫ୍ ସର୍ବାଧିକ ୮୧% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୦.୬୭% ଏବଂ ଭବାନୀପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮୦% କଟ୍‌ଅଫ୍ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ରେଭେନ୍ସାର କଟଅଫ୍ ସର୍ବାଧିକ ୮୨.୪% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୧.୨୦% ଏବଂ କଟକର ଯତିକବି ବୈରାଗୀ କିଶୋର କଲେଜର ୭୨.୬୭% ରହିଛି। ନାମଲେଖା ସରିବା ପରେ ଆସନ୍ତା ୨୩ ତାରିଖରୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ

ଭୁବନେଶ୍ୱର, ୮।୭(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ପାଇଁ ସରକାର ଘୋଷଣା କରିବା ପରେ +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ ପାଇଛି। ପୂର୍ବରୁ ନାମଲେଖା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ନୂତନ ଶିକ୍ଷାନୁଷ୍ଠାନକୁ ନିଜ ଆବେଦନରେ ଯୋଡ଼ି ପାରିବେ। ଏଥିପାଇଁ ଆଉ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ମାତ୍ର ପୂର୍ବରୁ ଆବେଦନ କରି ନ ଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ଆବେଦନ କରିପାରିବେ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

- ପୂର୍ବ ଆବେଦନରେ ପରିବର୍ତ୍ତନ କରିପାରିବେ ଛାତ୍ରଛାତ୍ରୀ
- ଆସନ୍ତା ୨୦ରେ ପ୍ରକାଶ ପାଇବ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା
- ଜୁଲାଇ ୨୩ ରୁ ଆରମ୍ଭ ହେବ ପ୍ରଥମ ବର୍ଷ ପାଠପଢ଼ା

ସେହିପରି ପ୍ରଥମ ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ମଧ୍ୟ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଫ୍ରିଜ୍ ଅପ୍‌ସନ୍ ଦେଇ ନାମ ଲେଖାଇଥିଲେ ମଧ୍ୟ ତାକୁ ସ୍ଲାଇଡ୍ ବା ଫ୍ଲୋଟ୍ ଅପ୍‌ସନ୍ ଦେଇ ପାରିବେ। ଫଳରେ ସେମାନଙ୍କ ପୂର୍ବ ନାମଲେଖା ସ୍ୱତଃ ରଦ୍ଦ ହୋଇଯିବ ଓ ପୁନଃ ନାମଲେଖା ପ୍ରକ୍ରିୟାରେ ସାମିଲ ହେବେ। ଅନୁରୂପ ଭାବେ ଫ୍ରିଜ୍, ଫ୍ଲୋଟ୍ ବା ଅଲଟର୍ ଅପ୍‌ସନ୍ ଦେଇଥିବା ପ୍ରାର୍ଥୀମାନେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନକୁ ଯୋଡ଼ି ପାରିବେ। ଯଦି କୌଣସି ପ୍ରାର୍ଥୀ ନିଜ ଆବେଦନକୁ ପରିବର୍ତ୍ତନ ନ କରନ୍ତି, ତା'ହେଲେ ପୂର୍ବରୁ ଦେଇଥିବା ଅପ୍‌ସନ୍‌କୁ ମେଧା ଚୟନରେ ବିଚାରକୁ ନିଆଯିବ।

ସେହିପରି ମାଗଣା ଶିକ୍ଷା ସମ୍ପର୍କରେ ସୁବିଧାରେ ସୂଚନା ପାଇବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସମ୍ପୂର୍ଣ୍ଣ ମାଗଣା ନାମଲେଖା ପାଇଁ ଉଦ୍ଦିଷ୍ଟ ସରକାରୀ ଶିକ୍ଷାନୁଷ୍ଠାନ, ନାମଲେଖା ଫି' ଦାଖଲ କରିବାକୁ ଥିବା ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ୍ ଏବଂ ଉଭୟ ରେଗୁଲାର ଓ ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ ଉପଲବ୍ଧ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୃଥକ କରାଯାଇଛି। ତହିଁରେ ଛାତ୍ରଛାତ୍ରୀମାନେ ସହଜରେ ଆବେଦନ କରିପାରିବେ। ରେଗୁଲାର୍ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍‌ରେ ଏକ ସମ୍ମତିପତ୍ର ଦେବାକୁ ହେବ। ତହିଁରେ ୭୫ ପ୍ରତିଶତ ଉପସ୍ଥାନ ସୁନିଶ୍ଚିତ କରିବାକୁ ଦୈନିକ ବାୟୋମେଟ୍ରିକ୍ ଉପସ୍ଥାନ ଦାଖଲ କରିବେ, ଅନ୍ୟଥା ମାଗଣା ଶିକ୍ଷା ବଦଳରେ ଫି' ଦାଖଲ କରିବାକୁ ହେବ ବୋଲି ସମ୍ମତି ପ୍ରଦାନ କରିବେ।

ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ମୋଟ୍ ୪ ରାଉଣ୍ଡରେ ସରିବ। ପୂର୍ବରୁ ପ୍ରଥମ ରାଉଣ୍ଡ ନାମଲେଖା ସରିଥିବାବେଳେ ଆସନ୍ତା ୧୨ ତାରିଖ ମଧ୍ୟରେ ଆବେଦନକାରୀ ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଆସନ୍ତା ୨୦ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୨୧ରୁ ୨୩ ତାରିଖ ମଧ୍ୟରେ ନାମଲେଖାଇବେ। ଏହାପରେ ୨୯ ତାରିଖରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଏବଂ ଅଗଷ୍ଟ ୧ ତାରିଖ ମଧ୍ୟରେ ଏହି ରାଉଣ୍ଡର ନାମଲେଖା ସରିବ। ବଳକା ସିଟ୍‌ରେ ସ୍ପଟ୍ ନାମଲେଖା ପାଇଁ ୪ ତାରିଖରେ ଛାତ୍ରଛାତ୍ରୀଙ୍କ ନାମ ପ୍ରକାଶ ପାଇବ। ୫ ଓ ୬ରେ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନେ ରିପୋର୍ଟିଂ କରିବେ। ୭ରେ ୱେଟିଂ ମେଧା ତାଲିକା ପ୍ରକାଶ ପାଇବା ପରେ ୧୧ ତାରିଖ ମଧ୍ୟରେ ନାମଲେଖା ସରିବ। ଜୁଲାଇ ୨୭ ତାରିଖରୁ +୩ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଓଜେସିର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# ଫୋକସ୍‌ରେ ପୌର ନିର୍ବାଚନ

ଭୁବନେଶ୍ୱର,୮।୭(ସମିସ): ଆସନ୍ତା ପୌର ନିର୍ବାଚନ ଉପରେ ଫୋକସ୍ କରୁଛି ଓଡ଼ିଶା ଜନତା କଂଗ୍ରେସ। ଏହାକୁ ଆଧାର କରି ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ବୁଧବାର ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ସମସ୍ତ ପଦାଧିକାରୀ ଯୋଗ ଦେଇ ମୌଳିକ ସମସ୍ୟାର ସମାଧାନ ସହ ଦଳର ସଂଗଠନକୁ ସୁଦୃଢ଼ କରିବା କ୍ଷେତ୍ରରେ ରଣନୀତି ପ୍ରସ୍ତୁତ କରିଛନ୍ତି।

ଦଳର ସଭାପତି ଶ୍ରୀ ମୋକିମ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିରନ୍ତର ନିଷ୍ଠାପର ଉଦ୍ୟମ ଜାରି ରହିବ ବୋଲି କହିବା ସହ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ସର୍ବୋପରି ତେଣୁ ଓଡ଼ିଶା ଜନତା କଂଗ୍ରେସ ସମସ୍ତ ସମସ୍ୟାର ସମାଧାନ ଓ ନ୍ୟାୟ ପ୍ରଦାନ ଦିଗରେ ଅହର୍ନିଶି କାର୍ଯ୍ୟ କରିବ ଏବଂ ରାଜରାସ୍ତାରେ ଲଢେଇ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି କହିଛନ୍ତି। ଆଗାମୀ ଦିନରେ ସଭ୍ୟ ସଂଗ୍ରହକୁ ବିଶେଷ ପ୍ରାଧାନ୍ୟ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଏକ ମାସ ଭିତରେ ଜିଲ୍ଲା କମିଟି ଗଠନ ଏବଂ ଘୋଷିତ ଜିଲ୍ଲାରେ ବୁଥ୍ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ସବୁ ଜିଲ୍ଲାର ଜିଲ୍ଲା

**ବିକଶିତ ଓଡ଼ିଶା ଗଠନ ପାଇଁ ନିଷ୍ଠାପର ଉଦ୍ୟମ ଜାରି ରହିବ: ମୋକିମ୍**

ମୁଖ୍ୟାଳୟରେ ମାସକୁ ଅତିକମ୍‌ରେ ଦୁଇଟି ସ୍ଥାନୀୟ ସମସ୍ୟାକୁ ନେଇ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ମାସ ଅଗଷ୍ଟ ପ୍ରଥମ ସପ୍ତାହରେ ପୁରୀ ଠାରେ ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଆସନ୍ତା ପୌର ଏବଂ ପଞ୍ଚାୟତ ନିର୍ବାଚନକୁ ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକଙ୍କ ସମସ୍ୟାକୁ ନେଇ ପ୍ରଚାର ଗାଡ଼ି ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି।

## ପେଶା ଆଇନ ଲାଗୁ ନ କରିବା ଦୁର୍ଭାଗ୍ୟଜନକ: କଂଗ୍ରେସ

ଭୁବନେଶ୍ୱର,୮।୭(ସମିସ): ଆଦିବାସୀ ବହୁଳ ଓଡ଼ିଶା ରାଜ୍ୟରେ ପେଶା ଆଇନ ଲାଗୁ ହୋଇ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ବିକ୍ରାନ୍ତ ଭୁରିଆ କହିଛନ୍ତି। ଏହି ଅବସରରେ କଂଗ୍ରେସ ଭବନ ଠାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଉପଦେଷ୍ଟା ପରିଷଦ ବୈଠକରେ ଯୋଗ ଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରି ଆଗାମୀ ଦିନରେ ଆଦିବାସୀ ସ୍ୱାର୍ଥ ପାଇଁ ଆଦିବାସୀ କଂଗ୍ରେସ ଲଢ଼େଇ କରିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ରାହୁଲ ଗାନ୍ଧୀ ଦେଶ ତମାମ୍ ଆରମ୍ଭ କରିଥିବା "ଛାତ୍ରୋଁ କି ଗୁଞ୍ଜ" କାର୍ଯ୍ୟକ୍ରମ ଶୃଙ୍ଖଳାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଦ୍ୱାରା ବୁଦ୍ଧ ମନ୍ଦିରରେ ଆୟୋଜିତ ଆଦିବାସୀ ଛାତ୍ରଙ୍କ ସହ ବାର୍ତ୍ତାଳାପ କରି ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଗଠନ, ଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଥିବା ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ଓଡ଼ିଶା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ଗିରିଧାରୀ ଗମାଙ୍ଗୋ, ବିଧାୟକ ରାଜନ ଏକ୍କା, ଆଦିବାସୀ କଂଗ୍ରେସର ଓଡ଼ିଶା ପ୍ରଭାରୀ ଗଣେଷ ସିଂ ଧ୍ରୁବ୍ ପ୍ରମୁଖ ସାମିଲ ହୋଇଥିଲେ।

## ଚାପରେ ପୁଲିସ: ଖାଲି ପଡ଼ିଛି ୩୩ ହଜାର ପଦ

କଟକ,୮।୭(ସମିସ): ଓଡ଼ିଶା ପୁଲିସ ବିଭାଗରେ ବ୍ୟାପକ ମାନବ ସମ୍ବଳର ଅଭାବ ରହିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ। ଜନସଂଖ୍ୟା ଅନୁପାତ ଅନୁସାରେ ଅନ୍ୟ ରାଜ୍ୟ ତୁଳନାରେ ମାନବ ସମ୍ବଳ ଓଡ଼ିଶା ପୁଲିସରେ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ସୁଦ୍ଧା ବିଭାଗରେ ପ୍ରାୟ ୩୩ ହଜାର ପଦ ଖାଲି ପଡ଼ିଥିବା ସେ ପ୍ରକାଶ କରିଛନ୍ତି। ଡିଜିପିଙ୍କ କହିବାନୁଯାୟୀ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହା ଭିତରେ ୧୭ ହଜାର ନୂଆ ପଦ ସୃଷ୍ଟି କରିଛନ୍ତି। ପୂର୍ବରୁ ଥିବା ୧୬ ହଜାର ଖାଲି ପଦ ସହିତ ଏହି ନୂତନ ପଦକୁ ମିଶାଇ ସର୍ବମୋଟ ୩୩ ହଜାର ପଦ ଖାଲି ରହିଛି। ସମସ୍ତ ଖାଲି ଥିବା ପଦ ଖୁବଶୀଘ୍ର ପୂରଣ ହେବ ବୋଲି ଡିଜିପି ଆଶା ପ୍ରକଟ କରିଛନ୍ତି। ତେବେ ମାନବ ସମ୍ବଳ ଅଭାବ ପାଇଁ ପୁଲିସ ଚାପରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ସେହିଭଳି ଇନ୍ସପେକ୍ଟର ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁ ମାମଲାର ତଦନ୍ତ ବର୍ତ୍ତମାନ ଜାରି ରହିଛି। ତଦନ୍ତ ଶେଷ ସହ ଏ ସମ୍ପର୍କିତ ରିପୋର୍ଟ ଆସିବା ପରେ ତଦନୁସାରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି। ଆଇପିଏସ୍ ଜଗମୋହନ ମୀନାଙ୍କ ଇସ୍ତଫା ପ୍ରସଙ୍ଗରେ ଡିଜିପି କହିଥିଲେ ଯେ ବ୍ୟକ୍ତିଗତ କାରଣରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି।

# ଓଡ଼ିଶା ହାତରୁ ଖସି ନ ଯାଉ ଶଙ୍ଖାମେଦି

## ଏସ୍‌ଆଇଆର ପ୍ରକ୍ରିୟାରେ ୨୬୮ ଭୋଟର ପଶ୍ଚିମବଙ୍ଗରେ ପଞ୍ଜୀକୃତ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୮।୭ (ସମିସ): ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଭୋଗରାଇ ବ୍ଲକର ଶଙ୍ଖାମେଦି ଗାଁକୁ ନେଇ ପୁଣି ଥରେ ସୀମା ବିବାଦ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସମ୍ପ୍ରତି ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସ୍‌ଆଇଆର) ପ୍ରକ୍ରିୟା ବେଳେ ଏହି ଗାଁର ୨୬୮ ଜଣ ବାସିନ୍ଦାଙ୍କ ନାମ ପୂର୍ବରୁ ପଶ୍ଚିମବଙ୍ଗର ଭୋଟର ତାଲିକାରେ ପଞ୍ଜୀକୃତ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ସୃଷ୍ଟି କରିବା ସହିତ ଓଡ଼ିଶାର ସୀମା ସୁରକ୍ଷା ଓ ପ୍ରଶାସନିକ ଅଧିକାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ଏହାକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଶଙ୍ଖାମେଦୀ ଗାଁ ଓଡିଶା ହାତରୁ ଖସି ନଯାଉ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀଙ୍କଠାରେ ଦାବି ଜଣାଇଛନ୍ତି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଶଙ୍ଖାମେଦି ଗ୍ରାମର ଲୋକେ ବର୍ଷ ବର୍ଷ ଧରି ଓଡ଼ିଶା ସରକାରଙ୍କ ଅଧୀନରେ ରହି ଆସୁଛନ୍ତି। ଅଧିକାଂଶ ଲୋକ ଓଡ଼ିଆ ଭାଷାଭାଷୀ। ସେମାନଙ୍କ ପିଲାମାନେ ସେଠାରେ ଥିବା ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ବିଦ୍ୟାଳୟରେ ପାଠ ପଢ଼ନ୍ତି। ପରିବାରଗୁଡ଼ିକ ଓଡ଼ିଶା ସରକାରଙ୍କ ରାସନ ବ୍ୟବସ୍ଥା ସହିତ ବିଭିନ୍ନ ସରକାରୀ ସୁବିଧା ପାଉଛନ୍ତି ଏବଂ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଓଡ଼ିଶା ସହିତ ଜଡ଼ିତ। ତଥାପି ସେମାନଙ୍କ ନାମ ପଶ୍ଚିମବଙ୍ଗର ଭୋଟର ତାଲିକାରେ ରହିଥିବାରୁ ସେମାନେ ଓଡ଼ିଶାରେ ଭୋଟ ଦେବା ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ରାଜନୈତିକ ଏବଂ ପ୍ରଶାସନିକ ମହଲରେ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଦେଖାଯାଉଛି।

**ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରି ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ଦାବି କଲେ ବିଧାୟକ ଗୌତମବୁଦ୍ଧ**

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ଅନୁସାରେ, ଯଦି ଏହି ପରିସ୍ଥିତିର ସମାଧାନ ଶୀଘ୍ର ନ କରାଯାଏ, ତେବେ ଶଙ୍ଖାମେଦି ଉପରେ ପଶ୍ଚିମବଙ୍ଗର ଦାବିକୁ ଅଧିକ ବଳ ମିଳିପାରେ ଏବଂ ଭବିଷ୍ୟତରେ ଓଡ଼ିଶାର ଦାବି ଦୁର୍ବଳ ହୋଇପାରେ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଭୋଗରାଇ ବିଧାୟକ ଶ୍ରୀ ଦାସ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଥିଲେ। ସେ ମନ୍ତ୍ରୀଙ୍କୁ ଅବଗତ କରାଇ କହିଥିଲେ ଯେ, ଏହା କେବଳ ଭୋଟର ତାଲିକାର ପ୍ରସଙ୍ଗ ନୁହେଁ, ବରଂ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ସୀମା ସୁରକ୍ଷା ସହ ଜଡ଼ିତ ଏକ ଗୁରୁତର ବିଷୟ। ସେ ରାଜ୍ୟ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଧାୟକ ଶ୍ରୀ ଦାସଙ୍କ ସୂଚନା ଅନୁସାରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରି ତତ୍‌କ୍ଷଣାତ୍ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ବିଧାୟକ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଭୋଗରାଇ ଅଞ୍ଚଳରେ ଆଉ ପାଞ୍ଚଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଗତବର୍ଷରୁ କରାଯାଇଥିବା ଦାବିକୁ ମଧ୍ୟ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ମନ୍ତ୍ରୀ ଏହି ପ୍ରସ୍ତାବ ଉପରେ ମଧ୍ୟ ଶୀଘ୍ର ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଶଙ୍ଖାମେଦି ପ୍ରସଙ୍ଗ ବର୍ତ୍ତମାନ କେବଳ ଏକ ସୀମାନ୍ତ ଗାଁର ସମସ୍ୟା ହୋଇ ରହିନାହିଁ; ଏହା ଓଡ଼ିଶାର ଭୌଗୋଳିକ ପରିଚୟ, ସ୍ଥାନୀୟ ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଓ ରାଜ୍ୟର ସାର୍ବଭୌମ ପ୍ରଶାସନିକ ସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି। ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବୀ ମହଲ ଆଶା କରୁଛନ୍ତି ଯେ ରାଜ୍ୟ ସରକାର ଏହି ବିଷୟରେ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେଇ ଶଙ୍ଖାମେଦିର ସ୍ୱାର୍ଥ ଓ ଓଡ଼ିଶାର ଅଧିକାରକୁ ସୁରକ୍ଷିତ ରଖିବେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଶୁଭଫଳ ପ୍ରଦାନ କରିପାରେ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିପାରେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଦାନ ଧର୍ମ କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୁରୁଣା ନିବେଶରୁ ଲାଭ ମିଳିବ। କାର୍ଯ୍ୟରେ ସଫଳତା ମିଳିପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁ ମିଳନ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ଚଞ୍ଚଳ ରହିବ।

**ମକର:** ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଧୈର୍ଯ୍ୟ ରଖି ଚାଲିବେ। ପରିଶ୍ରମର ଫଳ ମିଳିବ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ଲାଭ ମିଳିବ।

## ଆଜିର ଇତିହାସ

- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୨୫- ବଲିଉଡ୍‌ର ପ୍ରଖ୍ୟାତ ନିର୍ଦ୍ଦେଶକ ଗୁରୁଦତ୍ତଙ୍କ ଜନ୍ମ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।

## 'ବାରାଣସୀ' ସେଟ୍‌ରୁ ମହେଶ ବାବୁଙ୍କ ଫଟୋ ଲିକ୍



ଏସ୍. ଏସ୍. ରାଜାମୌଳିଙ୍କ ଫିଲ୍ମ 'ବାରାଣସୀ'ର ରିଲିଜ୍‌କୁ ଦର୍ଶକେ ଏବେ ଅପେକ୍ଷା କରି ରହିଛନ୍ତି। ସେଥିପାଇଁ ନିର୍ମାତା ଫିଲ୍ମ ସମ୍ପର୍କିତ ଅପଡେଟ୍ ଦର୍ଶକଙ୍କ ନିମନ୍ତେ ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି। ନିକଟରେ ଫିଲ୍ମର ସୁଟିଂ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଛି। ଏହା ମହେଶବାବୁଙ୍କ ରାମ ଭୂମିକାର ଫଟୋ ବୋଲି କୁହାଯାଉଛି। ଭାଇରାଲ ଫଟୋରେ ମହେଶ ବାବୁ ହାତରେ ଧନୁ ଶର ଧରି ନଜର ଆସିଛନ୍ତି। ଏହି ସିନ୍ ରାମଙ୍କ ବନବାସ ସମୟର ବୋଲି କୁହାଯାଉଛି। ଫଟୋ ଭାଇରାଲ ହେବା ପରେ ସୋସିଆଲ ମିଡିଆ ୟୁଜର୍ସମାନେ ଏହାକୁ ରଣବୀର କପୁରଙ୍କ 'ରାମାୟଣ' ଲୁକ୍ ସହିତ ତୁଳନା କରିବା ଆରମ୍ଭ କରିଦେଇଛନ୍ତି। ଏଥିରେ କିଛି ଦର୍ଶକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ନମିତ ଏବଂ ରଣବୀର ପ୍ରସ୍ତୁତ ରହିବା ଉଚିତ। ରାଜାମୌଳିଙ୍କ ୧୦ ମିନିଟ୍ ସମ୍ପୂର୍ଣ୍ଣ 'ରାମାୟଣ' ଚଳଚ୍ଚିତ୍ର ଉପରେ ଭାରୀ ପଡ଼ି ନ ଯାଉ, ଯେମିତି ସେ ଟିଜର୍ ସହିତ କରିଥିଲେ। ସେହିଭଳି ଆଉ କିଛି ଜଣ ଏହା ଏଆଇ ଦ୍ୱାରା ପ୍ରସ୍ତୁତ ଫଟୋ ବୋଲି କହୁଛନ୍ତି। ରାଜାମୌଳି ଗତ ବର୍ଷ ଏକ କାର୍ଯ୍ୟକ୍ରମରେ କହିଥିଲେ, 'ପ୍ରଥମ ଦିନ, ଯେତେବେଳେ ମହେଶ ବାବୁ ଫଟୋସୁଟ୍ ପାଇଁ ଭଗବାନ ରାମଙ୍କ ବେଶରେ ଆସିଲେ, ସେତେବେଳେ ମୋ ମଧ୍ୟରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୋଇଥିଲା। ମୁଁ ଦ୍ୱନ୍ଦ୍ୱରେ ଥିଲି। ମହେଶଙ୍କଠାରେ କୃଷ୍ଣଙ୍କ ଭଳି ଆକର୍ଷଣ ଓ ରାମଙ୍କ ଭଳି ଶାନ୍ତି ମୋତେ ଅନୁଭୂତ ହୋଇଥିଲା। ମୁଁ ସେହି ଫଟୋଟିକୁ ନିଜ ୱାଲପେପର୍ ମଧ୍ୟ କରିଥିଲି ଏବଂ କେହି ଏହାକୁ ଦେଖିଦେବେ ଆଶଙ୍କା କରି ହଟାଇ ଦେଇଥିଲି। ମହେଶବାବୁଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ପୃଥ୍ୱୀରାଜ କୁମ୍ଭକର୍ଣ୍ଣ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ଚଳଚ୍ଚିତ୍ରଟି ୭ ଅପ୍ରେଲ, ୨୦୨୭ ରେ ମୁକ୍ତିଲାଭ କରିବ।

## ଆଜି ଆସିଥିଲେ

## ବାଣୀକଣ୍ଠ ନିମାଇଁ ହରିଚନ୍ଦନ



ଓଡ଼ିଶାର ପ୍ରଥମ ପେଶାଦାର କଣ୍ଠଶିଳ୍ପୀ ରୂପେ ନିମାଇଁ ଚରଣ ହରିଚନ୍ଦନଙ୍କୁ ଜଣାଯାଏ। ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୁ, ଚଉତିଶା, ଭଜନ, ଜଣାଣ, ପାରମ୍ପରିକ ସଙ୍ଗୀତ ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏହାବାଦ୍ ବୈଦେହୀଶ ବିଳାସ, ବିଦଗ୍ଧ ଚିନ୍ତାମଣି, ବିଚିତ୍ର ରାମାୟଣ, ମଥୁରା ମଙ୍ଗଳ, ଗୋପୀଭାଷା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପରି କାବ୍ୟ କୃତି ବି ତାଙ୍କ କଣ୍ଠରେ ରେକର୍ଡ ହୋଇଛି। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତଃ ଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ତାଙ୍କର ଭାବପୂର୍ଣ୍ଣ ଏବଂ ସୁମଧୁର କଣ୍ଠସ୍ୱର ପାଇଁ ତାଙ୍କୁ 'ବାଣୀକଣ୍ଠ' ଉପାଧିରେ ଭୂଷିତ କରାଯାଇଥିଲା। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳ ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ୧୯୩୩ ମସିହାରେ ତାଙ୍କ ସୁମଧୁର ସଙ୍ଗୀତଗୁଡ଼ିକ ଏଚ୍‌ଏମ୍‌ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡାକ ନ ଶୁଣ', 'ନୀଳସିନ୍ଧୁ ତୀରେ', 'କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ ବାଣୀକଣ୍ଠ। ୧୯୩୮ ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ପରଲୋକ ହୋଇଥିଲା।

## ନିଆରା ସେବା

## ଘରୋଇ କାର୍ଯ୍ୟଠୁ ଆରମ୍ଭ କରି ଏକାକୀତ୍ୱ ଦୂରେଉଛନ୍ତି ଜେଜେମା

ଏକାକୀତ୍ୱ ମଣିଷକୁ ଭିତରୁ ଦୁର୍ବଳ ଏବଂ ନିଃସଙ୍ଗ କରିଦିଏ। ଏକାକୀତ୍ୱର ଭାବନା ଅତ୍ୟଧିକ ବଢ଼ିଗଲେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଏ। ଆଜିର ବ୍ୟସ୍ତବହୁଳ ଜୀବନରେ ଏକୁଟିଆ ଅନୁଭବ କରିବା ସାଧାରଣ କଥା। ଲୋକଙ୍କର ଏହି ସମସ୍ୟା ଦୂର କରିବାକୁ ଟୋକିଓସ୍ଥିତ କମ୍ପାନି 'କ୍ଲାଏଣ୍ଟ ପାର୍ଟନର' 'ଓକେ ଗ୍ରାଣ୍ଡମା' ନାମକ ଏକ ସ୍ୱତନ୍ତ୍ର ସେବା ଆରମ୍ଭ କରିଛନ୍ତି। ଏହି ସେବାରେ ଲୋକେ ଘଣ୍ଟା ପ୍ରତି ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଦେଇ ଜଣେ ଆଈ କିମ୍ବା ଜେଜେମା'ଙ୍କୁ ଭଡ଼ାରେ ନେଇପାରିବେ। 'କ୍ଲାଏଣ୍ଟ ପାର୍ଟନର୍ସ' ସଂସ୍ଥା ଦ୍ୱାରା ୨୦୧୧-୧୨ ମସିହାରୁ ଏହି ସେବା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜାପାନରେ ବଢ଼ୁଥିବା ଏକାକୀତ୍ୱ ସମସ୍ୟାକୁ ଦୂର କରିବା ଏବଂ ବୟସ୍କ ମହିଳାମାନଙ୍କୁ ସମାଜରେ ପୁଣିଥରେ ସକ୍ରିୟ କରି ରୋଜଗାରକ୍ଷମ କରିବା ଏହି ସେବାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୬୦ ରୁ ୯୪ ବର୍ଷ ବୟସର ଅଭିଜ୍ଞ ମହିଳାମାନଙ୍କୁ ଏଥିରେ ନିଯୁକ୍ତ କରାଯାଏ। ଏହି ଆଈ ବା ଜେଜେମାମାନେ ଗ୍ରାହକଙ୍କ ଘରକୁ ଯାଇ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ ରୋଷେଇ କରିବା, ଘର ସଫାସୁତୁରା କରିବା ଏବଂ ଛୋଟ ପିଲାଙ୍କ ଦେଖାଶୁଣା କରନ୍ତି। ଅନେକ ସମୟରେ ଯୁବପିଢ଼ି ନିଜର ବ୍ୟକ୍ତିଗତ ସମସ୍ୟା, ସମ୍ପର୍କର ତିକ୍ତତା କିମ୍ବା ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ମଧ୍ୟ ସେମାନଙ୍କ ପରାମର୍ଶ ଲୋଡ଼ିଥାନ୍ତି। କେତେକ ଗ୍ରାହକ କୌଣସି ପାରିବାରିକ ବିବାଦ ସମାଧାନ କରିବା, ପରିବାର ପ୍ରାୟୋଜିତ କାର୍ଯ୍ୟକ୍ରମ କିମ୍ବା ବିବାହ ଉତ୍ସବରେ ଜେଜେମା' ଭାବରେ ସାମିଲ ହେବା ପାଇଁ ମଧ୍ୟ ଏମାନଙ୍କୁ ଭଡ଼ାରେ ନେଇଥାନ୍ତି। ଏହି ସେବା ପାଇଁ ଗ୍ରାହକଙ୍କୁ ପ୍ରତି ଘଣ୍ଟା ହିସାବରେ ଜେଜେମାଙ୍କୁ ଭାରତୀୟ ମୁଦ୍ରାରେ ୧୯୧୭.୦୭ ଟଙ୍କା ଦେବାକୁ ପଡ଼ିଥାଏ। ଏହାସହ ଯାତାୟାତ ଖର୍ଚ୍ଚ ଅଲଗା ଦେବାକୁ ପଡ଼େ। ଏହି ସେବା କେବଳ ଏକାକୀ ରହୁଥିବା ଯୁବକଯୁବତୀଙ୍କୁ ପାରିବାରିକ ସ୍ନେହ ଓ ଆଶ୍ୱାସନା ପ୍ରଦାନ କରୁନାହିଁ, ବରଂ ଅବସର ପରେ ବୟସ୍କ ମହିଳାମାନଙ୍କୁ ଏକ ସ୍ୱାଧୀନ ଓ ସମ୍ମାନଜନକ ଜୀବନ ଜୀଇଁବାର ସୁଯୋଗ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ସେବା ବିଷୟରେ ଭାଇରାଲ ହେବା ପରେ ଏହାକୁ ଅନେକ ପ୍ରଶଂସା କରିଛନ୍ତି।



## ମୃତ୍ତିକାଶିଳ୍ପର ରାଣୀ ସୋନାବାଈ





ଜଣେ କଳାକାର ଅନେକ ପାରିପାର୍ଶ୍ୱିକ ସ୍ଥିତି ଦେଇ ଗତି କଲେ ମଧ୍ୟ, କଳାପ୍ରତି ଥିବା ନିଷ୍ଠା, ଉତ୍ସାହ ଦ୍ୱାରା ସେ ନିଜର ପରିଚୟ ସୃଷ୍ଟି କରିଥାଏ। ସେମିତି ଜଣେ କଳାକାର ହେଲେ, ଛତିଶଗଡ଼ର ସୋନାବାଈ ରାଜୱାର। ଯେ କି ୧୫ ବର୍ଷ ଗୃହବନ୍ଦୀ, ଏକଲାପଣ ଏବଂ ଅବସାଦ ପରେ ମଧ୍ୟ ଭାଙ୍ଗି ନ ଥିଲେ। ପିଲାବେଳୁ ଶିଖିଥିବା ଲୋକକଳାକୁ ସେ ନିଜର ଅସ୍ତ୍ର କରିଥିଲେ। ମାଟିରେ ଭଳିକି ଭଳି କଳାକୃତି କରି ନିଜ ଘରକୁ ସେ ଏକ ମ୍ୟୁଜିୟମର ରୂପ ଦେଇଥିଲେ।

### ଝରକା ବିହିନ ଘରେ ୧୫ ବର୍ଷ ବନ୍ଦୀ

ସୋନାବାଈ ୧୯୩୦ ମସିହାରେ ଛତିଶଗଡ଼ ସରଗୁଜା ଜିଲ୍ଲାର ପୁହପୁଟରା ଗାଁରେ ଜନ୍ମ ହୋଇଥିଲେ। ମାତ୍ର ୧୪ ବର୍ଷ ବୟସରେ ସେ ବିବାହ କରିଥିଲେ। ପ୍ରାରମ୍ଭରେ ଜୀବନ ସହଜ ଥିଲା, ହେଲେ ପରିବାର ଭାଗବଣ୍ଟା ପରେ ତାଙ୍କ ଜୀବନରେ କଳାବାଦଲ ଛାଇ ଯାଇଥିଲା। ସେ ଏକଲାପଣର ଶିକାର ହୋଇଥିଲେ। ପୁଅ ଜନ୍ମ ପରେ ତାଙ୍କ ସ୍ୱାମୀ ତାଙ୍କୁ ଏକ ଝରକା ବିହୀନ ଘରେ ବନ୍ଦୀ କରି ରଖିଥିଲେ। ପୁଅ ସହ ଏକୁଟିଆ ଅନ୍ଧାର, ଗରମ କୋଠରୀରେ ସେ ରହୁଥିଲେ। ସେଠାରେ ପୁଅର ମନ ଭୁଲାଇବା ଏବଂ ନିଜର ଏକଲାପଣ ଦୂରେଇବା ପାଇଁ ସେ ମାଟିରେ ଖେଳଣା ପ୍ରସ୍ତୁତି କଲେ।

### ପାରମ୍ପରିକ ଭିତ୍ତିକଳା

ସେ କାନ୍ଥ ଏବଂ ଭୂଇଁରୁ ମାଟି ଖୋଳି ସେଥିରେ ଭଳିକି ଭଳି ଭିତ୍ତି କଳାକୃତି କରୁଥିଲେ। ଏହା ପ୍ରାଚୀନ ଲୋକକଳା ଭାବେ ପରିଚିତ। କାନ୍ଥରେ ମଣିଷ, ପଶୁପକ୍ଷୀ, ଦେବଦେବୀଙ୍କ ସମେତ, ଛାତ ଏବଂ ଅଗଣା ମଧ୍ୟ କଳାକୃତିରେ ପୂର୍ଣ୍ଣ କରିଥିଲେ। ଏଥିସହ ଗରମରୁ ସୁରକ୍ଷା ପାଇଁ ବାଉଁଶ ତାଟିରୁ ଜାଲି ପ୍ରସ୍ତୁତ କରି ମାଟିନେସି ରଙ୍ଗ ଦେଇଥିଲେ। ଏଥିରେ ପବନ ଏବଂ ସୂର୍ଯ୍ୟାଲୋକ ଆସୁଥିଲା। ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଥିଲା।

### ଗୃହରୁ ସଂଗ୍ରହାଳୟ

୧୯୮୩ ମସିହାରେ ଭୋପାଳର ଏକ ଗବେଷଣା ଟିମ୍ ତାଙ୍କ ଗାଁରେ ପହଞ୍ଚିଥିଲେ। ସୋନାବାଈଙ୍କ ଘର ଏବଂ ଅଦ୍ଭୁତ ଚିତ୍ରକଳା ଦେଖି ସେମାନେ ବିସ୍ମିତ ହୋଇଥିଲେ। ଚିତ୍ରକଳା ପାଇଁ ସେ ରାଷ୍ଟ୍ରୀୟ ସମ୍ମାନ ଏବଂ ଶିଳ୍ପଗୁରୁ ଭଳି ସର୍ବୋଚ୍ଚ ସମ୍ମାନ ପାଇଥିଲେ। ୨୦୦୭ରେ ସୋନାବାଈଙ୍କ ନିଧନ ପରେ ତାଙ୍କ ଘରକୁ ସଂଗ୍ରହାଳୟ ଭାବେ ସଂରକ୍ଷିତ କରାଯାଇଛି। ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହା ଦେଖିବାକୁ ଆସନ୍ତି।

## ସୁଶ୍ରୀ

## ହଜି ଯାଉଥିବା ସ୍ୱାଦ

## ମୁଗ ଖାସି ମାଂସ



### ଆବଶ୍ୟକ ସାମଗ୍ରୀ

ଖାସି ମାଂସ – ୩୦୦ ଗ୍ରାମ୍, ମୁଗ – ଏକ କପ୍, କଟା ପିଆଜ – ଏକ କପ୍, ଟମୋଟୋ – ଏକ କପ୍, ଅଦା ରସୁଣ ପେଷ୍ଟ – ଅଳ୍ପ, ହଳଦୀଗୁଣ୍ଡ –ଏକ ଚାମଚ, ଲଙ୍କା ଗୁଣ୍ଡ- ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ଗରମ ମସଲା - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ମୁଗକୁ ଦୁଇ ତିନିଘଣ୍ଟା ପାଣିରେ ବତୁରାଇ ରଖନ୍ତୁ। ଏହାପରେ ମଟନକୁ ଧୋଇ ସେଥିରେ ଆବଶ୍ୟକ ମୁତାବକ ଲୁଣ ହଳଦୀ ଦେଇ ଗୋଳାନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇଗଲେ ସେଥିରେ ଅଦାରସୁଣ ଏବଂ ଟମାଟୋ ଦେଇ ଭାଜନ୍ତୁ। ଟମାଟୋ ନରମ ହୋଇଆସିଲେ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଗରମମସଲା ଦେଇ କଷନ୍ତୁ। ଏହାପରେ ମଟନକୁ ଦେଇ କଷନ୍ତୁ। ମଟନ କଷି ହୋଇଆସିଲେ ସେଥିରେ ବତୁରା ମୁଗ ଦିଅନ୍ତୁ। ଏହାପରେ ଅଳ୍ପ ପାଣି ଦେଇ ୩୦ ମିନିଟ୍ ଘୋଡ଼ାନ୍ତୁ। ଢାଙ୍କୁଣି ଖୋଲି ଧନିଆ ପତ୍ର ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମୁଗ ଖାସି ମାଂସ'।

## ବର୍ଷାରେ କେଶ ଭିଜି ଗନ୍ଧାଉଥିଲେ



**ସାଧାରଣତଃ ବର୍ଷାଦିନେ କେଶ ବାରମ୍ବାର ଓଦା ହୋଇଥାଏ। ଫଳରେ ଚିପ୍‌ଚିପା, କେଶଝଡ଼ା ସହ ଦୁର୍ଗନ୍ଧ ଆସିଥାଏ। ବର୍ଷାପାଣି, ପ୍ରଦୂଷଣ ଏବଂ ଗୁଳୁଗୁଳି ସଂସ୍ପର୍ଶରେ ଆସି କେଶମୂଳକୁ କ୍ଷତି ପହଞ୍ଚାଏ। ଏହାକୁ ଦୂରେଇ ଦେବା ପାଇଁ କିଛି ସରଳ ଉପାୟ ଆପଣାଇ କେଶର ଯତ୍ନ ନେଇପାରିବେ।**

### ଓଦା ପରେ କେଶ ଧୁଅନ୍ତୁ

ବର୍ଷାପାଣି ଆଖିକୁ ସ୍ୱଚ୍ଛ ଏବଂ ନିର୍ମଳ ଦିଶିଲେ ମଧ୍ୟ ଏଥିରେ ଧୂଳି, ପ୍ରଦୂଷଣ ସମେତ କ୍ଷତିକାରକ ତତ୍ତ୍ୱ ଥାଏ। ତେଣୁ ବର୍ଷାରେ ଭିଜିଥିଲେ କେଶକୁ ସଙ୍ଗେ ସଙ୍ଗେ ଧୋଇ ଶୁଖାନ୍ତୁ।

### ଓଦା କେଶ କୁଣ୍ଡାନ୍ତୁନି

ଓଦାକେଶ ଖୁବ୍ ଦୁର୍ବଳ ହୋଇଥାଏ। ଏହି ସମୟରେ କୁଣ୍ଡାଇଲେ, କେଶ ଛିଣ୍ଡିବାର ସମ୍ଭାବନା ଥାଏ। ଏଥିପାଇଁ କେଶକୁ ତଉଲିଆରେ ପୋଛି ଶୁଖାନ୍ତୁ। ଏହାପରେ ମୋଟାଦାନ୍ତ ପାନିଆରେ କେଶ କୁଣ୍ଡାନ୍ତୁ।

### ମୁକୁଳା ନ କରି ବାନ୍ଧନ୍ତୁ

ବର୍ଷା, ପବନରେ ଖୋଲା କେଶ ଶୀଘ୍ର ଜଟ ହୋଇଯାଏ। ତେଣୁ ବାହାରକୁ ଯିବା ସମୟରେ କେଶକୁ ବାନ୍ଧି ଦିଅନ୍ତୁ ନଚେତ୍ ବେଣୀ କରନ୍ତୁ। ଏପରି କଲେ କେଶ ସୁରକ୍ଷିତ ରହିଥାଏ।

## ଆଇସ୍ୟାଡୋ ଷ୍ଟିକ୍

ଆଇସ୍ୟାଡୋ ପାଉଡର ଏବଂ କ୍ରିମ୍ ସେଡ୍‌ରେ ଆସିଥାଏ। ଏହାକୁ ହାତ ଏବଂ ବ୍ରଶ୍‌ରେ ଲଗାଇ ବ୍ଲେଣ୍ଡ କରାଯାଏ। ଏହି ପ୍ରକ୍ରିୟା ସାମାନ୍ୟ କଷ୍ଟକର ହୋଇଥାଏ। ହେଲେ ଏହାକୁ ସହଜ କରିବା ପାଇଁ ଏବେ ଆଇସ୍ୟାଡୋ ଷ୍ଟିକ୍ ମଧ୍ୟ ଉପଲବ୍ଧ। ଏହା ନେସି ହେବା ସମସ୍ୟାକୁ ଦୂର କରି ପରଫେକ୍ଟ ସ୍ମୋକୀ ଏବଂ ସିମରିଂ ମେକ୍‌ଅପ୍ ଲୁକ୍ ଦେଇଥାଏ।

- ଏହାକୁ କଳା ଭଳି ସିଧାସଳଖ ଆଖିପତାରେ ଲଗାଇ ସ୍ୱାଇପ୍ କରିପାରିବେ। ଏହା ଲଗାଇବା ମଧ୍ୟ ଖୁବ୍ ସହଜ ହୋଇଥାଏ।
- ଏହା ଖୁବ୍ ଛୋଟ ଏବଂ ଟ୍ରାଭେଲ ଫ୍ରେଣ୍ଡଲି ହୋଇଥାଏ। ଏହାକୁ ବ୍ୟାଗ୍‌ରେ ରଖି ଯେ କୌଣସି ସମୟରେ ବ୍ୟବହାର କରିପାରିବେ।
- ସେହିପରି କେତେକ ଆଇସ୍ୟାଡୋ ଷ୍ଟିକ୍ ସ୍ମଜ୍ ପ୍ରୁଫ୍ ଏବଂ ୱାଟର୍‌ପ୍ରୁଫ୍ ମଧ୍ୟ ହୋଇଥାଏ। ଫଳରେ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ।

## ସୁସ୍ଥ ନିଦ୍ରାରୁ ତ୍ୱଚା ଦିଶିବ ଆକର୍ଷଣୀୟ

ସୁନିଦ୍ରା ତ୍ୱଚାରେ ଚମକ ଆଣିବା ସହ ସତେଜ ଅନୁଭୂତି ଦେଇଥାଏ। ହେଲେ ନିଦ ପୂରା ନ ହେଲେ ଆଖିତଳ କଳାପଡ଼ିବା ସହ, ଚେହେରାରେ ଥକ୍କାପଣ ଏବଂ ତ୍ୱଚାର ଚମକ ନଷ୍ଟ ହୋଇଯାଏ। ତେଣୁ ସୁନିଦ୍ରା ପାଇଁ କେତେଘଣ୍ଟା ଶୋଇବେ ଜାଣି ରଖନ୍ତୁ।

- ଶୋଇବା ସମୟରେ ତ୍ୱଚା ରିପାୟର ମୋଡ୍‌ରେ ଥାଏ। ଏହି ସମୟରେ ନୂଆ ସ୍କିନ୍ ସେଲ୍‌ସ ତିଆରି ହେବା ସହ କ୍ଷତିଗ୍ରସ୍ତ କୋଷର ମରାମତି ହୋଇଥାଏ। ତେଣୁ ସୁସ୍ଥ ନିଦ୍ରା ସୁନ୍ଦରତା ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ଜଣାଯାଏ।
- ବିୟୁଟି ସ୍ଲିପ୍ ତ୍ୱଚା ଏବଂ କେଶକୁ ସୁସ୍ଥ କରିବାରେ ସହାୟକ ହୋଇଥାଏ। ଏହା ଶରୀରର ପ୍ରାକୃତିକ ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ।
- ନିଦ୍ରାଭାବ ହେଲେ ଏହାର ପ୍ରଭାବ ପ୍ରଥମେ ତ୍ୱଚାରେ ଦେଖିବାକୁ ମିଳିଥାଏ। ଆଖିତଳ କଳାଦାଗ ପଡ଼ିବା ସହ ତ୍ୱଚା ରୁକ୍ଷ ଏବଂ ଶୁଷ୍କ ହୋଇଯାଏ।






## ଫିଫା ବିଶ୍ୱକପ୍: ଆଜିଠାରୁ କ୍ୱାର୍ଟର ଲଢ଼େଇ

# ସେମିଫାଇନାଲ ଲକ୍ଷ୍ୟରେ ଫ୍ରାନ୍ସ-ମରୋକ୍କୋ

ଫକ୍ସବରୋ,୮।୭(ଏଜେନ୍ସି):

ଚଳିତ ଫିଫା ବିଶ୍ୱକପ୍‌ର ଦୁଇଟି ନକ୍‌ଆଉଟ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ପ୍ରଥମଥର ୪୮ଟି ଦେଶ ବିଶ୍ୱକପରେ ଅଂଶଗ୍ରହଣ କରିଥିଲାବେଳେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବାର ରହିଥିଲା। ଏହାମଧ୍ୟରେ ୪୦ଟି ଦେଶ ପ୍ରତିଯୋଗିତାରୁ ବିଦା ହୋଇସାରିଛନ୍ତି। ସେହିଭଳି ଆଉ ମାତ୍ର ୮ଟି ମ୍ୟାଚ୍ ଖେଳାଯିବାକୁ ବାକି ରହିଛି। ଏହା ମଧ୍ୟରେ ଗୁରୁବାରଠାରୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବାକୁଯାଉଛି। ୟୁରୋପ ମହାଦେଶରୁ ସର୍ବାଧିକ ୬ଟି, ଦକ୍ଷିଣ ଆମେରିକାରୁ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା, ଆଫ୍ରିକା ମହାଦେଶରୁ ମରୋକ୍କୋ କ୍ୱାର୍ଟର ଫାଇନାଲରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ୟୁରୋପୀୟ ଦଳ ଭାବେ ଗତ ସଂସ୍କରଣର ରନର୍ସଅପ୍ ଫ୍ରାନ୍ସ, ସ୍ପେନ, ବେଲଜିୟମ, ଇଂଲଣ୍ଡ, ନରୱେ ଓ ସ୍ୱିଜରଲାଣ୍ଡ ଟିକି ରହିଛନ୍ତି। ଫକ୍ସବରୋରେ ଗୁରୁବାର ରାତିରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳାଯିବ।



### ବିଶ୍ୱକପ୍-୨୦୨୬ର ଅବଶିଷ୍ଟ ଖେଳସୂଚୀ

| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| କ୍ୱାର୍ଟର ଫାଇନାଲ-୪ | | | | |
| ୧ | ଜୁଲାଇ ୯ | ଫ୍ରାନ୍ସ-ମରୋକ୍କୋ | ବୋଷ୍ଟନ | ଗୁରୁବାର ରାତି ୧ଟା୩୦ |
| ୨ | ଜୁଲାଇ ୧୦ | ସ୍ପେନ୍-ବେଲଜିୟମ | ଲସ୍ ଏଞ୍ଜେଲ୍ସ | ଶୁକ୍ରବାର ରାତି ୧୨ଟା୩୦ |
| ୩ | ଜୁଲାଇ ୧୧ | ଇଂଲଣ୍ଡ-ନରୱେ | ମିଆମି | ଶନିବାର ରାତି ୨ଟା୩୦ |
| ୪ | ଜୁଲାଇ ୧୨ | ଆର୍ଜେଣ୍ଟିନା-ସ୍ୱିଜରଲାଣ୍ଡ | କାନ୍‌ସାସ୍ ସିଟି | ରବିବାର ସକାଳ ୬ଟା୩୦ |
| ସେମି ଫାଇନାଲ-୨ | | | | |
| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
| ୫ | ଜୁଲାଇ ୧୪ | ମ୍ୟାଚ୍ ୧ ଓ ୨ର ବିଜେତା | ଆର୍ଲିଙ୍ଗଟନ | ବୁଧବାର ରାତି ୧୨ଟା୩୦ |
| ୬ | ଜୁଲାଇ ୧୫ | ମ୍ୟାଚ୍ ୩ ଓ ୪ରୁ ବିଜେତା | ଆଟଲାଣ୍ଟା | ଗୁରୁବାର ରାତି ୧୨ଟା୩୦ |
| ତୃତୀୟ ସ୍ଥାନ ଲାଗି | | | | |
| ୭ | ଜୁଲାଇ ୧୮ | ମ୍ୟାଚ୍ ୫ଓ ୬ର ପରାଜିତ | ମିଆମି | ଶନିବାର ରାତି ୨ଟା ୩୦ |
| ଗ୍ରାଣ୍ଡ ଫାଇନାଲ | | | | |
| ୮ | ଜୁଲାଇ ୧୯ | ମ୍ୟାଚ୍ ୫ଓ ୬ର ବିଜେତା | ନ୍ୟୁଜର୍ସୀ | ରବିବାର ରାତି ୨ଟା ୩୦ |

### ଏମ୍‌ବାପେଙ୍କ ଟିମ୍ ଫେବରାଇଟ

ରେକର୍ଡ ଦେଖିଲେ ଡିଡିୟର ଡେସ୍‌ଚାମ୍ପଙ୍କ ପ୍ରଶିକ୍ଷଣ ଓ କିଲିଆନ୍ ଏମ୍‌ବାପେଙ୍କ ନେତୃତ୍ୱରେ ଗଠିତ ଫ୍ରାନ୍ସ ଏହି ମୁକାବିଲାରେ ଫେବରାଇଟ୍ ବୋଲି ବିବେଚନା କରାଯାଉଛି। ଏଯାବତ ବିଶ୍ୱକପ ଜିତିଥିବା ୬ଟି ଦେଶ ମଧ୍ୟରେ ଫ୍ରାନ୍ସ ରହିଛି। ଫ୍ରାନ୍ସ ୧୯୯୮ ଓ ୨୦୧୮ରେ ୨ଥର ଟାଇଟଲ ବିଜୟୀ ହୋଇଛି। ଗତଥର ଆର୍ଜେଣ୍ଟିନା ନିକଟରୁ ଫାଇନାଲରେ ପରାଜିତ ହୋଇ ଫ୍ରାନ୍ସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ଟିମ୍‌ର ରେକର୍ଡ ଆଗରେ ମରୋକ୍କୋ ବହୁ ପଛରେ ରହିଛି। ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ତାହାର ସମସ୍ତ ୫ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଲିଗ୍ ପର୍ଯ୍ୟାୟରେ ଫ୍ରାନ୍ସ ୩-୧ରେ ସେନେଗାଲକୁ, ୩-୦ରେ ଇରାକକୁ ଓ ୪-୧ରେ ନରୱେକୁ ପରାସ୍ତ କରିଥିଲା। ରାଉଣ୍ଡ ଅଫ୍ ୩୨ରେ ସ୍ୱିଡେନକୁ ୩-୦ରେ ହରାଇଥିବା ଫ୍ରାନ୍ସକୁ ରାଉଣ୍ଡ ଅଫ୍ ୧୬ରେ ପାରାଗୁଏକୁ ହରାଇବା ଲାଗି ପେନାଲ୍ଟିର ସହାୟତା ନେବାକୁ ପଡ଼ିଥିଲା। ଦଳ ଏଯାଏ ୧୪ଟି ଗୋଲ ଦେଇଥିଲାବେଳେ ୨ଟି ଗୋଲ ବରଣ କରିଛି। ଅଧିନାୟକ ଏମବାପେ ସର୍ବାଧିକ ୭ଟି ଗୋଲ ସ୍କୋର କରଛନ୍ତି। ଚଳିତବର୍ଷ ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ଓଉସାନେ ଡେମ୍ବେଲେ ୪ଟି ଗୋଲ ଦେଇସାରିଛନ୍ତି। ଦଳର ରକ୍ଷଣଭାଗ, ମଧ୍ୟଭାଗ ଓ ଅଗ୍ରଭାଗରେ ପ୍ରତିଷ୍ଠିତ ଖେଳାଳିମାନେ ଖେଳୁଛନ୍ତି ଓ ଜବରଦସ୍ତ ଫର୍ମରେ ଅଛନ୍ତି। ଏଣୁ ମରୋକ୍କୋ ଏହି ମ୍ୟାଚ୍‌ରେ ଲଢ଼େଇ କରିପାରେ, କିନ୍ତୁ ଫଳାଫଳ ନିଜ ସପକ୍ଷରେ ନେବା କଷ୍ଟକର ହୋଇପାରେ। ଏଥର ଯଦି ଫ୍ରାନ୍ସ ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୁଏ, ତେବେ ବିଶ୍ୱର ପ୍ରଥମ ଦଳ ଭାବେ କ୍ରମାଗତ ୩ଟି ବିଶ୍ୱକପ୍‌ରେ ଫାଇନାଲ ଖେଳିବାର ରେକର୍ଡ କରିବ। ଅପରପକ୍ଷରେ ଆଫ୍ରିକା ଦେଶ ମରୋକ୍କୋ କ୍ରମାଗତ ଦ୍ୱିତୀୟଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗତଥର ମରୋକ୍କୋ ସେମିଫାଇନାଲରେ ପ୍ରବେଶ କରି ଚତୁର୍ଥ ସ୍ଥାନରେ ରହିଥିଲା।

### ୨୦୨୨ ସେମିରେ ହାରିଥିଲା ମରୋକ୍କୋ

୨୦୨୨ ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମୁକାବିଲାରେ ଫ୍ରାନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ୪ ବର୍ଷ ପରେ ଉଭୟ ଦଳ ସମାନ ନକ୍‌ଆଉଟ୍‌ରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଉଭୟ ଦଳ ମଧ୍ୟରେ ଏଯାଏ ୬ଥର ମୁକାବିଲା ହୋଇଛି। ଏହା ମଧ୍ୟରୁ ଫ୍ରାନ୍ସ ୪ଥର ବିଜୟୀ ହୋଇଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଛି।

## କାନ୍ଦିଲେ ଲିଓନେଲ ମେସି

ଆଟଲାଣ୍ଟା,୮।୭(ଏଜେନ୍ସି): ଇଜିପ୍ଟକୁ ୩-୨ ଗୋଲରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିବା ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଟାଇଟଲ ବଜାୟ ରଖିବା ଆଶା ଉଜ୍ଜୀବିତ ରଖିଛି। ପ୍ରି-କ୍ୱାର୍ଟର ମୁକାବିଲାରେ ଇଜିପ୍ଟ ପ୍ରଥମେ ୨ଟି ଗୋଲ ଦେଇ ୭୮ ମିନିଟ୍ ପର୍ଯ୍ୟନ୍ତ ୨-୦ରେ ଅଗ୍ରଣୀ ରହିଥିଲା। ଏହି ସମୟରେ ପ୍ରଥମାର୍ଦ୍ଧ ଖେଳରେ ଆର୍ଜେଣ୍ଟିନା ପାଇଥିବା ପେନାଲ୍ଟିକୁ ଗୋଲରେ ପରିଣତ କରି ପାରି ନ ଥିଲେ ସୁପରଷ୍ଟାର ଲିଓନେଲ ମେସି। ଏହି ମ୍ୟାଚ୍‌ରେ ଇଜିପ୍ଟର ଗୋଲ ଶୁଝାଇବାକୁ ଆର୍ଜେଣ୍ଟିନା ନାକେଦମ ହୋଇଥିଲା। ବଦଳ ଖେଳାଳି ଭାବେ ମାର୍ଟିନେଜ୍ ଖେଳିବାକୁ ଆସିବା ପରେ ଶେଷ ୧୩ ମିନିଟ୍‌ରେ ୩ଟି ଗୋଲ ଦେଇ ନାଟକୀୟ ଭାବେ ମ୍ୟାଚ୍‌କୁ ଜିତିନେଇଥିଲା। ମେସି ମଧ୍ୟ ଏହା ମଧ୍ୟରେ ଗୋଟିଏ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ମେସିଙ୍କର ଏହା ୮ମ ତଥା ସମସ୍ତ ବିଶ୍ୱକପ୍‌ରେ ସର୍ବାଧିକ ୨୧ଟି ଗୋଲ ସ୍କୋର କରିଛନ୍ତି। କିନ୍ତୁ ସେ ପ୍ରଥମ ଖେଳାଳି ଯିଏକି ଗୋଟିଏ ବିଶ୍ୱକପ୍‌ରେ ୨ଥର ପେନାଲ୍ଟି ମିସ୍ କରିଛନ୍ତି। ମ୍ୟାଚ୍ ପରେ ତାଙ୍କ କାନ୍ଦିବାର କାରଣ ହେଲା ପେନାଲ୍ଟି ମିସ୍ କରିବା। ପେନାଲ୍ଟିରୁ ଯଦି ଗୋଲ ହୋଇଥାନ୍ତା ତେବେ ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି ମେସି ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

## ୭୨ ବର୍ଷ ପରେ କ୍ୱାର୍ଟରରେ ସ୍ୱିଜରଲାଣ୍ଡ



ଭାଙ୍କୋଭର,୮।୭(ଏଜେନ୍ସି): ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲର ଶେଷ ମୁକାବିଲାରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ସୁଟ୍‌ଆଉଟରେ କଲମ୍ବିଆକୁ ପରାସ୍ତ କରିଛି। ଫଳରେ ଆସନ୍ତା ୧୨ ତାରିଖ ସକାଳେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲରେ ସ୍ୱିଜରଲାଣ୍ଡ ସହ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାର ମୁକାବିଲା ହେବ। ୟୁରୋପ ମହାଦେଶରୁ ୬ଷ୍ଠ ଦଳ ଭାବେ ସ୍ୱିଜରଲାଣ୍ଡ ଶେଷ ୮ଟି ଦଳ ମଧ୍ୟରେ ସ୍ଥାନ ପାଇଛି। ସେହିପରି ସ୍ୱିଜରଲାଣ୍ଡ ମଧ୍ୟ ୧୯୫୪ ପରେ ପ୍ରଥମଥର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଠାରେ ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ଗୋଲରେ ବିଜୟୀ ହୋଇଥିଲା। ମଙ୍ଗଳବାର ଆର୍ଜେଣ୍ଟିନା ଓ ଇଜିପ୍ଟ ମୁକାବିଲାରୁ ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ମ୍ୟାଚ୍ ଭାବେ ବିବେଚନା କରାଯାଉଥିଲାବେଳେ ସ୍ୱିଜରଲାଣ୍ଡ ବନାମ କଲମ୍ବିଆ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାକୁ ନିକୃଷ୍ଟ ମ୍ୟାଚ୍ ବୋଲି କୁହାଯାଉଛି।

## ରେଫରୀଙ୍କ ବିରୋଧରେ ଅଭିଯୋଗ ଆଣିଲା ଇଜିପ୍ଟ


ଆଟଲାଣ୍ଟା,୮।୭(ଏଜେନ୍ସି): ଆର୍ଜେଣ୍ଟିନା ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ଆମେ ରେଫରୀଙ୍କ ଯୋଗୁଁ ହାରିଲୁ। ରେଫରୀଙ୍କ ଏଭଳି ପକ୍ଷପାତିତା ଏବଂ ତ୍ରୁଟିଯୁକ୍ତ ନିଷ୍ପତ୍ତି ଯୋଗୁଁ ଇଜିପ୍ଟ ଏବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବଦଳରେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି। ଏଥିଲାଗି ଏହି ମ୍ୟାଚ୍ ପରିଚାଳନା କରୁଥିବା ଫ୍ରାନ୍ସ ରେଫରି ଫ୍ରାଙ୍କୋଇସ୍ ଲେଟେଜିୟର ଓ ତାଙ୍କ ପୂରା ଟିମ୍‌କୁ ବିଶ୍ୱକପ୍‌ରୁ ବହିଷ୍କାର କରିବାକୁ ଫିଫା ନିକଟରେ ଅଭିଯୋଗ କରିଛୁ ବୋଲି ଇଜିପ୍ଟ ଫୁଟବଲ ସଂଘ ସଭାପତି ହାନି ଆବୁରିଡା ଏହା କହିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଉ ଓ ରେଫରୀଙ୍କ



ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆବୁରିଡା ଦାବି କରିଛନ୍ତି। ତାଙ୍କ ଅଭିଯୋଗ ହେଲା ଗୋଲପୋଷ୍ଟ ଏରିଆରେ ଇଜିପ୍ଟର ହାମଦି ପାଥୀଙ୍କୁ ଆର୍ଜେଣ୍ଟିନାର ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଟାଣି ତଳେ ପକାଇଦେଇଥିଲେ। ରେଫରିଙ୍କୁ କିନ୍ତୁ ଦେଖାଗଲାନାହିଁ। ଆମ ଖେଳାଳିମାନେ ରେଫରିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣିଲେନି। ଏହି ଘଟଣାରେ ଆମକୁ ପେନାଲ୍ଟି ମିଳିବା କଥା। କିନ୍ତୁ ଏହା ହୋଇ ନ ଥିଲା। ପୂର୍ବରୁ ମୋସ୍ତାଫା ଜିକୋ ଦେଇଥିବା ଏକ ଗୋଲକୁ ଭିଏଆର ନାକଚ କରିଦେଇଥିଲେ। ଅଭିଯୋଗ ସମାନ ଥିଲା। ଖେଳ ପରେ ଇଜିପ୍ଟ ହେଡ୍ କୋଚ୍ କ୍ରସ୍ ଚିହ୍ନ ଦେଖାଇ ଏହାକୁ ବିରୋଧ କରିଥିଲେ। ତାଙ୍କ ମତରେ ରେଫରି ମେସି ଓ ଆର୍ଜେଣ୍ଟିନାଙ୍କ ପ୍ରତି ଆରମ୍ଭରୁ ଅହେତୁକ ସହାୟତା ଦେଉଥିଲେ। ଯେପରି କି ଆର୍ଜେଣ୍ଟିନା ବିଜୟୀ ହେଉ। ସୂଚନାଯୋଗ୍ୟ ୭୯ ମିନିଟ୍ ଯାଏ ଇଜିପ୍ଟ ୨-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ୧୩ ମିନିଟ୍ ଖେଳରେ ୩ଟି ଗୋଲ ଦେଇ ଏହି ମୁକାବିଲାକୁ ଆର୍ଜେଣ୍ଟିନା ୩-୨ ଗୋଲରେ ନାଟକୀୟ ଭାବେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

## ଆଇସିସି ହଲ୍ ଅଫ୍ ଫେମ୍‌ରେ ଗାଙ୍ଗୁଲି

ହାଇଦରାବାଦ, ୮।୭ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବୁଧବାର ୫୪ତମ ଜନ୍ମଦିବସ ପାଳନ କରିଛନ୍ତି। ଏହି ଅବସରରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗାଙ୍ଗୁଲିଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦିଆଯାଇଥିଲା। 'ଆଇସିସି ହଲ୍ ଅଫ୍ ଫେମ'ରେ ଗାଙ୍ଗୁଲିଙ୍କୁ ସାମିଲ କରାଯାଇଛି। 'ଆଇସିସି ହଲ୍ ଅଫ୍ ଫେମ୍'ରେ ସ୍ଥାନ ପାଇବାରେ ଗାଙ୍ଗୁଲି ୧୦ ଭାରତୀୟ ପୁରୁଷ କ୍ରିକେଟର ହୋଇଛନ୍ତି। ପୂର୍ବରୁ ବିଶନ ସିଂହ ବେଦୀ, କପିଳ ଦେବ, ସୁନିଲ ଗାଭାସ୍କର, ଅନିଲ କୁମ୍ବଲେ, ରାହୁଲ ଦ୍ରାବିଡ, ସଚିନ




ତେନ୍ଦୁଲକର, ଭିନୁ ମଙ୍କଡ, ବୀରେନ୍ଦ୍ର ସେହୱାଗ ଏବଂ ମହେନ୍ଦ୍ର ସିଂ ଧୋନିଙ୍କ ନାମ ଏହି ସମ୍ମାନଜନକ ତାଲିକାରେ ରହିଛି। ଅପରପକ୍ଷରେ ଗାଙ୍ଗୁଲିଙ୍କ ଉପରେ ନିର୍ମିତ ବାୟୋପିକ 'ଦାଦା'ର ପ୍ରଥମ ଲୁକ୍ ମଧ୍ୟ ଆଜି ନିର୍ମାତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଅଭିନେତା ରାଜ କୁମାର ରାଓ ଏହି ଚଳଚ୍ଚିତ୍ରରେ ଗାଙ୍ଗୁଲି ଭୂମିକାରେ ଅଭିନୟ କରୁଛନ୍ତି।

## ୩୬ ବର୍ଷ ପରେ କ୍ୱାର୍ଟରରେ ଅର୍ନବ

ଲଣ୍ଡନ, ୮।୭ (ଏଜେନ୍ସି): ଭାରତର ଅର୍ନବ ପାପାରକର ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ଜୁନିଅର ବାଳକ ବିଭାଗ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ପାପରକର ୬-୨, ୬-୨ ସିଧାସଳଖ ସେଟରେ ଜାପାନର ରୟୋ ତାବାତାଙ୍କୁ ପରାସ୍ତ କରିଥିଲେ। ଏଥିସହ ଦୀର୍ଘ ୩୬ ବର୍ଷ ପରେ ଜଣେ ଭାରତୀୟ ଖେଳାଳି ୱିମ୍ବଲଡନ ଜୁନିଅର କ୍ୱାର୍ଟର ଫାଇନାଲରେ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ କିମ୍ବଦନ୍ତୀ ଖେଳାଳି ଲିଆଣ୍ଡର ପେସ ୧୯୯୦ ସଂସ୍କରଣରେ ଏଠାରେ ବାଳକ କ୍ୱାର୍ଟର ଫାଇନାଲ ଖେଳିବା ସହ ଚାମ୍ପିଅନ ମଧ୍ୟ ହୋଇଥିଲେ। ପାପରକର ଏଥିପୂର୍ବରୁ ରାଉଣ୍ଡ-୩୨ରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଆମେରିକାର କେଟନ ହେନ୍ସଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ।

## ଆଜି ଚତୁର୍ଥ ଟି-୨୦ ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଭାରତ

ବ୍ରିଷ୍ଟଲ,୮।୭(ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟି-୨୦ ସିରିଜର ଚତୁର୍ଥ ମ୍ୟାଚ ଗୁରୁବାର ଖେଳାଯିବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ସିରିଜରେ ୨-୦ ଅଗ୍ରଣୀ ରହିଛି। ଯଦି ଗୁରୁବାର ମ୍ୟାଚରେ ବିଜୟୀ ହୁଏ ତେବେ ଗୋଟିଏ ମ୍ୟାଚ୍ ବାକିଥାଇ ଦଳ ଆଗୁଆ ସିରିଜ କବଜା କରିନେବ। ତେଣୁ ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ କିପରି ଘରୋଇ ଦଳକୁ ମୁକାବିଲା କରିବ ତାହାକୁ ନେଇ ଚିନ୍ତାରେ ପଡ଼ିଛି। ଭାରତୀୟ ଦଳର ଏଭଳି ସ୍ଥିତି ପୂର୍ବରୁ କେବେ ହୋଇ ନ ଥିଲା। ବିଶେଷ କରି ଟ୍ରେଣ୍ଟବ୍ରିଜ୍‌ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟର ଇଂଲଣ୍ଡର ସୁଇଂ, ସର୍ଟପିଚ୍ ଓ ଷ୍ଟମ୍ପ୍ ଉପରେ ରହୁଥିବା ବଲର ଆଦୌ ମୁକାବିଲା କରି ପାରି ନ ଥିଲେ। ଫଳରେ ଦଳ ମାତ୍ର ୭୬ ରନ୍‌ରେ ଅଲଆଉଟ ହୋଇ ୧୨୫ ରନରେ ଲଜ୍ଜାଜନକ ପରାଜୟ ବରଣ କରିବାକୁ ପଡ଼ିଥିଲା। ଟି-୨୦ରେ ଭାରତର ଏହା ସର୍ବବୃହତ୍ ପରାଜୟ। ଏଣୁ ଭାରତ ଏବେ କିପରି ଇଂଲଣ୍ଡ ପରିବେଶରେ ସେମାନଙ୍କ ବୋଲରଙ୍କୁ ମୁକାବିଲା କରିବ ତାହାକୁ ନେଇ ନିଦ ହଜିଯାଇଛି। କୋଚ୍ ଗୌତମ ଗମ୍ଭୀର ହୁଅନ୍ତୁ କିମ୍ବା ଅଧିନାୟକ ଶ୍ରେୟସ ଆୟର, ସମସ୍ତେ ଚିନ୍ତାରେ ପଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍ ବଞ୍ଚାଇବାକୁ ହେଲେ ଚତୁର୍ଥ ମ୍ୟାଚ୍‌କୁ ଜିତିବା ଜରୁରୀ ହୋଇପଡ଼ିଛି। ଯଦି ଭାରତ ପରାଜୟବରଣ କରେ ତେବେ କ୍ରମାଗତ ଦୁଇଟି ଟି-୨୦ ସିରିଜ ହାରିବ। ଏଥିପୂର୍ବରୁ ଗତ ମାସ ଶେଷ ସପ୍ତାହରେ ଘରୋଇ ଆୟର୍ଲାଣ୍ଡ ନିକଟରୁ ଭାରତ ଲଜ୍ଜାଜନକ ଭାବେ ୨-୦ରେ ସିରିଜ ପରାସ୍ତ ହୋଇଥିଲା।

## ବ୍ୟୁମଣ୍ଟଙ୍କ ଅବସର

ଲଣ୍ଡନ, ୮।୭ (ଏଜେନ୍ସି): ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ବରିଷ୍ଠ ବ୍ୟାଟର୍ ତାମୀ ବ୍ୟୁମଣ୍ଟ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି।



ଶୁକ୍ରବାରଠାରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ତାଙ୍କ କ୍ୟାରିୟରର ଅନ୍ତିମ ମୁକାବିଲା ହେବ। ୩୫ ବର୍ଷୀୟା ବ୍ୟୁମଣ୍ଟ ଅଦ୍ୟାବଧି ଇଂଲଣ୍ଡ ପାଇଁ ୧୧ ଟେଷ୍ଟ, ୧୪୦ ଦିନିକିଆ ଓ ୧୦୯ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୧୨, ୪୭୩୮ ଓ ୧୯୭୫ ରନ ସଂଗ୍ରହ କରିଛନ୍ତି। ହେଥର ନାଇଟ୍‌ଙ୍କ ପରେ ଦ୍ୱିତୀୟ ଇଂଲଣ୍ଡ ମହିଳା କ୍ରିକେଟର୍ ଭାବେ ସେ ତିନୋଟି ଯାକ ଫର୍ମାଟ୍‌ରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି।




## ୱିମ୍ବଲଡନ: ସେମିରେ ନୋଭାକ୍, ନୋସ୍କୋଭା



ଲଣ୍ଡନ, ୮।୭ (ଏଜେନ୍ସି):

ସର୍ବିୟା ତାରକା ନୋଭାକ ଜୋକୋଭିଚ୍ ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏକ କଷ୍ଟସାଧ କ୍ୱାର୍ଟର ଫାଇନାଲ ମୁକାବିଲାରେ ୭ମ ସିଡ୍ ଜୋକୋଭିଚ୍ ୭-୬ (୧୨/୧୦), ୩-୬, ୬-୩, ୬-୭ (୪/୭), ୭-୬ (୧୦/୪) ସେଟରେ କାନାଡାର ଫେଲିକ୍ସ ଆଗୁଏର-ଆଲିଆସିମେଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ଜୋକୋଭିଚଙ୍କୁ ୫ ଘଣ୍ଟା ୧୫ ମିନିଟ୍ ସମୟ ଲାଗିଥିଲା। ୱିମ୍ବଲଡନ ଇତିହାସର ଏହା ସର୍ବାଧିକ ସମୟ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଛି। ଯେଉଁଥିରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଛନ୍ତି। ଗୁରୁବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ହେବ। ସେହିଭଳି ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ଓ ଘରୋଇ ଖେଳାଳି ଆର୍ଥର ଫେରୀ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଓପନ ଏରାରେ ପ୍ରଥମ ୱାଇଲ୍ଡକାର୍ଡ ଖେଳାଳି ଭାବେ ଫେରୀ ଅନ୍ତିମ-୪ରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଚେକ ଗଣରାଜ୍ୟର ଲିଣ୍ଡା ନୋସ୍କୋଭା ଏଠାରେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ୯ମ ସିଡ୍ ନୋସ୍କୋଭା ୬-୩, ୭-୫ ସିଧାସଳଖ ସେଟରେ ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ହରାଇଥିଲେ। ଫଳରେ ନୋସ୍କୋଭା କ୍ୟାରିୟରର ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୧ ବର୍ଷୀୟା ନୋସ୍କୋଭା ଗୁରୁବାର ସେମିଫାଇନାଲରେ ୟୁକ୍ରେନର ମାର୍ତା କୋସ୍ଟ୍ୟୁକଙ୍କୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS